# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୩୦/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, June 30/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 215 | ମୂଲ୍ୟ ₹୭/-




## ଆୟୁଷ ଫାଇନାଲରେ

ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ଆୟୁଷ ଶେଟ୍ଟି।

୧୨

୦୨

## ବଲିଉଡ୍‌ରେ ୨୫ ବର୍ଷ ପୂରା କଲେ ଜୁନିୟର ବଚ୍ଚନ

ଅଭିନେତା ଅଭିଷେକ ବଚ୍ଚନ ଫିଲ୍ମ ଇଣ୍ଡଷ୍ଟ୍ରିରେ ୨୫ ବର୍ଷ ପୂରଣ କରିଛନ୍ତି। ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଏକ୍ସ'ରେ ଏକ ପୋଷ୍ଟକରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ପୁରୀ ଶରଧାବାଲିରେ ଥିବା ତାଳଧ୍ୱଜ ରଥରୁ ରବିବାର ସନ୍ଧ୍ୟାରେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡି କରି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ନିଆଯାଉଛି। **(ଫଟୋ-ଯଜ୍ଞେଶ୍ୱର ମହାନ୍ତି)**

# ଜନ୍ମବେଦିରେ ଦାରୁଦିଅଁ

## ଆଜିଠୁ ଭକ୍ତ ପାଇବେ ଆଡ଼ପ ଅବଢ଼ା

ପୁରୀ,୨୯।୬ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ରଥତ୍ରୟ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ରହିଛି। ରବିବାର ରଥ ଉପରେ ନୀତିକାନ୍ତି ସରି ଚାରମାଳ ବନ୍ଧାହେବା ପରେ ଗୋଟିପହଣ୍ଡିରେ ଶ୍ରୀବିଗ୍ରହମାନେ ଆଡ଼ପମଣ୍ଡପକୁ ବିଜେ କରିଛନ୍ତି। ସୋମବାରଠାରୁ ଭକ୍ତଙ୍କୁ ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ। ସେହିପରି ସୋମବାରଠାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇବେ।

ଆଡ଼ପ ପହଣ୍ଡି ନିମନ୍ତେ ରବିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷ ୬ଟା ୧୫ରୁ ୬ଟା ୨୫ ମଙ୍ଗଳ ଆଳତି, ମଇଲମ ୬ଟା ୨୫ରୁ ୬ଟା ୩୫, ତଡ଼ପଲାଗି ୬ଟା ୩୦ରୁ ୬ଟା ୪୫ ମଧ୍ୟରେ ସମ୍ପନ୍ନ ହୋଇଥିଲା। ତିନିରଥରେ ଅବକାଶ ନୀତି ୬ଟା ୫୦ରୁ ୭ଟା ୧୫, ବେଶ ଶେଷ ୭ଟା ୧୦ରୁ ୭ଟା ୪୦, ଗୋପାଳ ବଲ୍ଲଭ ୮ଟା ୩୦ରୁ ୯ଟା ୦୫, ସକାଳଧୂପ ଶେଷ ୯ଟା ୨୦ରୁ ୧୦ଟା ୩୦, ମଇଲମ ୧୦ଟା ୩୦ରୁ ୧୦ଟା ୫୦, ଯାତ୍ରାଙ୍ଗୀ ମହାସ୍ନାନ ଶେଷ ୧୧ଟା ୩୦, ସର୍ବାଙ୍ଗ ୧୧ଟା ୩୫, ବେଶ ୧୧ଟା ୪୦, ତିନି ରଥର ମଧ୍ୟାହ୍ନ ଧୂପ ଶେଷ ୧୨ଟା ୫୦, ସନ୍ଧ୍ୟା ଆଳତି ୧ଟା ୨୫, ସନ୍ଧ୍ୟାଧୂପ ୨ଟା ୪୫, ସିଂହାସନ ମାଜଣା ପରେ ତିନି ରଥର ଘୋଡ଼ାଫିଟା ଓ ଚାରମାଳ ବନ୍ଧା ହୋଇଥିଲା। ମୁଦିରସ୍ତଙ୍କ ଦ୍ୱାରା ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ଶ୍ରୀବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ୭ ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ, ପରେ ରାମକୃଷ୍ଣ ଓ ଶେଷରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ସେହିପରି ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ପରେ ଦେବୀ ସୁଭଦ୍ରା ☞ପୃଷ୍ଠା-୪

## ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିଯୁକ୍ତ



ଭୁବନେଶ୍ୱର,୨୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକସ୍ତରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏସଂକ୍ରାନ୍ତରେ ରବିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୬ ବ୍ୟାଚ୍‌ର ଆଇଏଏସ୍ ତଥା ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଅତିରିକ୍ତ ଦାୟିତ୍ୱରେ ଥିବା ଇଡ୍‌କୋର ଅଧ୍ୟକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଶାଶ୍ୱତ ଅର୍ଥ ବିଭାଗର ପ୍ରମୁଖ ସଚିବ ସହିତ ଇଡ୍‌କୋର ଅଧ୍ୟକ୍ଷ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବୟସରେ ପୂର୍ଣ୍ଣଚ୍ଛେଦ


# ଶରଧାବାଲିରେ ଦଳାଚକଟା: ୩ ମୃତ

ଅଘଟଣଶୂନ୍ୟ ରଥଯାତ୍ରା ସହ ଦିବ୍ୟ ଅନୁଭୂତି ନେଇ ଶ୍ରଦ୍ଧାଳୁମାନେ ପୁରୀରୁ ଫେରିବେ ବୋଲି ଲକ୍ଷ୍ୟ ରଖିଥିଲେ ସରକାର। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ମଧ୍ୟ କରିଥିଲେ। ହେଲେ ଦାୟିତ୍ୱରେ ଥିବା ପ୍ରଶାସନିକ ଏବଂ ପୋଲିସ ଅଧିକାରୀଙ୍କ ଅବହେଳାରୁ ଏବେ ସରକାରଙ୍କୁ ବଦନାମ ମୁଣ୍ଡାଇବାକୁ ପଡ଼ିଛି। ଗୁଣ୍ଡିଚା ଦିନ ବିଳମ୍ବରେ ରଥଟଣାକୁ ନେଇ ବିବାଦ ଥମି ନ ଥିବାବେଳେ ଶରଧାବାଲିରେ ରଥ ଉପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସମୟରେ ଦଳାଚକଟାରେ ୩ ଭକ୍ତଙ୍କ ଜୀବନ ଯିବା ସହ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ଘଟଣା ରବିବାର ଭୋର ସମୟରେ ଘଟିଥିବାବେଳେ ଏହାକୁ ନେଇ ସରକାର ବିବାଦ ମଧ୍ୟକୁ ଟାଣି ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ ବ୍ୟକ୍ତିଗତ ଏବଂ ସରକାରଙ୍କ ପକ୍ଷରୁ କ୍ଷମାପ୍ରାର୍ଥନା କରିଛନ୍ତି। ସେ ଏଭଳି ଅବହେଳାକୁ ଅକ୍ଷମଣୀୟ ବୋଲି କହିବା ସହ ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବୀନିତ୍ ଅଗ୍ରୱାଲଙ୍କୁ ତୁରନ୍ତ ବଦଳି କରିଛନ୍ତି। ଡିସିପି ବିଷ୍ଣୁ ପତି ଏବଂ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ନିଲମ୍ବିତ କରାଯାଇଛି। ନୂଆ ଜିଲାପାଳ ଭାବେ ଚଞ୍ଚଳ ରାଣା ଏବଂ ପିନାକ ମିଶ୍ରଙ୍କୁ ଏସ୍‌ପି ଦାୟିତ୍ୱ ଦିଆଯାଇଛି। ଏଥିସହିତ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲଙ୍କୁ ଅତିରିକ୍ତଭାବେ ରଥଯାତ୍ରା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି ଅଘଟଣକୁ ନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ବେଗ ପ୍ରକାଶ କରି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେନେଇ ସରକାର ଯତ୍ନବାନ ହେବା ଜରୁରୀ ବୋଲି ସେ କହିଛନ୍ତି। ଅପରପକ୍ଷରେ ସରକାରଙ୍କ ଦାୟିତ୍ୱହୀନତାରୁ ଏଭଳି ଅଘଟଣ ଘଟିଲା ବୋଲି ବିରୋଧୀ ରାଜନୈତିକ ଦଳ ପକ୍ଷରୁ କୁହାଯାଇଛି।


- **ଅବହେଳା ଅକ୍ଷମଣୀୟ: ମୁଖ୍ୟମନ୍ତ୍ରୀ**
- **ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏ ସହାୟତା**
- **ବଦଳିଲେ ଜିଲାପାଳ, ଏସ୍‌ପି**
- **ଉଦ୍‌ବେଗ ପ୍ରକାଶ କଲେ ଗଜପତି ମହାରାଜା**
- **ଚଞ୍ଚଳ ରାଣା ନୂଆ ଜିଲାପାଳ, ପିନାକ ମିଶ୍ର ଏସ୍‌ପି**
- **ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରା ପରିଚାଳନା ଦାୟିତ୍ୱ**
- **ସରକାରଙ୍କ ଦାୟିତ୍ୱହୀନତାରୁ ଅଘଟଣ: ବିରୋଧୀ**



ପୁରୀ,୨୯।୬ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ତୃତୀୟ ଦିନ ରବିବାର ଭୋର ପ୍ରାୟ ୪ଟା ୨୦ରେ ଏକ ବଡ଼ ଅଘଟଣ ଘଟିଛି। ଶରଧାବାଲିରେ ରଥାରୂଢ଼ ଦାରୁଦିଅଁଙ୍କୁ ଦର୍ଶନ କରିବା ପାଇଁ ୩ ରଥ ସମ୍ମୁଖରେ ଦଳାଚକଟା ଯୋଗୁ ତଳେ ପଡ଼ି ୩ ଭକ୍ତଙ୍କ ଜୀବନ ଯାଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋବର୍ଦ୍ଧନପୁର ଅଞ୍ଚଳର ବାସନ୍ତୀ ସାହୁ (୩୬), ବାଲିପାଟଣା ବ୍ଲକ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସ (୫୨) ଏବଂ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ପ୍ରେମାକାନ୍ତ ମହାନ୍ତି (୭୮)। ଆହତମାନଙ୍କୁ ଉଦ୍ଧାର ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପାଇଁ ଶ୍ରଦ୍ଧାଳୁମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନର ଦାୟିତ୍ୱହୀନତାକୁ ଦୋଷ ଦେଇଛନ୍ତି। ଘଟଣାସ୍ଥଳରେ ପୋଲିସ କି ଆମ୍ବୁଲାନ୍ସ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିବା ସହ ପରିଚାଳନାଗତ ବିଫଳତା କାରଣରୁ ଏହି ଅଘଟଣ ଘଟିଲା ବୋଲି ମତବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ରାତିରେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ସହସ୍ରାଧିକ ଭକ୍ତ ଆସିଥିଲେ। ତେବେ ଠାକୁରଙ୍କ ପହୁଡ଼ ପଡ଼ିଥିବାରୁ ଅନେକ ଭକ୍ତ ରଥ ସମ୍ମୁଖରେ ଶୋଇପଡ଼ିଥିଲେ। ରବିବାର ଭୋର୍ ପ୍ରାୟ ୪ଟା ୨୦ରେ ପହୁଡ଼ ଖୋଲା ହେବା ପରେ ☞ପୃଷ୍ଠା-୪

## ଗଜପତି ମହାରାଜାଙ୍କ ଦୁଃଖପ୍ରକାଶ



ମହାରାଜା ଦିବ୍ୟସିଂହ ଦେବ

ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ହୋଇ ୩ ଭକ୍ତଙ୍କ ପ୍ରାଣହାନି ଏବଂ କେତେଜଣ ଆହତ ହେବା ଘଟଣାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା କହିଛନ୍ତି, ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଗଜପତି ମହାରାଜା ମହାପ୍ରଭୁଙ୍କ ଶ୍ରୀଚରଣ କମଳରେ ନିବେଦନ କରିବ ସହିତ ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଏହାର ତୁରନ୍ତ ବ୍ୟାପକ ତଦନ୍ତ କରାଯିବା ସହ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଗଜପତି ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା



ମୋହନ ଚରଣ ମାଝୀ

ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠାଜନିତ ଠେଲାପେଲା କାରଣରୁ ଘଟିଥିବା ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମାପ୍ରାର୍ଥନା କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ'ରେ କହିଛନ୍ତି, 'ଏହି ଅଘଟଣ ପାଇଁ ବ୍ୟକ୍ତିଗତ ☞ପୃଷ୍ଠା-୪

## ଜୀବନହାନି ଗ୍ରହଣୀୟ ନୁହେଁ: ରାହୁଲ



ରାହୁଲ ଗାନ୍ଧୀ

ପୁରୀ ଦଳାଚକଟାରେ ୩ ଭକ୍ତଙ୍କ ମୃତ୍ୟୁ ଘଟିବାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୋକବ୍ୟକ୍ତ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ଦଳାଚକଟା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଲୋକଙ୍କ ଜୀବନରକ୍ଷାକୁ ସର୍ବାଧିକ ପ୍ରାଥମିକତା ☞ପୃଷ୍ଠା-୪

# ମାଉଣ୍ଟ ଏଲ୍‌ବ୍ରସ୍‌ରେ ଚଢ଼ିଲେ ୬ ବର୍ଷୀୟ ତେଘବୀର

ଚଣ୍ଡିଗଡ଼, ୨୯।୬

ପଞ୍ଜାବର ରୋପର ଜିଲା ନିବାସୀ ତେଘବୀର ସିଂ(୬) ୟୁରୋପ ମହାଦେଶର ସବୁଠାରୁ ବଡ଼ ପର୍ବତ ମାଉଣ୍ଟ ଏଲ୍‌ବ୍ରସ୍‌ରେ ଚଢ଼ି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ରୁଷିଆରେ ଅବସ୍ଥିତ ୧୮,୫୧୦ ଫୁଟ (୫,୬୪୨ ମିଟର) ଉଚ୍ଚତାର ଏହି ଗିରି ଶୃଙ୍ଗର ଶିଖରକୁ ଚଢ଼ିବାରେ ତେଘବୀର ବିଶ୍ୱର ସର୍ବକନିଷ୍ଠ ବ୍ୟକ୍ତି ହୋଇପାରିଛନ୍ତି। ସେ ଗତ ୨୦ ତାରିଖରୁ ମାଉଣ୍ଟ ଏଲ୍‌ବ୍ରସରେ ନିଜର ଏହି ପର୍ବତାରୋହଣ ଯାତ୍ରା ଆରମ୍ଭ କରିଥିଲେ। ଶନିବାର ସେ ଗିରିଶୃଙ୍ଗର ସର୍ବୋଚ୍ଚ ଶିଖରରେ ପହଞ୍ଚି ଇତିହାସ ରଚିଥିଲେ। ସାଧାରଣତଃ ମାଉଣ୍ଟ ଏଲ୍‌ବ୍ରସ୍‌ରେ ଚଢ଼ିବା ସମୟରେ କମ୍ ଅମ୍ଳଜାନ ଏବଂ ଅସୁସ୍ଥତା ସହ ଜଡ଼ିତ ବିଭିନ୍ନ ସମସ୍ୟାରେ ପର୍ବତାରୋହୀମାନେ ପଡ଼ିଥାନ୍ତି। ତେବେ ଏସମସ୍ତ ଚ୍ୟାଲେଞ୍ଜକୁ ପରାସ୍ତ କରି ତେଘବୀର ସଫଳତାର ସହ ମାଉଣ୍ଟ ଏଲ୍‌ବ୍ରସ୍‌ର ଶିଖରରେ ପହଞ୍ଚିଥିଲେ, ☞ପୃଷ୍ଠା-୪

**ଭାରତୀୟ ବାଳକଙ୍କ ବିଶ୍ୱ ରେକର୍ଡ**



ତେଘବୀର ସିଂ

# ୪୭୭ ଡ୍ରୋନ୍, ୬୦ ମିଶାଇଲ ଆକ୍ରମଣ

୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ହେଉଥିବା ଅନ୍ତର୍ଜାତୀୟ ଉଦ୍ୟମରେ ପାଣି ପକାଇବା ଭଳି କାର୍ଯ୍ୟ କରିଛି ମସ୍କୋ। ରୁଷୀୟ ସେନା ପକ୍ଷରୁ ଶନିବାର ରାତି ସାରା ୟୁକ୍ରେନ୍ ଉପରେ ଆକାଶମାର୍ଗରୁ ବଡ଼ ଆକ୍ରମଣ କରାଯାଇଛି। ୟୁକ୍ରେନ୍ ଉପରକୁ ରୁଷିଆ ୪୭୭ ଡ୍ରୋନ୍ ଓ ୬୦ ମିଶାଇଲ୍ ଛାଡ଼ିଛି। ତେବେ ସେଥିରୁ ୨୪୭ଟିକୁ ୟୁକ୍ରେନୀୟ ସୈନ୍ୟ ଖସାଇବାରେ ସକ୍ଷମ ହୋଇଛନ୍ତି। ୨୨୬ଟିକୁ ବୈଦ୍ୟୁତିକ ଉପାୟରେ ଜାମ୍ କରି ଦିଆଯାଇଥିବା ରବିବାର ୟୁକ୍ରେନ୍ ବାୟୁସେନା ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣରେ ୨ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରୀୟ ଚେର୍କାସି ରିଜିଅନ୍‌ର ଜଣେ ଶିଶୁଙ୍କ ସମେତ ଅନ୍ୟୁନ ୧୨ ଜଣ ଆହତ ହୋଇଛନ୍ତି। ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ଏଫ୍-୧୬ ଯୁଦ୍ଧବିମାନର ଜଣେ ପାଇଲଟ୍ ପ୍ରାଣ ହରାଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ସମେତ ପାଶ୍ଚାତ୍ୟ ସହଯୋଗୀଙ୍କୁ ଅଧିକ ଏୟାର ଡିଫେନ୍ସ ସହାୟତା ମାଗିଛନ୍ତି।

**ଆକାଶମାର୍ଗରୁ ୟୁକ୍ରେନ୍‌କୁ ରୁଷିଆର ଟାର୍ଗେଟ**



ରୁଷିଆର ମିଶାଇଲ୍ ମାଡ଼ରେ ୟୁକ୍ରେନ୍‌ର ଖାର୍‌କିଭ୍ ଅଞ୍ଚଳରେ ଥିବା ଏକ ବିଲ୍ଡିଂ ଜଳିଯାଉଛି।

କିଭ୍/ମସ୍କୋ,୨୯।୬(ରଏଟର୍ସ/ଏପି)

୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ସେବେଠୁ ଯୁଦ୍ଧରେ ଉଭୟ ପକ୍ଷଙ୍କ ବହୁ ଧନଜୀବନ ହାନି ହେଲାଣି। ଯୁଦ୍ଧ ଆଗକୁ ନ ବଢ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରମୁଖ୍ୟ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଉଛନ୍ତି। ☞ପୃଷ୍ଠା-୪


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ବିଶେଷ ସୂଚନା**

No.T- : ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୩୦.୦୬.୨୦୨୫ରିଖ ସୋମବାର ଦିନ ୟୁନିଟ୍ ୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଅନିବାର୍ଯ୍ୟ କାରଣବଶତଃ ସ୍ଥଗିତ ରହିବ।

ଏହି ଅଭିଯୋଗ ଶୁଣାଣି ପାଇଁ online ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ।

ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0160/2526

# ମୌସୁମୀ ଆଣିଲା ବିପର୍ଯ୍ୟୟ


ହିମାଚଳ ପ୍ରଦେଶର ସୈଞ୍ଜଠାରେ ବନ୍ୟାରେ ନିଖୋଜ ବ୍ୟକ୍ତିମାନଙ୍କ ସନ୍ଧାନରେ ଏନ୍‌ଡିଆର୍‌ଏଫ୍ ଯବାନ।


ଶିମ୍‌ଲାରେ ପ୍ରବଳ ବର୍ଷା ଯୋଗୁ ଉପୁଡ଼ିପଡ଼ିଥିବା ଗଛ ତଳେ ଏକ କାର୍ ଚାପି ହୋଇଯାଇଛି।

ନୂଆଦିଲ୍ଲୀ/ଶିମଲା/ଉତ୍ତରକାଶୀ, ୨୯।୬ (ପି.ଟି.)

- ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା, ୨ ମୃତ
- ହିମାଚଳରେ ଭୂସ୍ଖଳନ, ରେଳ ସେବା ବାଧାପ୍ରାପ୍ତ
- ଅନେକ ରାଜ୍ୟକୁ ଆଇଏମ୍‌ଡିର ରେଡ୍ ଆଲର୍ଟ

ସମଗ୍ର ଦେଶରେ ମୌସୁମୀ ପହଞ୍ଚିଥିବା ନେଇ ରବିବାର ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ସ୍ୱାଭାବିକଠାରୁ ସପ୍ତାହେ ଆଗରୁ ପହଞ୍ଚିଥିବା ନେଇ ଆଇଏମ୍‌ଡି କହିଛି। ମୌସୁମୀ ପ୍ରଭାବରେ ଭାରତର ବିଭିନ୍ନ ରାଜ୍ୟରେ ଲଗାଣ ବର୍ଷା ହେବା ସହ ବନ୍ୟା, ଭୂସ୍ଖଳନ ପରି ବିପର୍ଯ୍ୟୟ ଲୋକଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ରବିବାର ସକାଳେ ବାଦଲଫଟା ବର୍ଷା ହେବାରୁ ଏହାର ପ୍ରଭାବରେ ଭୂସ୍ଖଳନ ଘଟିଥିଲା। ଏହି ଭୂସ୍ଖଳନ ପ୍ରଭାବରେ ଯମୁନେତ୍ରୀ ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ଆଶ୍ରୟ ସ୍ଥଳ ନଷ୍ଟ ହୋଇଯାଇଛି। ଉକ୍ତ ଆଶ୍ରୟସ୍ଥଳରେ ୨୯ ଜଣ ଶ୍ରମିକ ଥିବା ବେଳେ ସେଥିମଧ୍ୟରୁ ୨୦ ଜଣଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ୨ ଜଣଙ୍କ ମୃତଦେହ ମିଳିଥିବା ବେଳେ ଅନ୍ୟ ୭ ଜଣ ଶ୍ରମିକ ନିଖୋଜ ରହିଛନ୍ତି। ଉଦ୍ଧାରକାରୀ ଦଳ ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛନ୍ତି। ରାଜ୍ୟର ସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଚାରଧାମ ଯାତ୍ରାକୁ ଗୋଟିଏ ଦିନ ପାଇଁ ସ୍ଥଗିତ ରଖାଯାଇଛି। ସୋମବାର ଯାତ୍ରାର ମାର୍ଗଗୁଡ଼ିକର ସ୍ଥିତିକୁ ସମୀକ୍ଷା କରିବା ପରେ ଯାତ୍ରା ସମ୍ପର୍କିତ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଗଡ଼ୱାଲ କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି। ସୋମବାର ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଉତ୍ତରକାଶୀ ସମେତ ରୁଦ୍ର ପ୍ରୟାଗ, ଡେରାଡୁନ୍, ଟେହେରି, ପୌରି, ହରିଦ୍ୱାର, ନୈନିତାଲ ଆଦି ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଆଇଏମ୍‌ଡି ରେଡ ଆଲର୍ଟ ଜାରି କରିଛି। ଅନ୍ୟପକ୍ଷେ ଗତ ୨୦ ତାରିଖରେ ହିମାଚଳ ପ୍ରଦେଶରେ ମୌସୁମୀ ପହଞ୍ଚିବା ପରେ ବର୍ଷାଜନିତ ବିଭିନ୍ନ ଘଟଣାରୁ ରାଜ୍ୟରେ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ଭୀଷଣ ବର୍ଷା ପାଇଁ ରାଜ୍ୟର ୧୦ ଜିଲାକୁ ଶିମଲାସ୍ଥିତ ରାଜ୍ୟର ପାଣିପାଗ କେନ୍ଦ୍ର ରେଡ୍ ୱାର୍ନିଂ ଜାରି କରିଛି। ଶିମଲା ଏବଂ ଚଣ୍ଡିଗଡ଼କୁ ଯୋଡୁଥିବା ଶିମଲା ଜାତୀୟ ରାଜପଥର କୋଟି ନିକଟରେ ଭୂସ୍ଖଳନ ଘଟିଛି। ଏହାଫଳରେ ରାଜପଥର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି, ଯାହାଦ୍ୱାରା ୨ରୁ ୩ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ସ୍ଥିତି ଦେଖାଦେଇଛି। ସେହିପରି ଲଗାଣ ବର୍ଷା ଯୋଗୁ ରାଜ୍ୟର ଶିମ୍‌ଲା-କାଲ୍‌କା ରେଳ ଲାଇନରେ ଅନେକ ଗଛ ଉପୁଡ଼ି ଟ୍ରାକ୍ ଉପରେ ପଡ଼ିଥିବାରୁ ସେଠାରେ ଟ୍ରେନ୍ ସେବାକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ରାଜ୍ୟର ବାଦ୍ଦି ଅଞ୍ଚଳରେ ଥିବା ବିଭିନ୍ନ ନଦୀ ଫୁଲିବାରେ ଲାଗିଛି, ଯାହାଫଳରେ ଶିବାଲିକ ନଗର ସହର ନିକଟସ୍ଥ ଜାଦମାଜରି ଗ୍ରାମର ଘରଗୁଡ଼ିକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ପ୍ରବେଶ କରିଛି।

ଅନ୍ୟପକ୍ଷେ ମଙ୍ଗଳବାର ପର୍ଯ୍ୟନ୍ତ ଲଗାଣ ବର୍ଷା ପାଇଁ ଆଇଏମ୍‌ଡି ପକ୍ଷରୁ ରାଜସ୍ଥାନ, ହରିୟାଣା, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟର ଅନେକ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଝାଡ଼ଖଣ୍ଡର ସିଂଭୂମ୍ ଜିଲାରେ ଏକ ଘରୋଇ ଆବାସିକ ବିଦ୍ୟାଳୟ ଜଳମଗ୍ନ ହୋଇଯିବାରୁ ଶନିବାର ସେଠାରେ ୧୬୨ ଜଣ ଛାତ୍ରୀଛାତ୍ର ଫସିରହିଥିଲେ। ଅନେକ ଘଣ୍ଟା ଧରି ଫସି ରହିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଛି।

## ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ: ଆର୍‌ଏସ୍‌ଏସ୍ ସହ ହୋଇନି ସହମତି

ନୂଆଦିଲ୍ଲୀ,୨୯।୬

- କେନ୍ଦ୍ର ସରକାର ଓ ଶାସକ ଦଳରେ ସାଙ୍ଗଠନିକ ପରିବର୍ତ୍ତନ ଚାହୁଁଛି ଆର୍‌ଏସ୍‌ଏସ୍
- ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ ରାଜ୍ୟରେ ଭାଜପାର ସାଂଗଠନିକ ନିର୍ବାଚନ ଶେଷ ହୋଇଛି

ଭାଜପାର ବର୍ତ୍ତମାନର ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ବିଳମ୍ବିତ ହେଉଛି। ଏହାକୁ ନେଇ ଭାଜପାର ଶୀର୍ଷ ନେତୃତ୍ୱ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମଧ୍ୟରେ ଅଚଳାବସ୍ଥା ଲାଗିରହିଛି। ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ଶେଷ ହେବାକୁ ଥିବାବେଳେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଇତିମଧ୍ୟରେ ବର୍ଷେ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ହୋଇପାରି ନାହିଁ। ୨୦୧୯ରେ ଅମିତ୍ ଶାହା ଦଳ ଅଧ୍ୟକ୍ଷ ଥାଇ ଜେ.ପି. ନଡ୍ଡାଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା ଏବଂ ୨୦୨୦ ଜାନୁଆରୀରେ ତାଙ୍କୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ପଦୋନ୍ନତି ଦିଆଯାଇଥିଲା। ୨୦୨୪ ଜୁନ୍‌ରେ ମଧ୍ୟ ଅନୁରୂପ ଭାବେ ଜଣଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇପାରିଥାନ୍ତା ବୋଲି ଦଳର କେତେଜଣ ନେତା କହିଛନ୍ତି।

ଭାଜପା ଅଧ୍ୟକ୍ଷ ମନୋନୟନ ନେଇ ଆର୍‌ଏସ୍‌ଏସ୍ ନିଜ ମତାମତ ଦେଇସାରିଥିବା ଏହାର କାର୍ଯ୍ୟକର୍ତ୍ତା କହିଛନ୍ତି। ସଂଘ ବାଢ଼ିଥିବା ସର୍ତ୍ତ ଅନୁଯାୟୀ, ପରବର୍ତ୍ତୀ ଅଧ୍ୟକ୍ଷ ସାଂଗଠନିକ ଦୃଷ୍ଟିରୁ ସୁଦୃଢ଼ ହୋଇଥିବେ ଏବଂ ନିଯୁକ୍ତି ଜରିଆରେ ରାଜନୈତିକ ବାର୍ତ୍ତା ଦେବାକୁ ପ୍ରାଥମିକତା ଦେଉ ନ ଥିବେ। ଏଥିସହିତ ସରକାରରେ ଅଦଳବଦଳ ସମେତ ସାଂଗଠନିକ ପରିବର୍ତ୍ତନ ପାଇଁ ଆର୍‌ଏସ୍‌ଏସ୍ ଚାହୁଁଛି। ଜୁଲାଇ ୪ରେ ଦିଲ୍ଲୀରେ ଆର୍‌ଏସ୍‌ଏସ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି, ଯେଉଁଥିରେ ଏହାର ମୁଖ୍ୟ ମୋହନ ଭାଗବତ, ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ଏବଂ ୬ ଜଣ ଯୁଗ୍ମ ସାଧାରଣ ସମ୍ପାଦକ ଯୋଗଦେବେ। ପରବର୍ତ୍ତୀ ଅଧ୍ୟକ୍ଷ ଚୟନ ଚୂଡ଼ାନ୍ତ କରିବା ନେଇ ଏହି ବୈଠକରେ ଭାଜପା ନେତୃତ୍ୱ ଆର୍‌ଏସ୍‌ଏସ୍ ନେତାମାନଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନୂଆ ଅଧ୍ୟକ୍ଷ ଦଳରେ ବଡ଼ ଧରଣର ପରିବର୍ତ୍ତନ କରିବେ। ବର୍ତ୍ତମାନର ସାଧାରଣ ସମ୍ପାଦକମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଯୁବ ନେତୃତ୍ୱଙ୍କୁ ସୁଯୋଗ ଦିଆଯିବ ବୋଲି ଭାଜପାର ବରିଷ୍ଠ ନେତା କହିଛନ୍ତି। ଆଗକୁ କେତେକ ପ୍ରମୁଖ ରାଜ୍ୟରେ ନିର୍ବାଚନ ଥିବାରୁ ସଂଗଠନକୁ ମଜଭୁତ କରିବା ଲାଗି ପ୍ରଭାବଶାଳୀ ନେତାଙ୍କୁ ଭାଜପା ସଂସଦୀୟ ବୋର୍ଡରେ ସାମିଲ କରାଯିବ। ତେବେ ଅଧ୍ୟକ୍ଷ ଚୟନକୁ ନେଇ ଏପର୍ଯ୍ୟନ୍ତ ଭାଜପା ନେତୃତ୍ୱ ଏବଂ ଆର୍‌ଏସ୍‌ଏସ୍ ମଧ୍ୟରେ ସହମତି ହୋଇପାରି ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ ରାଜ୍ୟରେ ଭାଜପାର ସାଂଗଠନିକ ନିର୍ବାଚନ ଶେଷ ହୋଇଛି।

## ଏମର୍ଜେନ୍ସି ବିରୋଧରେ ଲଢ଼ିଥିବା ନେତା ସ୍ମରଣୀୟ ରହିବା ଆବଶ୍ୟକ

ନୂଆଦିଲ୍ଲୀ,୨୯।୬(ପି.ଟି.)



**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ଦେଶରେ ଜରୁରୀ ପରିସ୍ଥିତି ଜାରି କରି ଲୋକଙ୍କୁ ହଇରାଣ କରିଥିବା ତତ୍କାଳୀନ କଂଗ୍ରେସ ସରକାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିବା ସହ ଏମର୍ଜେନ୍ସି ବିରୋଧରେ ଲଢ଼ିଥିବା ରାଜନେତାମାନେ ସବୁବେଳେ ସ୍ମରଣୀୟ ହୋଇ ରହିବା ଆବଶ୍ୟକ ବୋଲି କହିଛନ୍ତି। କାରଣ ସେମାନଙ୍କ ଲଢ଼େଇ ସମ୍ବିଧାନକୁ ସୁଦୃଢ଼ କରି ରଖିବା ପାଇଁ ଦେଶବାସୀଙ୍କୁ ଜାଗ୍ରତ କରାଇବାରେ ଅନୁପ୍ରାଣିତ କରିଥିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ କହିଛନ୍ତି। ଜରୁରୀ ପରିସ୍ଥିତି ଜାରି କରି ସେମାନେ କେବଳ ସମ୍ବିଧାନର ହତ୍ୟା କରି ନ ଥିଲେ, ନ୍ୟାୟପାଳିକାକୁ ସେମାନଙ୍କ ସଖୀକଣ୍ଢେଇ କରିଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ, ଅଟଳ ବିହାରୀ ବାଜପେୟୀ ଏବଂ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଜଗଜୀବନ ରାମଙ୍କ ସମୟର କେତେକ ଭାଷଣର ଅଡିଓ ମଧ୍ୟ ମୋଦି ପ୍ରଦର୍ଶିତ କରିଥିଲେ।

ସାମାଜିକ ସୁରକ୍ଷା ଯୋଜନା ଦ୍ୱାରା ୯୫ କୋଟି ଲୋକ ଉପକୃତ ହୋଇଛନ୍ତି। ୨୦୧୫ ସୁଦ୍ଧା ଏହି ଯୋଜନାଗୁଡ଼ିକ ମାତ୍ର ୨୫ କୋଟିରୁ କମ୍ ଲୋକଙ୍କ ପାଖରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ରିପୋର୍ଟ ଅନୁଯାୟୀ, ଭାରତର ଜନସଂଖ୍ୟାର ୬୪%ରୁ ଅଧିକ ଏବେ ସାମାଜିକ ସୁରକ୍ଷା ଲାଭ ପାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆମେରିକାରେ ଭାରତୀୟ ଯୁବତୀ ନିଖୋଜ

ନ୍ୟୁ ଜର୍ସି, ୨୯।୬

ନିଜ ବିବାହ ସ୍ଥିର କରିବାକୁ ଆମେରିକା ଯାଇଥିବା ୨୪ ବର୍ଷୀୟା ଭାରତୀୟ ଯୁବତୀ ସିମରନ ନିଖୋଜ ହୋଇଯାଇଛନ୍ତି। ଗତ ୨୦ରେ ସେ ଆମେରିକାର ନ୍ୟୁଜର୍ସିରେ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ତାଙ୍କ ସହ ଶେଷ ଥର ପାଇଁ ସମ୍ପର୍କ ହୋଇଥିଲା। ଆମେରିକାରେ ସିମରନଙ୍କ କୌଣସି ସମ୍ପର୍କୀୟ ରହୁନାହାନ୍ତି ଏବଂ ସେ ଠିକ୍‌ରେ ଇଂଲିଶ କହି ଜାଣିନାହାନ୍ତି।

## ର୍‍ୟାଗିଂ ନିରୋଧୀ ନିୟମ ପାଳନ କରିନାହାନ୍ତି ୮୯ ଉଚ୍ଚ ଶିକ୍ଷାନୁଷ୍ଠାନ

ନୂଆଦିଲ୍ଲୀ,୨୯।୬(ପି.ଟି.)


**ଖିଲାପୀ ତାଲିକାରେ ୪ ଆଇଆଇଟି, ୩ ଆଇଆଇଏମ୍**

ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉପରେ ହେଉଥିବା ର୍‍ୟାଗିଂ ରୋକିବା ପାଇଁ ସରକାର ର୍‍ୟାଗିଂ ନିରୋଧୀ ନିୟମାବଳୀ ଆଣିଥିବାବେଳେ ୮୯ଟି ଶିକ୍ଷାନୁଷ୍ଠାନ ସେଗୁଡ଼ିକର ଅନୁପାଳନ କରି ନ ଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ କୁହାଯାଇଛି। ଏହି ଖିଲାପୀ ଶିକ୍ଷାନୁଷ୍ଠାନ ମଧ୍ୟରେ ୪ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି), ୩ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମେତ ଏମ୍ସ, ଏନ୍‌ଆଇଡି ଭଳି ୧୭ଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ରହିଛି। ନିୟମ ଅନୁପାଳନ କରି ନ ଥିବା ୮୯ଟି ଶିକ୍ଷାନୁଷ୍ଠାନକୁ ୟୁଜିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।

ନିୟମ ଅନୁପାଳନ କରି ନ ଥିବା ଆଇଆଇଟିଗୁଡ଼ିକ ହେଲେ ଆଇଆଇଟି ବମ୍ବେ, ଆଇଆଇଟି ଖଡ଼ଗପୁର, ଆଇଆଇଟି ପାଲକ୍କାଡ଼ ଏବଂ ଆଇଆଇଟି ହାଇଦ୍ରାବାଦ। ସେହିପରି ଆଇଆଇଏମ୍‌ଗୁଡ଼ିକ ମଧ୍ୟରେ ଅଛନ୍ତି ଆଇଆଇଏମ୍ ବମ୍ବେ, ଆଇଆଇଏମ୍ ରୋହତକ ଏବଂ ଆଇଆଇଏମ୍ ତିରୁଚିରାପଲ୍ଲୀ। ଏହା ବ୍ୟତୀତ ଏମ୍ସ ରାଏବରେଲି ଏବଂ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ଓ ହରିୟାଣାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ (ଏନ୍‌ଆଇଡି) ମଧ୍ୟ ଖିଲାପୀ ତାଲିକାରେ ରହିଛି। ୟୁଜିସି ବାରମ୍ବାର ପରାମର୍ଶ ଦେବା ସତ୍ତ୍ୱେ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଣ୍ଟି-ର୍‍ୟାଗିଂର ଲିଖିତ ପ୍ରତିଶ୍ରୁତି ଏବଂ ଶିକ୍ଷାନୁଷ୍ଠାନ ଦ୍ୱାରା ଅନୁପାଳନ ଅଣ୍ଡରଟେକିଂ ଦାଖଲ କରିନାହାନ୍ତି। ଏଥିପାଇଁ ଆଣ୍ଟି-ର୍‍ୟାଗିଂ ହେଲ୍ପଲାଇନରୁ ଫଲୋଅପ୍ କଲ୍ କରାଯିବା ସହ ଆଣ୍ଟି-ର୍‍ୟାଗିଂ ମନିଟରିଂ ଏଜେନ୍ସି ସହ ପ୍ରତ୍ୟକ୍ଷ କଥାବାର୍ତ୍ତା ମଧ୍ୟ ହୋଇଥିଲା ବୋଲି ୟୁଜିସି ସମ୍ପାଦକ ମନୀଷ ଜୋଷୀ କହିଛନ୍ତି। ୨୦୦୯ରେ ୟୁଜିସି ର୍‍ୟାଗିଂ ନିୟନ୍ତ୍ରଣ ପାଇଁ ଆଣିଥିବା ଉକ୍ତ ନିୟମାବଳୀ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଅନୁପାଳନ କରିବା ବାଧ୍ୟତାମୂଳକ। କ୍ୟାମ୍ପସ୍‌ଗୁଡ଼ିକରେ ଉତ୍ତେଜନା, ଶତ୍ରୁତା ବଢ଼ିଚାଲିଥିବାବେଳେ ଆଣ୍ଟି-ର୍‍ୟାଗିଂ ନିୟମାବଳୀ ପାଳନ କରିବାରେ ବିଫଳତା କେବଳ ୟୁଜିସି ଗାଇଡ୍‌ଲାଇନ୍ସର ଉଲ୍ଲଂଘନ ନୁହେଁ, ଛାତ୍ରୀଛାତ୍ରଙ୍କ ନିରାପତ୍ତା ସହ ସାଲିସ୍ ମଧ୍ୟ ବୋଲି ଜୋଷୀ କହିଛନ୍ତି।

## କୋଲକାତା ବଳାତ୍କାର ମାମଲାକୁ ନେଇ ଟିଏମ୍‌ସିରେ ଫାଟ

ନୂଆଦିଲ୍ଲୀ,୨୯।୬


କଲ୍ୟାଣ ବାନାର୍ଜୀ


ମହୁଆ ମୋଇତ୍ର

**ମହୁଆଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କଲେ କଲ୍ୟାଣ ବାନାର୍ଜୀ**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ରଙ୍କ ମଧ୍ୟରେ ୩ ମାସ ତଳେ ଦେଖାଦେଇଥିବା ବିବାଦ ରବିବାର ପୁଣି ଜୋର୍ ଧରିଛି। ସାଉଥ୍ କାଲ୍‌କାଟା ଲ' କଲେଜରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ କଲ୍ୟାଣ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ୨ ଏମ୍‌ପିଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ମହୁଆଙ୍କ ସମାଲୋଚନାର ଜବାବ ଦେବାକୁ ଯାଇ କଲ୍ୟାଣ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଟାର୍ଗେଟ କରିଛନ୍ତି। ବିଜେଡିର ପୂର୍ବତନ ଏମ୍‌ପି ପିନାକୀ ମିଶ୍ରଙ୍କୁ ବିବାହ କରିଥିବା ମହୁଆ ବିଦେଶରେ ହନିମୁନ୍ କରି ଫେରିବା ପରେ ପୁଣି ମୋ ସହ ବିବାଦ ଆରମ୍ଭ କରିଛନ୍ତି। ମୋତେ ମହିଳା ବିରୋଧୀ କହୁଥିବା ମହୁଆ ନିଜେ କ'ଣ ବୋଲି କଲ୍ୟାଣ ପ୍ରଶ୍ନ କରିଛନ୍ତି। ସେ ୪୦ ବର୍ଷର ବିବାହ ସମ୍ପର୍କ ଭାଙ୍ଗି ଜଣେ ୬୫ ବର୍ଷୀୟଙ୍କୁ ବିବାହ କରିଛନ୍ତି। ମହୁଆ ଉକ୍ତ ମହିଳାଙ୍କୁ ଆଘାତ ଦେଇନାହାନ୍ତି କି ବୋଲି ପ୍ରଶ୍ନ କରିବା ସହ ଅନୈତିକ ଆଚରଣ ପାଇଁ ପାର୍ଲାମେଣ୍ଟରୁ ବହିଷ୍କୃତ ହୋଇଥିବା ଏମ୍‌ପି ମହିଳା ବିରୋଧୀ ବୋଲି କଲ୍ୟାଣ କହିଛନ୍ତି।

କୋଲକାତାର ଆଇନ ଛାତ୍ରୀ ଗଣବଳାତ୍କାର ମାମଲାରେ କଲ୍ୟାଣ ବାନାର୍ଜୀ କହିଥିଲେ, ଯଦି ସାଙ୍ଗ ସାଙ୍ଗକୁ ବଳାତ୍କାର କରେ, ତେବେ କ'ଣ କରାଯାଇପାରିବ। ସେହିପରି ବଳାତ୍କାର ସ୍ଥାନକୁ ଛାତ୍ରୀ ଜଣକ ଯାଇଥିଲେ କାହିଁକି ବୋଲି ଦଳୀୟ ବିଧାୟକ ମଦନ ମିତ୍ରା ପ୍ରଶ୍ନ କରିଥିଲେ। ସେମାନଙ୍କ ମନ୍ତବ୍ୟଠାରୁ ଟିଏମ୍‌ସି ନିଜକୁ ଦୂରେଇ ରଖିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ମହୁଆ ଏହାକୁ ସମର୍ଥନ କରିଥିଲେ। ସବୁ ଦଳରେ ମହିଳାଙ୍କ ପ୍ରତି ଦ୍ୱେଷ ରହିଛି। ଆମେ ଏଭଳି ମନ୍ତବ୍ୟକୁ ନିନ୍ଦା ନ କଲେ ଟିଏମ୍‌ସିରେ ପାର୍ଥକ୍ୟ ରହିଲା କେଉଁଠି ବୋଲି ମହୁଆ ଲେଖିଥିଲେ।

## ୨୦୨୬ ଏପ୍ରିଲ ୧ରୁ ଗୃହ ଗଣନା

ନୂଆଦିଲ୍ଲୀ,୨୯।୬(ପି.ଟି.)

**୧ମ ପର୍ଯ୍ୟାୟ ଜନଗଣନା**

ଆଗାମୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଗୃହ ଗଣନା କରାଯାଇ ତାଲିକାଭୁକ୍ତ କରାଯିବ ବୋଲି ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି। ଏନେଇ ସେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ଏବଂ ଜିଲା ପ୍ରଶାସନ ସହଯୋଗରେ ସୁପରଭାଇଜର, ଗଣନାକାରୀଙ୍କୁ ନିଯୁକ୍ତ କରାଯିବା ସହ ସେମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ କରାଯିବ।

ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଗୃହଗୁଡ଼ିକୁ ତାଲିକାଭୁକ୍ତ କରାଯିବା ସହ ଗୃହର ଅବସ୍ଥା, ପ୍ରତି ପରିବାର ପାଖରେ ଥିବା ସମ୍ପତ୍ତି ଓ ସୁବିଧା ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ୨୦୨୭ ଫେବୃଆରୀ ୧ରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯିବା ସହ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ। ଏଥିସହିତ ଆଗାମୀ ଜନଗଣନାରେ ପ୍ରଥମ ଥର ପାଇଁ ଜାତି ଗଣନା କରାଯିବ।

୧୬ତମ ଜନଗଣନା କାର୍ଯ୍ୟ ପାଇଁ ୩୪ ଲକ୍ଷ ଗଣନାକାରୀ ଓ ସୁପରଭାଇଜର ଏବଂ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତା ନିୟୋଜିତ ହେବେ। ମୋବାଇଲ୍ ଆପ୍ଲିକେଶନ ବ୍ୟବହାର କରି ଡିଜିଟାଲ ଜରିଆରେ ଜନଗଣନା କରାଯିବ। ଲୋକଙ୍କ ପାଇଁ ଆତ୍ମଗଣନା ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ସର୍ବେକ୍ଷକ ପରିବାରଗୁଡ଼ିକୁ ଫୋନ୍, ଇଣ୍ଟରନେଟ୍, ଯାନ, ରେଡିଓ, ଟିଭି ଆଦି ଆସ୍ଥିଆବ୍ର ମାଲିକାନା ସମ୍ପର୍କରେ ପ୍ରଶ୍ନ କରିବେ। ଏହା ବ୍ୟତୀତ ପରିବାରରେ କେତେ ଖାଦ୍ୟଶସ୍ୟ ବ୍ୟବହୃତ ହେଉଛି, ପାନୀୟ ଜଳ, ଆଲୋକର ଉତ୍ସ, ପାଇଖାନାର ପ୍ରକାର, ବର୍ଜ୍ୟଜଳ ନିଷ୍କାସନ, ଗାଧୁଆ ଘର ଓ ରୋଷେଇ ଘର ସୁବିଧା, ରୋଷେଇ ପାଇଁ ବ୍ୟବହାର କରୁଥିବା ଇନ୍ଧନ, ଏଲ୍‌ପିଜି/ପିଏନ୍‌ଜି ସଂଯୋଗ ନେଇ ପ୍ରଶ୍ନ କରାଯିବ।

**ଫୁରସତ୍**

## ବଲିଉଡ୍‌ରେ ୨୫ ବର୍ଷ ପୂରା କଲେ ଜୁନିୟର ବଚ୍ଚନ

ମୁମ୍ବାଇ


ଅଭିଷେକ ବଚ୍ଚନ

ବଲିଉଡ୍‌ରେ ଜୁନିୟର ବଚ୍ଚନ ଭାବେ ପରିଚିତ ଅଭିଷେକ ବଚ୍ଚନ ଫିଲ୍ମ ଇଣ୍ଡଷ୍ଟ୍ରିରେ ୨୫ ବର୍ଷ ପୂରା କରିଛନ୍ତି। ଅଭିଷେକ ୨୦୦୦ ମସିହାରେ ଫିଲ୍ମ ନିର୍ମାତା ଜେ.ପି. ଦତ୍ତାଙ୍କ ଫିଲ୍ମ 'ରେଫ୍ୟୁଜି' ସହ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହାପରଠାରୁ 'ଯୁବା', 'ବଣ୍ଟି ଔର୍ ବବଲି', 'ଗୁରୁ', 'ସରକାର', 'ଧୁମ', 'ହାପି ନ୍ୟୁ ଇୟର୍', 'ହାଉସ୍‌ଫୁଲ ୫' ଆଦି ଅନେକ ହିଟ୍ ଫିଲ୍ମରେ ଅଭିଷେକ କାର୍ଯ୍ୟ କରିଛନ୍ତି। ରବିବାର ଅଭିଷେକଙ୍କ ବାପା ତଥା ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଏକ୍ସ'ରେ ଏକ ପୋଷ୍ଟ କରି ତାଙ୍କୁ ଶୁଭକାମନା ଜଣାଇଛନ୍ତି। ସେ ଉକ୍ତ ପୋଷ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ବିଭିନ୍ନ ଫିଲ୍ମରେ ଅଭିଷେକଙ୍କ ଅଭିନୀତ ଚରିତ୍ରଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି। ପୋଷ୍ଟର କ୍ୟାପ୍‌ଶନ୍‌ରେ ଅମିତାଭ ଲେଖିଛନ୍ତି, ବିଭିନ୍ନ ଚରିତ୍ରରେ ଅଭିଷେକଙ୍କ ବିବିଧତାକୁ ସାଲ୍ୟୁଟ କରୁଛି। ନିଶ୍ଚିତ ଭାବେ ସେ ପ୍ରଶଂସାର ପାତ୍ର। ଅମିତାଭଙ୍କ ଏହି ପୋଷ୍ଟରେ ବଲିଉଡ୍‌ର ଅନେକ ତାରକା ଅଭିଷେକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଅଭିଷେକଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'କିଙ୍ଗ୍'ର ଶୁଟିଂ ଆରମ୍ଭ ହୋଇସାରିଥିବା ନେଇ ଅମିତାଭ ଆଉ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି।

## କୁକୁର କରୁଛି ପେଣ୍ଟିଂ

ୱାଶିଂଟନ

ସମ୍ପ୍ରତି ଏକ କୁକୁରର ଭିଡିଓ ଭାଇରାଲ ହେବାରେ ଲାଗିଛି। ବେଲଜିଆନ୍ ମାଲିନୋଇଜ୍ ପ୍ରଜାତିର ଏହି କୁକୁରର ନାମ ମଙ୍କି ରଖାଯାଇଛି। ମଙ୍କି ନିଜର ସ୍ୱତନ୍ତ୍ର ଚିତ୍ରକଳା ଦକ୍ଷତା ସହ ଅନେକଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛି। ହଲିଉଡ୍‌ର ପ୍ରସିଦ୍ଧ ଆନିମଲ୍ ଟ୍ରେନର୍ ଓମାର ଭନ୍ ମୁଲର ଏହି କ୍ଷେତ୍ରରେ ମଙ୍କିକୁ ତାଲିମ ଦେଇଛନ୍ତି। ମଙ୍କିର ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ରହିଛି, ଯେଉଁଥିରେ ସେ କରିଥିବା ବିଭିନ୍ନ ପେଣ୍ଟିଂର ଭିଡିଓଗୁଡ଼ିକୁ ଶେୟାର କରାଯାଉଛି। ନିକଟରେ ଶେୟାର ହୋଇଥିବା ଏକ ଭିଡିଓରେ ମଙ୍କି ଏକ ଘୋଡ଼ାର ଚିତ୍ର ଆଙ୍କୁଥିବାର ଦେଖିବାକୁ ମିଳିଛି। ସେ ନିଜ ପାଟିରେ ବ୍ରଶ୍ ଧରି କାନ୍‌ଭାସ୍‌କୁ ବିଭିନ୍ନ ରଙ୍ଗ ସାହାଯ୍ୟରେ ପେଣ୍ଟିଂ କରୁଥିବା ବେଳେ ଚିତ୍ର ସରିବା ପରେ ଖୁସିରେ ଝୁମି ଉଠୁଥିବାର ନଜରକୁ ଆସିଛି। ରିପୋର୍ଟ ଅନୁଯାୟୀ, ପେଣ୍ଟିଂକୁ ଛାଡ଼ି ମଧ୍ୟ ମଙ୍କି ବିଭିନ୍ନ କ୍ଷେତ୍ରରେ ପାରଙ୍ଗମ। ସେ ହୋଟେଲ ରୁମ୍‌ର ଦ୍ୱାର ଖୋଲିପାରେ, ବାଥରୁମ୍ କିପରି ବ୍ୟବହାର କରିବାକୁ ହୁଏ ତାହା ମଧ୍ୟ ମଙ୍କି ଜାଣିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ମଙ୍କି ଗଛରେ ଚଢ଼ିପାରେ ଏବଂ ରଶି ଉପରେ ସନ୍ତୁଳନ ରଖି ଚାଲିମଧ ପାରେ। ସୋସିଆଲ ମିଡିଆରେ ଅନେକ ୟୁଜର୍ସ ମଙ୍କିର ଚିତ୍ରକଳାକୁ ପସନ୍ଦ କରିଛନ୍ତି।





ବାଲେଶ୍ୱର ଜିଲା ଜଳକା ନଦୀର ମଥାନୀରେଠାରେ ବନ୍ୟାଜଳ ପ୍ରବାହିତ ହେଉଛି।

# ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକାରେ ପୁଣି ବନ୍ୟା

ଭୁବନେଶ୍ୱର,୨୯।୬(ବନ୍ଦନା ସେଠୀ)

■ ବାଲେଶ୍ୱର ଜିଲାପାଳଙ୍କୁ ସତର୍କ କଲା ଜଳସମ୍ପଦ ବିଭାଗ
■ ସ୍ଥିତି ଅନୁଧ୍ୟାନ କଲେ ଉଚ୍ଚ ଅଧିକାରୀ

ଉପରମୁଣ୍ଡରେ ଥିବା ଝାଡ଼ଖଣ୍ଡ ଏବଂ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଲଗାଣ ବର୍ଷା ଜାରି ରହିଥିବାରୁ ପୁଣି ବିଭିନ୍ନ ନଦୀରେ ବନ୍ୟାସ୍ଥିତି ଦେଖାଦେଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳକୁ ବନ୍ୟାଜଳ ମାଡ଼ିବାରେ ଲାଗିଛି। ସୁବର୍ଣ୍ଣରେଖାର ରାଜଘାଟଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର ଥିବାବେଳେ ରବିବାର ଅପରାହ୍ନ ୩ଟା ସୁଦ୍ଧା ଜଳସ୍ତର ୮.୪୧ ମିଟର ରହିଥିଲା। ସେହିପରି ବୁଢ଼ାବଳଙ୍ଗ ନଦୀରେ ଗୋବିନ୍ଦପୁରଠାରେ ବିପଦ ସଙ୍କେତ ସ୍ତର ୮.୧୩ ମିଟର ଥିବାବେଳେ ଜଳସ୍ତର ୬.୯୪ ମିଟର ରହିଛି। ତେବେ ଜଳକା ନଦୀରେ ମଥାନୀରେଠାରେ ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଏଠାରେ ଜଳସ୍ତର ୬.୬୫ ମିଟର ଉପରେ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ଏସବୁ ନଦୀରେ ଜଳସ୍ତର ଯେପରି ବୃଦ୍ଧି ପାଇବାରେ ଲାଗିଛି ତାହାକୁ ନେଇ ବଡ଼ ବନ୍ୟା ଆଶଙ୍କା କରିଛନ୍ତି ବିଭାଗୀୟ ଅଧିକାରୀ। ସୁବର୍ଣ୍ଣରେଖାରେ ରବିବାର ରାତିରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେବାର ଆଶଙ୍କା ରହିଥିବାବେଳେ ବୁଢାବଳଙ୍ଗ ନଦୀରେ ସୋମବାର ସକାଳ ୯ଟା ସୁଦ୍ଧା ୮.୨୦ ମିଟର ବନ୍ୟାଜଳ ପ୍ରବାହିତ ହେବାର ଅନୁମାନ କରାଯାଉଛି। ତେଣୁ ସ୍ଥିତିର ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ରବିବାରଠାରୁ କ୍ଷେତ୍ର ପରିଦର୍ଶନ ସହ ବନ୍ୟା ସ୍ଥିତି ତଦାରଖ କରାଯାଉଛି। ଏଥିସହ ବିଭାଗର ସେଚ ସଦନଠାରେ ଥିବା ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟ କରୁଛି। ସେହିପରି ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର ଏବଂ ଆବଶ୍ୟକ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ସତର୍କ କରାଯାଇଛି। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ତଥା ସମ୍ଭାବ୍ୟ ବନ୍ୟା ସ୍ଥିତି ପରିଚାଳନାରେ ସହାୟତା ପାଇଁ ଜଳସମ୍ପଦ ବିଭାଗର ଜଣେ ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଅନ୍ୟଜଣେ ମୁଖ୍ୟଯନ୍ତ୍ରୀ ବାଲେଶ୍ୱର ଗସ୍ତ କରିଥିବା ସୂଚନା ଦିଆଯାଇଛି। ସେପଟେ ଜିଲାର ତଳିଆ ଅଞ୍ଚଳରେ ବନ୍ୟାପାଣି ମାଡ଼ିଯିବାରୁ ଓଡ୍ରାଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ଆଜି ବନକଲାଗି: ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,୨୯।୬(ଅଜିତ୍ କୁମାର ମହାନ୍ତି)

ଦାରୁବିଗ୍ରହମାନେ ନବଦିନାତ୍ମକ ଯାତ୍ରାରେ ଯାଇ ରବିବାର ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ସୋମବାର ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପ୍ରାୟ ୫ଘଣ୍ଟା ଧରି ମହାପ୍ରଭୁଙ୍କ ଏହି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ମହାପ୍ରଭୁଙ୍କ ବନକଲାଗି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଦତ୍ତମହାପାତ୍ର ସେବକମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ପ୍ରାକୃତିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି କରାଯାଇଥାଏ। ବନକଲାଗି ନୀତି ସମ୍ପନ୍ନ ପରେ ପୁଣି ଅନ୍ୟାନ୍ୟ ନୀତିକାନ୍ତି ଓ ଦର୍ଶନ ସ୍ୱାଭାବିକ ହୋଇଥାଏ।

# ନନ୍ଦନକାନନରେ ୭ ହଳଦିଆ ଆନାକୋଣ୍ଡା ଜନ୍ମ

ବାରଙ୍ଗ,୨୯।୬(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ସାରଣୀରେ ରବିବାର ହଳଦିଆ ଆନାକୋଣ୍ଡା ୭ଟି ଛୁଆ ଜନ୍ମ ଦେଇଛି। ୨୦୧୯ ଅକ୍ଟୋବର ୨୨ରେ ଚେନ୍ନାଇର ମାଡ୍ରାସ କୁମ୍ଭୀର ବ୍ୟାଙ୍କ ଟ୍ରଷ୍ଟରୁ ହଳଦିଆ ଆନାକୋଣ୍ଡାଙ୍କୁ ଅଣାଯାଇଥିଲା। ୨୦୨୨ ଜୁଲାଇରେ ଏମାନଙ୍କର ଶେଷ ପ୍ରଜନନ ରହିଥିଲା। ୨୦୨୨ ଜୁଲାଇ ୬ରେ ଗୋଟିଏ ଛୁଆ ଏବଂ ଜୁଲାଇ

## ସଂଖ୍ୟା ୧୪କୁ ବୃଦ୍ଧି

୮ରେ ଆଉ ୮ଟି ଛୁଆ ଜନ୍ମ ହୋଇଥିଲେ। ଏହି ନୂଆ ଛୁଆଙ୍କୁ ମିଶାଇ ଚିଡ଼ିଆଖାନାରେ ହଳଦିଆ ଆନାକୋଣ୍ଡା ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୨ଟି ବୟସ୍କ ପୁରୁଷ, ୨ଟି ବୟସ୍କ ମାଈ ଏବଂ ୧୦ଟି ଛୋଟ ହଳଦିଆ ଆନାକୋଣ୍ଡା ଅଛନ୍ତି। ଶୀଘ୍ର ଆଉ ଗୋଟିଏ ମାଈ ଆନାକୋଣ୍ଡା ପ୍ରସବ କରିବାର ଆଶା କରାଯାଉଛି। ସରୀସୃପଙ୍କ ସୁରକ୍ଷା ଏବଂ ଯତ୍ନ ପାଇଁ ଚିଡ଼ିଆଖାନା ପକ୍ଷରୁ କରାଯାଉଥିବା ପ୍ରୟାସର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ୭ ଦିନ ବର୍ଷିବ

ଭୁବନେଶ୍ୱର,୨୯।୬(ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହିତ ସୃଷ୍ଟ ଘୂର୍ଣ୍ଣିବଳୟ ମଧ୍ୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି, ଯାହା ଆଗାମୀ ୨ ଦିନ ମଧ୍ୟରେ ଉତ୍ତର ଓଡ଼ିଶା, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ରହିଛି। ଏପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ରହିଥିବାରୁ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲା ଏବଂ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଏଥିସହ ଆସନ୍ତା ୭ଦିନ ଧରି ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ବିଜୁଳି, ଘଡ଼ଘଡ଼ି, ବଜ୍ରପାତର ସୂଚନା ରହିଥିବାବେଳେ ଝଟକା ପବନର ବେଗ ୩୦ରୁ ୪୦ କିମି ରହିବ। ଏନେଇ ରେଡ ୱାର୍ନିଂ ଜାରି କରାଯାଇଛି।

# ଉନ୍ନୟନ ଆୟୁକ୍ତଙ୍କ ନେତୃତ୍ୱରେ ହେବ ପ୍ରଶାସନିକ ତଦନ୍ତ

ଭୁବନେଶ୍ୱର,୨୯।୬(ରବିନାରାୟଣ ଜେନା)

## ରଥଯାତ୍ରା ସୁପରିଚାଳନା ଦାୟିତ୍ୱରେ ଅରବିନ୍ଦ ଅଗ୍ରୱାଲ, ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପୋଲିସ ପରିଚାଳନା

ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ୩ ରଥ ନିକଟରେ ରବିବାର ଭୋରରେ ହୋଇଥିବା ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୁବ୍ଧ ହୋଇଛନ୍ତି। ପ୍ରଶାସନିକ ଅବହେଳା ପାଇଁ ଏକାଥରକେ ଦୁଇ ବରିଷ୍ଠ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବାବେଳେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଦାୟିତ୍ୱରୁ ହଟାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏଥିରେ ସାମାନ୍ୟ ଅବହେଳା ବରଦାସ୍ତ କରାଯିବ ନାହିଁ। ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କେଉଁ ପରିପ୍ରେକ୍ଷୀରେ ଏହି ଘଟଣା ଘଟିଲା ତାହାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ଏହାସହିତ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ମଧ୍ୟ ବଦଳି କରାଯାଇଛି। ନୂତନ ଜିଲାପାଳ ଭାବେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଲ୍ ରାଣାଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ନୂତନ ଏସ୍‌ପି ଭାବେ ଡିଆଇଜିପି(ଏସ୍‌ଟିଏଫ୍) ଭୁବନେଶ୍ୱର ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି।

ସରକାରଙ୍କ ପକ୍ଷରୁ ରଥଯାତ୍ରାର ସୁପରିଚାଳନା ପାଇଁ ରବିବାର ଉଚ୍ଚଶିକ୍ଷା ବିଭାଗ ସଚିବ ତଥା କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ୨୦୦୭ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲ ରଥଯାତ୍ରାର ସମସ୍ତ ଦାୟିତ୍ୱ ନିର୍ବାହ କରିବା ସହିତ ନିଜର ପୂର୍ବ ଦାୟିତ୍ୱ ନିର୍ବାହ କରିବେ। ସେହିପରି ରବିବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଏଡିଜିପି ମଡର୍ନାଇଜେଶନ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କୁ ରଥଯାତ୍ରାରେ ସମସ୍ତ ପ୍ରକାର ପୋଲିସ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ରଥଯାତ୍ରା ସମୟରେ ପୋଲିସ କିଭଳି ଭାବେ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତିରେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବେ ସେ ସମସ୍ତ ନିଷ୍ପତ୍ତି ସୌମେନ୍ଦ୍ର ନେବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ଅନ୍ୟପକ୍ଷରେ ପରଲୋକଗତ ଭକ୍ତମାନଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

# ରାଜ୍ୟ ଭାଜପା ସଭାପତି ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର,୨୯।୬(ରବିନାରାୟଣ ଜେନା)

ରାଜ୍ୟ ଭାଜପା ପକ୍ଷରୁ ସୋମବାର ହେବାକୁ ଥିବା ସାଙ୍ଗଠନିକ ତଥା ସଭାପତି ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରବିବାର ରାତିରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରଥଯାତ୍ରା ସମୟରେ ରବିବାର ଭୋରରେ ଶରଧାବାଲିରେ ଘଟିଥିବା ଅଘଟଣ ପରେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ସାଂସଦ ଷଡ଼ଙ୍ଗୀ ରବିବାର ପୂର୍ବାହ୍ନରେ ଖବରଦାତା ସମ୍ମିଳନୀ କରି ଭାଜପା ସାଙ୍ଗଠନିକ ନିର୍ବାଚନ ଲାଗି ରବିବାର ନୋଟିସ ଜାରି କରାଯାଇଥିବା କହିଥିଲେ। ନୋଟିସ ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟାରୁ ୨ଟା ମଧ୍ୟରେ ଭାଜପା ରାଜ୍ୟ ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇଥାନ୍ତା। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଆପତ୍ତି ଅଭିଯୋଗଗୁଡ଼ିକର ଯାଞ୍ଚ କରାଯିବା ପରେ ଅପରାହ୍ନ ୪ଟାରେ ଅନ୍ତିମ ନାମାଙ୍କନ ତାଲିକା ପ୍ରକାଶ ପାଇଥାନ୍ତା। ଜୁଲାଇ ୧ ତାରିଖରେ ମତଦାନ ଓ ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ ବୋଲି ସ୍ଥିର ହୋଇଥିଲା।




# ଶିଶୁଙ୍କ ଗୁଣାତ୍ମକ ଶିକ୍ଷାର ବିକାଶକୁ ଦିଆଯିବ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୬(ରବିନାରାୟଣ ଜେନା)

■ ନିଯୁକ୍ତ ହେବେ ୪୫ହଜାର 'ଶିଶୁ ସେବିକା'
■ ଶିକ୍ଷକଙ୍କ ମୁଣ୍ଡରୁ ହଟିବ ଅଣ-ଶିକ୍ଷା ଦାୟିତ୍ୱ
■ ପାଚିକାଙ୍କ ଦରମାର ସମାନୁପାତିକ ହାରରେ ମିଳିବ ଦରମା

ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ଶିଶୁଙ୍କ ଗୁଣାତ୍ମକ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ୪୫ହଜାର ଶିଶୁବାଟିକାରେ 'ଶିଶୁ ସେବିକା' ନିଯୋଜିତ ହେବେ। ଶିଶୁଙ୍କୁ ଯେଭଳି ଉନ୍ନତମାନର ଶିକ୍ଷା ମିଳିବ ତାକୁ ଦୃଷ୍ଟିରେ ରଖି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବା ସହିତ ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ହାଲୁକା କରିବେ। ଫଳରେ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରୀତ କରିପାରିବେ।

ସୂଚନାଯୋଗ୍ୟ, ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ, ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷଠାରୁ ଶିଶୁବାଟିକା ଖୋଲାଯାଇଛି। ଏଥିରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି। ଶିଶୁବାଟିକାରେ ପିଲାଙ୍କ ଉପସ୍ଥାନକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁ ସେବିକା ନିଯୁକ୍ତି ନିଷ୍ପତ୍ତି ଦିଆଯିବ। ଛୋଟ ପିଲାମାନଙ୍କୁ ଶ୍ରେଣୀଗୃହରେ ପରିଚାଳନା କରିବା, ସେମାନଙ୍କ ଯତ୍ନ ନେବା ଏକ ଗୁରୁଦାୟିତ୍ୱ। ଶିକ୍ଷକମାନଙ୍କ ଉପରେ ଏହି ଦାୟିତ୍ୱ ରହିଲେ ଶିକ୍ଷା କାର୍ଯ୍ୟ ବ୍ୟାହତ ହେଉଛି। ସାରା ରାଜ୍ୟରେ ବିଭିନ୍ନ ଶିଶୁବାଟିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକା ଗୁଡ଼ିକରେ ଶିଶୁସେବିକାମାନଙ୍କ ଆବଶ୍ୟକତା ରହିଛି। ତେବେ ସରକାରୀ ବିଦ୍ୟାଳୟରେ ନିଯୁକ୍ତ ପାଚିକାମାନଙ୍କୁ ଯେଉଁ ହାରରେ ଦରମା ଦିଆଯାଉଛି, ଶିଶୁ ସେବିକାମାନଙ୍କୁ ସେହି ହାରରେ ଦରମା ଦିଆଯିବ। ସମଗ୍ର ଶିକ୍ଷାର ବଜେଟରୁ ଏହି ଅର୍ଥ ପ୍ରଦାନ କରାଯିବ। ପିଲାମାନେ ଯେପରି ଏଣେତେଣେ ବୁଲିବେ ନାହିଁ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ଭାବେ ରହିବେ, ତା'ଉପରେ ନଜର ରଖିବା ଶିଶୁ ସେବିକାମାନଙ୍କର ଦାୟିତ୍ୱ। ସେହିପରି ପିଲାଙ୍କ ହାତଧୁଆ, ଖାଇବା, ଟଏଲେଟ ଯିବା ଏବଂ ଶ୍ରେଣୀଗୃହରେ ବସିବା ଆଦି କାର୍ଯ୍ୟରେ ସେମାନେ ସହାୟତା କରିବେ। ଏହାସହିତ ପିଲା କାନ୍ଦିଲେ କିମ୍ବା ଅଝଟ ହେଲେ ସେମାନଙ୍କୁ ବୁଝେଇବା, ପିଲାଙ୍କୁ ବହି, ଖେଳନା ଆଦି ବିଭିନ୍ନ ଶିକ୍ଷା ସହାୟକ ଜିନିଷ ଯୋଗାଇ ଦେବା, ପିଲା ଯଦି ବାହାରକୁ ଯିବାକୁ ଚାହିଁବେ କିମ୍ବା ଟଏଲେଟକୁ ଯିବେ, ସେବିକାମାନେ ପିଲାଙ୍କ ସହିତ ରହି ସେମାନଙ୍କୁ ସାହାଯ୍ୟ କରିବେ। ଯଦି କୌଣସି କାରଣରୁ ଶିଶୁ ଅସୁସ୍ଥ ଥିବ, ମନଦୁଃଖରେ ଥିବ କିମ୍ବା ଅବୁଝା ହେଉଥିବ ତେବେ ସେ ବିଷୟରେ ଶିକ୍ଷକଙ୍କୁ ଜଣାଇବା, ପ୍ରତ୍ୟେକ ପିଲାଙ୍କ ଦିନ କେମିତି କଟିଲା ସେ ସମ୍ପର୍କରେ ଗୋଟିଏ ଛୋଟ ନୋଟ୍ ପ୍ରସ୍ତୁତ କରିବା ଭଳି କାର୍ଯ୍ୟ ସେମାନଙ୍କର ରହିବ। କୌଣସି ପରିସ୍ଥିତିରେ ଶିଶୁ ସେବିକା ମାନେ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେବେ ନାହିଁ, ପିଲାମାନଙ୍କୁ ଗାଳି କିମ୍ବା ଦଣ୍ଡ ଦେଇପାରିବେ ନାହିଁ। ପିଲା ଅସୁସ୍ଥ ଥିଲେ ଶିକ୍ଷକଙ୍କୁ ଜଣାଇବେ, କିନ୍ତୁ ଔଷଧ ଦେବା ବା କୌଣସି ଚିକିତ୍ସା କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।




DSPL-157

ଜଳସମ୍ପଦ ବିଭାଗ

ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀ, ନାଳ ଓ କେନାଲ ଗୁଡ଼ିକର ଜଳସ୍ତର ଯେ କୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି। ତେଣୁ ଜନସାଧାରଣ ନଦୀ, ନାଳ, କେନାଲ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ।

ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ନିଶ୍ଚିତ ବ୍ୟବହାର କରନ୍ତୁ।
- ଟେଲିଭିଜନ, ରେଡ଼ିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ।

ଏଭଳି କରନ୍ତୁ ନାହିଁ

- ବୁଡି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡ଼ନ୍ତୁ ନାହିଁ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ।
- ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟାତ କରନ୍ତୁ ନାହିଁ।
- ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ।
- ଜୀବନସୁରକ୍ଷା ଜ୍ୟାକେଟ୍ ବିନା ଯାତ୍ରା କରନ୍ତୁ ନାହିଁ।
- ବନ୍ୟା ସମୟରେ ବିପଦ ସଙ୍କୁଳ ସ୍ଥାନକୁ ଯାଆନ୍ତୁ ନାହିଁ ଏବଂ ସେଲ୍‌ଫି (Selfie) ନେବାରୁ ବିରତ ରୁହନ୍ତୁ।



ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

OIPR-32447/13/0022/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାୟ ରାମାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ରାୟ ରାମାନନ୍ଦଙ୍କ ନାଟ୍ୟ ସଙ୍ଗୀତରେ ଦାର୍ଶନିକତା ଆଲୋଚନା ଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ସକାଳ ୯ଟା ୩୦।
- ଆଶାବରୀ ସାଂସ୍କୃତିକ ସମାଜର ସଙ୍ଗୀତ ସନ୍ଧ୍ୟା 'ଊର୍ମି', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ଣ ୪ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବର ମଣ୍ଡଳ କରଣ ଓ ଅଙ୍କୁରାରୋପଣ, ସ୍ଥାନ: ନହରକଣ୍ଟାସ୍ଥିତ ମନ୍ଦିର ପରିସର, ସମୟ: ରାତି ୭ଟା।

## ଖୋର୍ଦ୍ଧା
- ଓକେସିଏଲ୍ ନଲେଜ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଶରତ ପାଇକରାୟ ହାୟର ସେକେଣ୍ଡାରୀ ସ୍କୁଲ ପରିସର, ଅରଗୁଳ, ଜଟଣୀ, ସମୟ: ପୂର୍ବାହ୍ଣ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ,ବସ୍ତା,ସମୟ:ପୂର୍ବାହ୍ଣ ୧୦ଟା।
- ତୁଳସୀ ଅଭିଷେକ,ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା,ସମୟ: ପୂର୍ବାହ୍ଣ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ,ସ୍ଥାନ:ମେଳା ପଡ଼ିଆ, ରେମୁଣା,ସମୟ:ଅପରାହ୍ଣ ୩ଟା ୩୦।
- କଲୋନୀ ମହିଳାଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ,ସ୍ଥାନ:ଭଜନ ମଣ୍ଡପ, ରେମୁଣା,ସମୟ:ଅପରାହ୍ଣ ୪ଟା ୩୦।
- ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ,ସ୍ଥାନ:ମେଳା ପଡ଼ିଆ, ରେମୁଣା,ସମୟ:ଅପରାହ୍ଣ ୫ଟା।
- ସୋଲୋ ଡ୍ୟାନ୍ସ ପ୍ରଦର୍ଶନ,ସ୍ଥାନ:ମେଳା ପଡ଼ିଆ, ରେମୁଣା,ସମୟ:ସନ୍ଧ୍ୟା ୬ଟା।
- ରାସଲୀଳା,ସ୍ଥାନ:ମେଳା ପଡ଼ିଆ, ରେମୁଣା,ସମୟ:ସନ୍ଧ୍ୟା ୬ଟା ୩୦।
- ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ବେଶ,ସ୍ଥାନ:ମାଉସୀ ମା' ମନ୍ଦିର, ନୀଳଗିରି,ସମୟ: ସନ୍ଧ୍ୟା ୭ଟା ୩୦।
- ଶୟନ ଆରତି,ସ୍ଥାନ:ଗୁଣ୍ଡିଚା ମନ୍ଦିର, ରେମୁଣା,ସମୟ:ରାତି ୮ଟା ୪୫।

## ଭଦ୍ରକ
- ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସାହାଡ଼ା ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ଣ ୧୦ଟା।

## ମୟୂରଭଞ୍ଜ
- ମହାପ୍ରଭୁଙ୍କ ବେଶ ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ମାଉସୀ ମା' ମନ୍ଦିରରେ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ, ମାଉସୀ ମା' ମନ୍ଦିର, ମଧୁବନ, ପାରାଦୀପ, ସମୟ: ଅପରାହ୍ଣ ୪ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ସକାଳ ୭ଟା।
- ସଞ୍ଜିବନୀ ମେଡିସିନ ଷ୍ଟୋର ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ତିଅର ଛକ, ଗୁପ୍ତି ରୋଡ, ରାଜନଗର, ସମୟ: ମଧ୍ୟାହ୍ନ ୧୨ଟା।

## ଯାଜପୁର
- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ବୀଣାପାଣୀ କଳାପୀଠ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ସନ୍ଧ୍ୟା ବେଶରେ କାଞ୍ଚି ଅଭିଯାନ, ସ୍ଥାନ:ନୟାଗଡ଼ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ବରାହ ଅବତାର ଦର୍ଶନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।

## ନବରଙ୍ଗପୁର
- ଜବରଦଖଲ ଉଚ୍ଛେଦ ନ କରିବା ଦାବିରେ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବେ ଝରିଗାଁ ଗ୍ରାମବାସୀ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୪ଟା ।

## କୋରାପୁଟ
- ଜିଲାପାଳଙ୍କ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା, ଜନଶୁଣାଣି, ସ୍ଥାନ: କୁଲାବୀର ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଖୁଡ଼ି, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ପୌର ପରିଷଦ କାଉନସେଲିଂ ମିଟିଂ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା, ସମୟ: ପୂର୍ବାହ୍ଣ ୧୧ଟା।

## ସମ୍ବଲପୁର
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠାର ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ମ୍ୟାଚ ଜିଲା ଜିମ୍ନାଷ୍ଟିକ କ୍ଲବ ବନାମ କୁଚିଣ୍ଡା କ୍ରୀଡା ସଂଘ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ଣ ୩ଟା ୩୦ ।
- ସମ୍ବଲପୁର ରେଲୱେ ଫୁଟ୍‌ବଲ କ୍ଲବ ବନାମ କସମତ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ଣ ୫ଟା୩୦ ।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।
- ବ୍ରହ୍ମପୁରା ଠାକୁରଙ୍କ ହରିହର ବେଶ, ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ରାତି ୭ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଗଲପୁର, ସମୟ: ପୂର୍ବାହ୍ଣ ୧୦ଟା ୩୦ ମିନିଟ ।

## ରାଉରକେଲା
- ବରିଷ୍ଠ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ପ୍ରଗତି ସ୍କୁଲ, ସମୟ: ପୂର୍ବାହ୍ଣ ୧୦ଟା।
- ଗୁଣ୍ଡିଚାଯାତ୍ରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।
- ସୁନାଫୁଲ ସାହିତ୍ୟ ସଂସଦର ସାହିତ୍ୟ ସଭା, ସ୍ଥାନ: ମଧୁସୂଦନ ମଣ୍ଡପ, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।
- କଳ୍ପତରୁ ଆଶ୍ରମ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ବାସନ୍ତୀ କଲୋନି, ସନ୍ଧ୍ୟା ୬ଟା ୩୦।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ରକ୍ତଦାନ ଶିବିର,ସ୍ଥାନ:ସମତା ଭବନ, ବରଗଡ଼,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ:ପୂର୍ବାହ୍ଣ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣ ଶିବିର,ସ୍ଥାନ:ବରଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଅବତାର, ସ୍ଥାନ:ମାଉସୀମା ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କରଲଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ସଭାଗୃହ, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପରିସରରେ ହନୁମାନ ବିଗ୍ରହଙ୍କ ମନ୍ଦିର ପ୍ରବେଶ, ସାମୂହିକ ହନୁମାନ ଚାଳିଶା ପାଠ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ମୁର୍ଷୁଣ୍ଡୀ, ସମୟ: ପୂର୍ବାହ୍ଣ ୧୦ଟା୩୦।

# ପ୍ରଥମ ପୃଷ୍ଠାରୁ...

## ଶରଧାବାଲିରେ ...
ଶରଧାବାଲିରେ ...
ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଭକ୍ତମାନେ ରଥ ଆଡ଼କୁ ମାଡ଼ିଆସିଥିଲେ। ଏହି ସମୟରେ ୨ଟି ଟ୍ରକ୍‌ରେ ଚାରମାଳ ଆସି ଭିଡ଼ ଭିତରେ ପହଞ୍ଚିଥିଲା। ତେଣୁ ପୂର୍ବରୁ ସେଠାରେ ଶୋଇଥିବା ଲୋକେ ତରବରରେ ଉଠିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅସମ୍ଭାଳ ଭିଡ଼ ଯୋଗୁ ଦଳାଚକଟା ସ୍ଥିତି ସୃଷ୍ଟି ହେବା ସହ କେତେଜଣ ଲୋକ ତଳେ ପଡ଼ିଯାଇଥିଲେ। ତାଙ୍କ ଉପରେ ଅନ୍ୟମାନେ ଚଢ଼ିଯାଇଥିଲେ। ଫଳରେ ଏଭଳି ଘଟଣା ଘଟିଲା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ କେତେଜଣ ଭକ୍ତ ସେଠାରେ ଜରିପାଲ ଘୋଡ଼ାଯାଇ ରଖାଯାଇଥିବା ଚାରମାଳ ଉପରେ ଠିଆ ହୋଇଥିଲେ। ସେହି ଜରିପାଲରେ ପାଣି ପଡ଼ିଥିଲା। ଠେଲାପେଲା ସମୟରେ ସେମାନଙ୍କ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ ଏବଂ ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯାଇଥିଲେ। ତେଣୁ ଏହି ଅଘଟଣ ଘଟିଥିବା ମଧ୍ୟ ଆଲୋଚନା ହେଉଛି। କେତେଜଣ ଭକ୍ତ ଅଭିଯୋଗ କରିଛନ୍ତି ଯେ, ଭିଆଇପିମାନଙ୍କୁ ସୁହାଇଲା ଭଳି ବ୍ୟବସ୍ଥା ହୋଇଥିଲା। ଘଟଣା ସମୟରେ କେହି ପୋଲିସ କର୍ମଚାରୀ କିମ୍ବା ପ୍ରଶାସନିକ ଅଧିକାରୀ ଉପସ୍ଥିତ ନ ଥିଲେ। ଏପରିକି ଭିଡ଼ ସତ୍ତ୍ୱେ ଚାରମାଳ ବୋଝେଇ ଟ୍ରକ୍ ପଶିଆସିଥିଲେ ବି କେହି ଅଟକାଇ ନ ଥିଲେ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି। ଖବର ପାଇ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ତତ୍କାଳୀନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ଯେତେବେଳେ ମହାପ୍ରଭୁଙ୍କ ପହୁଡ଼ ଖୋଲାଗଲା, ସେତେବେଳେ ନନ୍ଦିଘୋଷ ରଥ ଆଡ଼କୁ ପ୍ରବଳ ଭକ୍ତ ମାଡ଼ି ଆସିଲେ। ଫଳରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହେବା ସହ ୩ଜଣଙ୍କ ମୃତ୍ୟୁ ହୋଇଛି ଓ ୯ଜଣ ଆହତ ହୋଇଥିଲେ। ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ପୂର୍ବରୁ ଘଟିଥିବା ଘଟଣା
୨୦୦୬ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଦଳାଚକଟା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେହିପରି ୨୦୦୮ ରଥଯାତ୍ରାରେ ୬ଜଣଙ୍କ ଜୀବନ ଯାଇଥିଲା। ୨୦୧୨ ରଥଯାତ୍ରା ଏବଂ ୨୦୧୫ ନବକଳେବର ସମୟରେ ୨ଜଣ ଲେଖାଏ ଭକ୍ତଙ୍କ ମୃତ୍ୟୁ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ...
ମୁଖ୍ୟମନ୍ତ୍ରୀଙ୍କ ...
ଭାବେ ମୁଁ ଏବଂ ମୋ ସରକାର ସମସ୍ତ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛୁ। ଯେଉଁ ଭକ୍ତମାନଙ୍କର ଜୀବନଦୀପ ଶରଧାବାଲିରେ ଲିଭିଯାଇଛି, ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଅବହେଳା ଅକ୍ଷମଣୀୟ। ସୁରକ୍ଷା ଅବହେଳାର ତୁରନ୍ତ ତଦନ୍ତ କରାଯିବ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।' ଏଥିସହିତ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରର ନିକଟତମ ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି।

## ଜୀବନହାନି ଗ୍ରହଣୀୟ ...
ଜୀବନହାନି ଗ୍ରହଣୀୟ ...
ଦିଆଯିବା ଉଚିତ। ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ପରିଚାଳନା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଭଳି ଏକ ବଡ଼ କାର୍ଯ୍ୟକ୍ରମ ବେଳେ ସୁରକ୍ଷା ବନ୍ଦୋବସ୍ତର ଉପଯୁକ୍ତ ସମୀକ୍ଷା କରାଯିବା ଜରୁରୀ ଥିଲା। ଓଡ଼ିଶା ସରକାର ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ ବୋଲି ରାହୁଲ ପରାମର୍ଶ ଦେଇଛନ୍ତି। ଏଥିସହ କଂଗ୍ରେସ କର୍ମୀମାନଙ୍କୁ ସହଯୋଗ ଆବଶ୍ୟକ କରୁଥିବା ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଓଡ଼ିଶାର ଭାଜପା ସରକାରଙ୍କ ଅବହେଳାକୁ ଦାୟୀ କରି ଦଳାଚକଟାକୁ 'ଅକ୍ଷମଣୀୟ' ବୋଲି କହିଛନ୍ତି।

## ଭିଡ଼ ନିୟନ୍ତ୍ରଣରେ ବିଫଳ ସରକାର:ନବୀନ

**ଭୁବନେଶ୍ୱର,୨୯।୬(ରବିନାରାୟଣ ଜେନା)** ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ମହାପ୍ରଭୁଙ୍କ ଦର୍ଶନ ବେଳେ ଦଳାଚକଟା ସ୍ଥିତି ଉପୁଜିବା ଏବଂ ଏଥିରେ ୩ଜଣଙ୍କ ମୃତ୍ୟୁ ଘଟିବା ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିଛନ୍ତି। ରବିବାର ସାମାଜିକ ଗଣମାଧ୍ୟମ'ଏକ୍ସ' ଜରିଆରେ ନବୀନ ୩ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ କହିଛନ୍ତି ଯେ, ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଦଳାଚକଟା ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ଓ ମୃତକଙ୍କ ସମ୍ପର୍କୀୟଙ୍କ ପ୍ରତିକ୍ରିୟା ଅନୁଯାୟୀ ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ କୌଣସି ପ୍ରଶାସନିକ ଅଧିକାରୀ ଉପସ୍ଥିତ ନ ଥିଲେ। ଏହା କର୍ତ୍ତବ୍ୟରେ ଦାୟିତ୍ୱହୀନ ଅବହେଳା। ରାଜ୍ୟ ସରକାର ତୁରନ୍ତ ଏଥିରେ ସୁଧାର ଆଣିବାକୁ ଉଦ୍ୟମ କରନ୍ତୁ ବୋଲି ନବୀନ କହିଛନ୍ତି । ସେ କହିଛନ୍ତି, ଆଗକୁ ଆଡପବିଜେ ସାଙ୍ଗକୁ ବାହୁଡ଼ା, ସୁନାବେଶ ରହିଛି। ଏହି ସମୟରେ ଭିଡ଼ ନିୟନ୍ତ୍ରଣ ଯେଭଳି ଶାନ୍ତି ଶୃଙ୍ଖଳାର ସହ ହେବ ଏବେଠୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ନବୀନ କହିଛନ୍ତି, ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ଅଘଟଣ ଘଟିବା ସରକାରଙ୍କ ବିଫଳତାକୁ ଦର୍ଶାଉଛି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନ ଥିଲା, ଯାହା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଚରମ ଅବହେଳାକୁ ଦର୍ଶାଉଛି। ରଥଯାତ୍ରା ଦିନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିବାରେ ଅହେତୁକ ବିଳମ୍ବ ହେଲା, ହେଲେ ସରକାର ଅତି ସହଜରେ ଏହାକୁ 'ମହାପ୍ରଭୁଙ୍କ ଇଚ୍ଛା' ବୋଲି କହି ଦାୟିତ୍ୱରୁ ମୁହଁ ଫେରାଇ ନେଲେ। ଏପରି ଅଭାବନୀୟ ଉକ୍ତି ପ୍ରଶାସନର ଦାୟିତ୍ୱହୀନତାକୁ ଢାଙ୍କିବା ବ୍ୟତୀତ ଆଉ କିଛି ନୁହେଁ। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମ୍ବେଦନଶୀଳ ଭାବେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ଜନ୍ମବେଦିରେ ...
ଜନ୍ମବେଦିରେ ...
ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୋଟିପହଣ୍ଡିରେ ଆଡ଼ପମଣ୍ଡପକୁ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଠାକୁରମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଟାହିଆ ଲାଗି କରାଯାଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆ ମଣୋହୀ ସହ ଆଳତି କରିଥିଲେ। ପରେ ପହଣ୍ଡି ହୋଇ ଠାକୁରମାନେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ଶରଧାବାଲି ପ୍ରକମ୍ପିତ ହୋଇଉଠିଥିଲା।

## ମାଉଣ୍ଟ ଏଲବ୍ରସ୍‌ରେ...
ମାଉଣ୍ଟ ଏଲବ୍ରସ୍‌ରେ...
ଯେଉଁଠାରେ ସାଧାରଣ ତାପମାତ୍ରା -୧୦ ଡିଗ୍ରୀ ସେଲ୍‌ସିୟସ ରହିଥାଏ। ତେଢ଼ବୀରଙ୍କୁ କାବାର୍ଡିନୋ-ବାଲ୍‌କାରିଆନ୍ ଗଣରାଜ୍ୟ (ରୁଷିଆ)ର ପର୍ବତାରୋହଣ, କ୍ରୀଡ଼ା ଏବଂ ପର୍ଯ୍ୟଟନ ଫେଡେରେଶନ୍ ଦ୍ୱାରା ପ୍ରମାଣପତ୍ର ମିଳିଛି। ମାତ୍ର ୬ ବର୍ଷ ୯ ମାସ ଏବଂ ୪ ଦିନରେ ସବୁଠାରୁ କମ୍ ବୟସ୍କ ପର୍ବତାରୋହୀ ଭାବେ ସେ ମାଉଣ୍ଟ ଏଲବ୍ରସ୍ର ଶିଖରରେ ଚଢ଼ିଥିବା ନେଇ ଏହି ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସଫଳତା ସହ ପଞ୍ଜାବର ରୋପରସ୍ଥିତ ଶିୱାଲିକ ପବ୍ଲିକ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ର ତେଢ଼ବୀର ମହାରାଷ୍ଟ୍ରର ସୋଲାପୁର ନିବାସୀ ଓ୍ୱାଘା କୁଶାଗ୍ରଙ୍କ ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୧ ଅଗଷ୍ଟ ୧୭ରେ ଓ୍ୱାଘା ମାତ୍ର ୭ ବର୍ଷ ୩ ମାସର ହୋଇଥିବା ବେଳେ ମାଉଣ୍ଟ ଏଲବ୍ରସ୍ ଚଢ଼ି ବିଶ୍ୱ ରେକର୍ଡ କରିଥିଲେ।

## ଶାଶ୍ୱତ ମିଶ୍ର ...
ଶାଶ୍ୱତ ମିଶ୍ର ...
ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ସରକାରଙ୍କ ବିଜ୍ଞପ୍ତିରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମେ' ୨୨ରେ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ତାଙ୍କ ସ୍ଥାନରେ କିଏ ଅବସ୍ଥାପିତ ହେବେ ସେନେଇ ଦୀର୍ଘଦିନ ଧରି କଳ୍ପନା ଜଳ୍ପନା ଚାଲିଥିଲା। ରବିବାର ପୁରୀରେ ରଥଯାତ୍ରାରେ ହୋଇଥିବା ଅଘଟଣକୁ ନେଇ ସରକାର ଶାଶ୍ୱତ ମିଶ୍ରଙ୍କୁ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ୪୭୭ ଡ୍ରୋନ୍, ୬୦ ...
୪୭୭ ଡ୍ରୋନ୍, ୬୦ ...
ଟ୍ରମ୍ପଙ୍କ ଯୁଦ୍ଧବିରତି ପ୍ରସ୍ତାବରେ ଜେଲେନ୍‌ସ୍କି ଏକପ୍ରକାର ସହମତି ପ୍ରକାଶ କରିଥିବାବେଳେ ପୁଟିନ୍ କିନ୍ତୁ ସବୁବେଳେ କେଁ ପୂରାଇ ବିଭ୍ରାଟ ସୃଷ୍ଟି କରୁଛନ୍ତି। ଫଳରେ ଶାନ୍ତି ଆଲୋଚନା ଆଗେଇ ପାରୁନାହିଁ। ସମଗ୍ର ୟୁକ୍ରେନ୍ ଦଖଲ ସ୍ୱପ୍ନ ଦେଖୁଥିବା ପୁଟିନ୍‌ଙ୍କ ସେନା ଶନିବାର ରାତିରେ ୫୩୭ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଛି। ଏନେଇ ୟୁକ୍ରେନୀୟ ବାୟୁସେନାର ଯୋଗାଯୋଗ ମୁଖ୍ୟ ୟୁରିୟ ଇହାନତ୍ କହିଛନ୍ତି, ସୀମାଠାରୁ ବହୁ ଦୂରେ ଥିବା ପଶ୍ଚିମ ୟୁକ୍ରେନ୍ ସମେତ ଦେଶର ବିଭିନ୍ନ ଭାଗକୁ ରୁଷିଆ ଟାର୍ଗେଟ କରିଛି। ଖେରସନ୍ ରିଜିୟନ୍‌ରେ ଡ୍ରୋନ୍ ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଖାରକିଭରେ ଏକ କାରକୁ ଡ୍ରୋନ୍ ମାଡ଼ କରାଯିବାରୁ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଦେଶର ପଶ୍ଚିମଭାଗରେ ରୁଷିଆର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏଫ୍-୧୬ ପାଇଲଟ୍ ମକ୍ସିମ୍ ଉସ୍ତିମେନ୍‌କୋ ଉଦ୍ୟମ ଚଳାଇଥିଲେ। ସେ ୭ଟି ଏରିଏଲ୍ ଟାର୍ଗେଟ୍‌କୁ ଖସାଇବା ପରେ ରୁଷୀୟ ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଛନ୍ତି। ସେ ଚଳାଉଥିବା ଏଫ୍-୧୬ ଯୁଦ୍ଧବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଏକ୍ସ'ରେ ସୂଚନା ଦେଇଛନ୍ତି। ରୁଷିଆ ଛାଡ଼ିଥିବା ଅଧିକାଂଶ ଡ୍ରୋନ୍ ଇରାନ୍ ନିର୍ମିତ ଥିଲା।

ଜେଲେନ୍‌ସ୍କି ଆହୁରି କହିଛନ୍ତି, ଶାନ୍ତି ପାଇଁ ବିଶ୍ୱର ଆହ୍ୱାନ ସତ୍ତ୍ୱେ ପୁଟିନ୍ ଯୁଦ୍ଧ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଆକ୍ରମଣକାରୀ ଉପରେ ଚାପ ପକାଯାଇ ଏହି ଯୁଦ୍ଧକୁ ବନ୍ଦ କରାଯିବା ଜରୁରୀ ହୋଇପଡ଼ିଛି। ୟୁକ୍ରେନ୍ ନିଜ ଏୟାର ଡିଫେନ୍ସକୁ ମଜବୁତ କରିବାକୁ ଚାହେଁ। ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କ ଜୀବନ ବଞ୍ଚାଇବା। ଆମେରିକାଠାରୁ ଆମେ ଉନ୍ନତ ଏୟାର ସିଷ୍ଟମ୍ କିଣିବାକୁ ପ୍ରସ୍ତୁତ। ଆମେରିକା, ୟୁରୋପ ଓ ଆମ ଅନ୍ୟ ସହଯୋଗୀଙ୍କଠାରୁ ସମର୍ଥନ ଆବଶ୍ୟକ କରୁଛୁ। ଗତ ସପ୍ତାହରେ ରୁଷିଆ ୟୁକ୍ରେନ୍ ଉପରେ ୧୧୪ ମିଶାଇଲ, ୧,୨୭୦ ଡ୍ରୋନ୍ ଓ ପ୍ରାୟ ୧,୧୦୦ ଗ୍ଲାଇଡ୍ ବୋମା ଛାଡ଼ିଥିଲା। ଆକ୍ରମଣ କ୍ଷମତା ଥିବା ପର୍ଯ୍ୟନ୍ତ ରୁଷିଆ ୟୁକ୍ରେନ୍ ଉପରେ ମିଶାଇଲ୍ ମାଡ଼ କରିଚାଲିଥିବ ବୋଲି ଜେଲେନ୍‌ସ୍କି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ନେତାମାନେ ବୁଧବାର ସାମରିକ ମେଣ୍ଟର ପ୍ରତିରକ୍ଷା ବ୍ୟୟରେ ଏକ ବଡ଼ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ସହଯୋଗୀଗୁଡ଼ିକ ୨୦୩୫ ମସିହା ସୁଦ୍ଧା ସେମାନଙ୍କ ବାର୍ଷିକ ପ୍ରତିରକ୍ଷା ବ୍ୟୟରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୫% ବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏଥିସହ 'ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତଙ୍କ ଉପରେ ଆକ୍ରମଣ' ରୂପେ ଅଭିହିତ କରି ସାମୂହିକ ପ୍ରତିରକ୍ଷା ପ୍ରତି ରହିଥିବା ନିଜ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ରୁଷିଆ ଏହାକୁ ନିଜ ପ୍ରତି ଏକ ଆସନ୍ନ ବିପଦ ମନେକରି ୟୁକ୍ରେନ୍ ଉପରେ ଏଭଳି ଆକ୍ରମଣ କରିଥିବା କୁହାଯାଉଛି।

# ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପଇସା କ୍ୟା ନ କରେ କାମ?<br>ଆବେ ପରଶୁ ଯାବେ ପରଶୁ<br>ବାବୁ ପରଶୁରାମ ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁ କିଛି। ହାତରେ ଅର୍ଥ ବା ଧନ ନ ଥିଲେ କେହି ଆଡ ଆଖିରେ ବି ଚାହିଁ ନ ଥାନ୍ତି କି ଭଲରେ କଥା ପଦେ ମଧ୍ୟ କହି ନ ଥାନ୍ତି। ପରନ୍ତୁ ହାତକୁ ଧନ ଆସିଗଲେ ସେହି ବ୍ୟକ୍ତିକୁ ଆଦର ଅଭ୍ୟର୍ଥନା ଦେଖାଇବା ସହ ସମ୍ମାନ ପ୍ରଦାନ କରିବାକୁ ପଛାଇନଥାନ୍ତି। ଏହା ହିଁ ଧନ ବା ଟଙ୍କାର କରାମତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପୋଷା ମାନଇ ବଣର ଜୀବ<br>ପୋଷା ନ ମାନଇ ଆପଣା ଜିଭ।**

ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି। ଯେତେ ପେଟ ପୂରାଇ ଖାଦ୍ୟ ଖାଉଥିଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ବଣର ଜୀବଙ୍କୁ ପୋଷା ମନାଇ ରଖିବା ହୁଏତ ସମ୍ଭବପର, କିନ୍ତୁ ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ରଖିବା ଅତ୍ୟନ୍ତ କଷ୍ଟକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ
ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରିଜନଙ୍କ ସ୍ନେହ, ଶ୍ରଦ୍ଧା ପାଇ ମନର ଦୁଃଖକୁ ଲାଘବ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ କେତେକ ଭୁଲ୍‌ରୁ କିମ୍ବା ଭାବପ୍ରବଣତାରୁ କାମ ବିଶୃଙ୍ଖଳିତ ହେବ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବୃଷ** ବନ୍ଧୁଙ୍କୁ ଦେଇଥିବା ଅର୍ଥପ୍ରାପ୍ତିରେ ବିଳମ୍ବ କଳହର କାରଣ ପାଲଟି ଯାଇପାରେ। ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗିରହିପାରେ।

**ମିଥୁନ** ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ବିଳମ୍ବରେ ସଫଳତା ପାଇବେ। ପିଲାଙ୍କ ସମସ୍ୟାକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**କର୍କଟ** ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ହିତୈଷୀଙ୍କ ସୁନଜରରେ ଆସି ସ୍ଥଗିତ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ନିଜର ବିଚକ୍ଷଣତା ପ୍ରଭାବରେ ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା** ଅତୀତ ଘଟଣାକୁ ମନରେ ସ୍ଥାନ ଦେଉଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିବ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ରଚନାତ୍ମକ କାର୍ଯ୍ୟ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତିରେ ସଫଳତା ପାଇବେ।

**ଧନୁ** ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଯାତ୍ରା ସମୟରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ନୂତନ ଧାତୁ, ଅଳଙ୍କାର, ବସ୍ତ୍ରଭୂଷଣାଦି ଲାଭ କରିବାର ସୁଯୋଗ ପାଇବେ।

**ମକର** ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ କିନ୍ତୁ କାମ ଅଟକିବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରିଚାଲନ୍ତୁ ଅବଶ୍ୟ ସଫଳତା ପାଇବେ। କିନ୍ତୁ ସରକାରୀ କାମରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଜାଣିଶୁଣି ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି ଯାହାକି ଉଦ୍‌ବେଗର କାରଣ ହୋଇପାରେ। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ଅଯଥା ଗୁଡାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଜୁନ୍ ୩୦ ତାରିଖ, ଆଷାଢ଼ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ସୋମବାର। ଅଦ୍ୟ ସକାଳ ଘ.୦୭.୨୧ ମି. ମଧ୍ୟେ (ମଘା ନକ୍ଷତ୍ରରେ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ, ତର୍ପଣ ଓ ଶ୍ରାଦ୍ଧାଦି କଲେ ଅକ୍ଷୟ ପୁଣ୍ୟ ମିଳେ), ରାଶିନକ୍ଷତ୍ର-ସକାଳ ଘ.୦୭.୨୧ ମି. ଗତେ ପୂର୍ବାଫାଲଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮.୪୫ ଗତେ ଘ.୧୦.୩୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୩ ଗତେ ଘ. ୦୮.୩୨ ମଧ୍ୟେ ରାହୁ କାଳ ।

# ଗୋଟିଏ ମିନିଟରେ ଦେଢ଼ ଲକ୍ଷ ଟିକେଟ୍ ବୁକିଂର ସୁବିଧା

ଭୁବନେଶ୍ୱର,୨୯।୬ (ଅଭୟ ଦାଶ)



ଭାରତୀୟ ରେଳବାଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରେଳ ଯାତ୍ରା ଅଭିଜ୍ଞତାକୁ ଯାତ୍ରୀ-କୈନ୍ଦ୍ରିକ କରିବା ପାଇଁ ପ୍ରତିବଦ୍ଧ ରହିଛି। କୌଣସି ଯାତ୍ରୀଙ୍କର ରେଳବାଇ ସହିତ ଯାତ୍ରା ଟିକେଟ୍ ସଂରକ୍ଷଣ ପର୍ଯ୍ୟାୟରୁ ଆରମ୍ଭ ହୋଇଥାଏ। ଟିକେଟ୍ ବୁକିଂକୁ ସହଜ କରିବା ପାଇଁ ରେଳବାଇ ଏକାଧିକ ପଦକ୍ଷେପ ନେଉଛି। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଏହି ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଶେଷ କରି ଟିକେଟ୍ ସଂରକ୍ଷଣ ବ୍ୟବସ୍ଥାକୁ ସ୍ମାର୍ଟ, ସ୍ୱଚ୍ଛ, ସୁଗମ ଏବଂ ଦକ୍ଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଯୋଜନା ଯାତ୍ରୀଙ୍କ ସୁବିଧା ଉପରେ ଧ୍ୟାନ ଦେବ। ନୂଆ ବ୍ୟବସ୍ଥା ଯାତ୍ରୀମାନଙ୍କ ପାଇଁ ଏକ ସୁଗମ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ନିଶ୍ଚିତ କରିବ। ଏପରିକି ଯାତ୍ରାରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଆଗୁଆ ଟିକେଟ୍‌ଧାରୀ ଯାତ୍ରୀଙ୍କ ତାଲିକା ପ୍ରକାଶ କରାଯିବ। ସମ୍ପ୍ରତି ଟିକେଟ୍ ସଂରକ୍ଷଣ ତାଲିକା ଟ୍ରେନ ଯାତ୍ରା ଆରମ୍ଭ କରିବାର ୪ ଘଣ୍ଟା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହା ଯାତ୍ରୀଙ୍କ ମନରେ ଅନିଶ୍ଚିତତା ସୃଷ୍ଟି କରୁଛି। ଯେଉଁଠାରେ ଯାତ୍ରୀମାନେ ନିକଟସ୍ଥ ଅଞ୍ଚଳରୁ ଟ୍ରେନ୍ ଧରିବା ପାଇଁ ଆସୁଛନ୍ତି ସେଠାରେ ଏହି ଅନିଶ୍ଚିତତା ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ଏହି ଅନିଶ୍ଚିତତାକୁ ଦୂର କରିବା ଲାଗି ଯାତ୍ରା ଆରମ୍ଭ କରିବାର ୮ଘଣ୍ଟା ପୂର୍ବରୁ ସଂରକ୍ଷିତ ଟିକେଟ୍ ତାଲିକା ପ୍ରକାଶ କରାଯିବ। କୌଣସି ନିର୍ଦ୍ଦିଷ୍ଟ ଦିନର ଅପରାହ୍ନ ୨ଟା ପୂର୍ବରୁ ଛାଡ଼ୁଥିବା ଟ୍ରେନ୍ ପାଇଁ ପୂର୍ବ ଦିନ ରାତି ୯ଟା ସୁଦ୍ଧା ଟିକେଟ୍ ଧାରୀ ଯାତ୍ରୀଙ୍କ ତାଲିକା ପ୍ରସ୍ତୁତ କରାଯିବ। ସେହିଭଳି ରେଳମନ୍ତ୍ରୀ ଏହି ପ୍ରସ୍ତାବରେ ସହମତ ହୋଇଛନ୍ତି ଏବଂ କୌଣସି ବାଧା ନ ହେବା ପାଇଁ ପର୍ଯ୍ୟାୟ କ୍ରମେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦକ୍ଷେପ ୱେଟଲିଷ୍ଟ ବା ପ୍ରତୀକ୍ଷା ଟିକେଟ୍ ଥିବା ଯାତ୍ରୀମାନଙ୍କ ପାଇଁ ଅନିଶ୍ଚିତତାକୁ ହ୍ରାସ କରିବ। ଯାତ୍ରୀମାନେ ୱେଟଲିଷ୍ଟ ଟିକେଟ୍ ସ୍ଥିତି ବିଷୟରେ ଆଗୁଆ ସୂଚନା ପାଇପାରିବେ। ଏହା ଦୂରଦୂରାନ୍ତର ସ୍ଥାନ କିମ୍ବା ପ୍ରମୁଖ ସହରଗୁଡ଼ିକର ଉପନଗରରୁ ଦୂରଗାମୀ ଟ୍ରେନ୍ ଧରିବା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଲାଭ ଦେବ। ୱେଟ୍ ଲିଷ୍ଟ ଟିକେଟ୍ ନିଶ୍ଚିତ ବା କନଫର୍ମ ନ ହେଲେ ବିକଳ୍ପ ବ୍ୟବସ୍ଥା କରିବାକୁ ଏହା ଅଧିକ ସମୟ ମଧ୍ୟ ପ୍ରଦାନ କରିବ। ରେଳମନ୍ତ୍ରୀ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାର ଉନ୍ନତିକରଣ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଗତ କିଛି ମାସ ଧରି ସିଆରଆଇଏସ ଦ୍ୱାରା କାର୍ଯ୍ୟକାରୀ ହେଉଛି। ନୂଆ କରି ଉନ୍ନତିକରଣ ହୋଇଥିବା ପିଆରଏସ ଡିଜାଇନ୍ ଦକ୍ଷ, ନମନୀୟ ଏବଂ ବର୍ତ୍ତମାନର ଚାହିଦା ଠାରୁ ଦଶ ଗୁଣ ପରିଚାଳନା କରିବା ପାଇଁ ସୁବିଧା ଯୋଗାଇ ଦେବ। ଏହା ଟିକେଟ୍ ବୁକିଂ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ। ନୂତନ ପିଆରଏସ ପ୍ରତି ମିନିଟରେ ଦେଢ ଲକ୍ଷରୁ ଅଧିକ ଟିକେଟ୍ ବୁକିଂକୁ ସକ୍ଷମ କରିବ। ଏହା ବର୍ତ୍ତମାନର ପିଆରଏସ ବ୍ୟବସ୍ଥା ଅନୁଯାୟୀ ପ୍ରତି ମିନିଟରେ ୩୨ହଜାର ଟିକେଟ୍ ଠାରୁ ପ୍ରାୟ ୫ ଗୁଣ ଅଧିକ ବୋଲି କୁହାଯାଉଛି। ସେହିପରି ଟିକେଟ୍ ଅନୁସନ୍ଧାନ କ୍ଷମତା ୧୦ ଗୁଣ ବୃଦ୍ଧି ପାଇବ ଅର୍ଥାତ ଗୋଟିଏ ମିନିଟ୍ ମଧ୍ୟରେ ଅନୁସନ୍ଧାନ କ୍ଷମତା ୪ ଲକ୍ଷରୁ ୪୦ ଲକ୍ଷରେ ପହଞ୍ଚିବ। ନୂଆ ପିଆରଏସ ବ୍ୟବସ୍ଥାକୁ ବହୁଭାଷୀ, ବ୍ୟବହାରକାରୀ ଅନୁକୂଳ ଏବଂ ଅନୁସନ୍ଧାନ ଇଣ୍ଟରଫେସ୍ ସହିତ ଅଧିକ ସୁବିଧାଜନକ କରାଯିବ।

# ଟୟୋଟା ସହ ଓହମିୟମ୍‌ର ବୁଝାମଣା



ଭୁବନେଶ୍ୱର,୨୯।୬

ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍ ବା ଟୟୋଟା) ଏବଂ ଓହମିୟମ୍ ଇଣ୍ଟରନ୍ୟାସନାଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଭାରତରେ ସବୁଜ ହାଇଡ୍ରୋଜେନ୍-ଆଧାରିତ ସମନ୍ୱିତ ଶକ୍ତି ସମାଧାନ ସହ-ବିକଶିତ କରିବା ପାଇଁ ଏକ ବୁଝାମଣାପତ୍ର ଆଦାନପ୍ରଦାନ କରିଛି। ଏହି ରଣନୈତିକ ପଦକ୍ଷେପ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟାରେ ଟୟୋଟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଭବିଷ୍ୟତର ସ୍ୱଚ୍ଛ ଇନ୍ଧନ ଭାବେ ସବୁଜ ହାଇଡ୍ରୋଜେନ୍‌କୁ ଆଗକୁ ବଢ଼ାଇବା ଉପରେ ଆଲୋକପାତ କରିଥାଏ। ଏହା ଗତିଶୀଳତା ଏବଂ ସ୍ଥିର ପ୍ରୟୋଗଗୁଡ଼ିକରେ ଏକ ଦୃଢ଼ ହାଇଡ୍ରୋଜେନ୍ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରୟାସକୁ ସୁଦୃଢ଼ କରିବ। ସେହିଭଳି ଏହି ସହଯୋଗର ଲକ୍ଷ୍ୟ ଦୁଇ ପକ୍ଷର ପରିପୂରକ କ୍ଷମତାକୁ ବ୍ୟବହାର କରିବା ଏବଂ ସବୁଜ ହାଇଡ୍ରୋଜେନ ଉତ୍ପାଦନ ପାଇଁ ମଡ୍ୟୁଲାର, କମ ଖର୍ଚ୍ଚ ଏବଂ ସ୍କେଲେବଲ୍ ପିଇଏମ ଇଲେକ୍ଟ୍ରୋଲାଇଜରରେ ବିଶେଷଜ୍ଞ ପିଇଏମ ହାଇଡ୍ରୋଜେନ ପ୍ରଯୁକ୍ତି କମ୍ପାନୀ ଓହମିୟମ୍ ଏବଂ ବିଭିନ୍ନ ହାଇଡ୍ରୋଜେନ ପ୍ରୟୋଗରେ ସ୍ଥାୟୀତ୍ୱ ପାଇଁ ପ୍ରୟାସ କରୁଥିବା ଇନ୍ଧନ-ସେଲ୍ ପ୍ରଯୁକ୍ତିବିଦ୍ୟାରେ ଟୟୋଟା ଅଗ୍ରଣୀ ରହିଛି। ଉଭୟ ପକ୍ଷ ମିଳିତ ଭାବେ ମାଇକ୍ରୋଗ୍ରୀଡ୍ ଭଳି ସମନ୍ୱିତ, ସବୁଜ ହାଇଡ୍ରୋଜେନ-ଚାଳିତ ଶକ୍ତି ସମାଧାନର ସମ୍ଭାବ୍ୟତା ମୂଲ୍ୟାଙ୍କନ କରିବେ, ଯାହା ଡାଟାସେଂଟର, ପରିବେଶଗତ ପ୍ରତିବନ୍ଧକ ପ୍ରତି ସମ୍ବେଦନଶୀଳ ଦୂର ସ୍ଥାନ ଇତ୍ୟାଦିରେ ପ୍ରୟୋଗ କରାଯାଇପାରିବ, ଯାହାଦ୍ୱାରା ଭାରତର ଜାତୀୟ ଶକ୍ତି ପରିବର୍ତ୍ତନ ଲକ୍ଷ୍ୟକୁ ସମର୍ଥନ କରାଯିବ। ଏହି ଅବସରରେ ଟୟୋଟା କିର୍ଲୋସ୍କର ମୋଟରର ଉପାଧ୍ୟକ୍ଷ ମାନସୀ ଟାଟା କହିଥିଲେ, ଟୟୋଟାରେ ଏକ କାର୍ବନ-ନିରପେକ୍ଷ ଭବିଷ୍ୟତ ପ୍ରତି ଆମର ପ୍ରତିବଦ୍ଧତା ସ୍ୱଚ୍ଛ ଗତିଶୀଳତା ବାହାରେ ବିସ୍ତାରିତ ରହିଛି। ଟୟୋଟା କିର୍ଲୋସ୍କର ମୋଟରର କର୍ପୋରେଟ୍ ପ୍ଲାନିଂ, ଗ୍ରୀନ୍ ଫିଲ୍ଡ ପ୍ରୋଜେକ୍ଟର ଉପ-ପରିଚାଳନା ନିର୍ଦ୍ଦେଶକ ସ୍ୱପ୍ନେଶ ଆର. ମାରୁ କହିଥିଲେ, ଭାରତ ତାର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଏକ ପରିବର୍ତ୍ତନଶୀଳ ମୋଡ଼ରେ ଠିଆ ହୋଇଛି।

# ଓପି ସହ ଆଇଜି ଡ୍ରୋନସର ସହଭାଗିତା

ଭୁବନେଶ୍ୱର,୨୯।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆଇଜି ଡ୍ରୋନସ ଏବଂ ଓଡିଶା ପୋଲିସ (ଓପି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଚଳିତ ବର୍ଷର ରଥଯାତ୍ରାରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବାକୁ ଓଡିଶା ପୋଲିସ ଆଇଜି ଡ୍ରୋନ୍‌ସ ସହ ସହଭାଗିତା କରିଛି। ଏପରିକି ପ୍ରଥମ ଥର ପାଇଁ ରଥଯାତ୍ରାରେ ସହରର ପ୍ରମୁଖ ସ୍ଥାନଗୁଡିକରେ ଆଡଭାନ୍ସଡ ଡ୍ରୋନ ସର୍ଭିଲାନ୍ସ ଟେକ୍ନୋଲୋଜିକୁ ବ୍ୟାପକ ରୂପେ ନିୟୋଜିତ କରାଯାଇଛି, ଯାହା ଆକାଶମାର୍ଗରୁ ଭିଡର ଗତିବିଧି, ଟ୍ରାଫିକ ଓ ସମ୍ଭାବ୍ୟ ଜରୁରୀକାଳିନ ସ୍ଥିତିକୁ ବାସ୍ତବ ସମୟରେ ତଦାରଖ କରିବା କାର୍ଯ୍ୟକୁ ସୁଗମ କରୁଛି। ଏଥିସହିତ ଆକାଶମାର୍ଗରୁ ଅନଧିକୃତ ବିପଦକୁ ଚିହ୍ନଟ କରିବା ଓ ମୁକାବିଲା କରିବା ପାଇଁ ଆଣ୍ଟି-ଡ୍ରୋନ ସିଷ୍ଟମଗୁଡିକୁ ରଣନୈତିକ ଭାବେ ଅବସ୍ଥାପିତ କରାଯାଇଛି। ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି,ରଥଯାତ୍ରା ମୋ ପାଇଁ ଗଭୀର ଭାବେ ବ୍ୟକ୍ତିଗତ, କେବଳ ଜଣେ ବୈଷୟିକ ଉଦ୍ୟୋଗୀ ଭାବେ ନୁହେଁ ବରଂ ଏଭଳି ଜଣେ ବ୍ୟକ୍ତି ଭାବେ ଯିଏ ଓଡିଶାରେ ଜନ୍ମିତ ଓ ପାଳିତ। ଏହି ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉତ୍ସବର ସୁରକ୍ଷାରେ ଯୋଗଦାନ ଦେବା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ଓ ବଡ ଦାୟିତ୍ୱ। ଚଳିତ ବର୍ଷ ଆମର ଆଡ୍‌ଭାନ୍ସଡ ଡ୍ରୋନ ସର୍ଭିଲାନ୍ସକୁ ଆଣ୍ଟି-ଡ୍ରୋନ ଡିଫେନ୍ସ ସିଷ୍ଟମ ସହ ଏକୀକୃତ କରି ଆମେ ରଥଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ବାଧାମୁକ୍ତ ହେବ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରୁଛୁ।

# ସନ୍‌ଫିଷ୍ଟ ମାରୀ ଲାଇଟର ନୂତନ ଅଭିଯାନ

ଭୁବନେଶ୍ୱର,୨୯।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଇଟିସି ଗ୍ରୁପର ପ୍ରମୁଖ ବ୍ରାଣ୍ଡ ସନ୍‌ଫିଷ୍ଟ ମାରୀ ଲାଇଟର ନୂତନ ଅଭିଯାନ 'ସୂର୍ଯ୍ୟ ବରଦାନ'ର ଶୁଭାରମ୍ଭ ପୁରୀ ରଥଯାତ୍ରାରେ ହୋଇଯାଇଛି। ଏପରିକି ଏହା ଭାରତର ଅନ୍ୟତମ ସର୍ବାଧିକ ପୂଜ୍ୟ ଆଧ୍ୟାତ୍ମିକ ଉତ୍ସବ ହୋଇଥିଲାବେଳେ ଏହା ଏହିଭଳି ଏକ ମୁହୂର୍ତ୍ତ ଯେତେବେଳେ ଲକ୍ଷ ଲକ୍ଷ ଲୋକ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ପଛେ ପଛେ ଏକାନ୍ତ ବିଶ୍ୱାସର ସହିତ ଏକତ୍ର ଚାଲିଥାନ୍ତି। ଚଳିତ ବର୍ଷ ଏହି ଚିରନ୍ତନ ପରମ୍ପରାକୁ ଏକ ଚିନ୍ତନଶୀଳ ଢଙ୍ଗରେ ସନଫିଷ୍ଟ ମାରୀ ଲାଇଟ ସମର୍ଥନ କରୁଛି। ସେହିଭଳି ରଥଯାତ୍ରା ସମୟରେ ତୀର୍ଥଯାତ୍ରୀମାନେ ପ୍ରଖର ସୂର୍ଯ୍ୟକିରଣକୁ ଦୀର୍ଘ ସମୟ ସହ୍ୟ କରୁଥିବାବେଳେ ସନଫିଷ୍ଟ ସୂର୍ଯ୍ୟ ବରଦାନ ଏକ ଆଶ୍ୱସ୍ତି ଏବଂ ଶ୍ରଦ୍ଧାର ପ୍ରତୀକ ଭାବେ ଉଭା ହୋଇଛି। ବ୍ରାଣ୍ଡ ଏକ ଶୀତଳ ଅନୁଭୂତି ପ୍ରଦାନକାରୀ ସୂର୍ଯ୍ୟ ବରଦାନ ଟୋପିକୁ ରଥଯାତ୍ରାରେ ଉନ୍ମୋଚନ କରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମଧ୍ୟ ଉକ୍ତ ଯାତ୍ରାରେ ସନଫିଷ୍ଟ ମେରୀ ଲାଇଟ ସହିତ ସାମିଲ ହୋଇ କମ୍ପାନୀର ପ୍ରୟାସ ପ୍ରତି ନିଜର ସମର୍ଥନ ଯୋଗାଇ ଦେଇଥିଲେ। ସେ କ୍ଷେତ୍ରସ୍ତରରେ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ସହିତ ସନଫିଷ୍ଟ ସୂର୍ଯ୍ୟ ବରଦାନ ଟୋପି ବଣ୍ଟନରେ ମଧ୍ୟ ସହାୟତା କରିଥିଲେ। ଏ ନେଇ ଆଇଟିସି ଲିମିଟେଡର ସିଓଓ (ବିସ୍କୁଟସ ଆଣ୍ଡ କେକ୍‌ସ କ୍ଲଷ୍ଟର, ଫୁଡ୍‌ସ ଡିଭିଜନ) ଅଲି ହାରିସ ଶେରେ କହିଥିଲେ, ଶକ୍ତି, ସାମର୍ଥ୍ୟ ଓ ଜୀବନର ପ୍ରତୀକ ହୋଇଥିବା ସୂର୍ଯ୍ୟ ଆମ ବ୍ରାଣ୍ଡର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସନଫିଷ୍ଟ ମାରୀ ଲାଇଟରେ ଆମର ବିସ୍କୁଟଗୁଡିକ ସୂର୍ଯସ୍ନାତ ଗହମରୁ ପ୍ରସ୍ତୁତ ହେଉଛି। ସେହି ଆତ୍ମୀୟତାର ଭାବ ଏବଂ ଯତ୍ନକୁ ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରୁଛୁ। ସୂର୍ଯ୍ୟ ବରଦାନ ଟୋପି ପରମ୍ପରାକୁ ସମ୍ମାନ ଜଣାଇବା ନିମନ୍ତେ ଆମର ପ୍ରୟାସ ଏବଂ ସେହି ସମୟରେ ଆମେ ପୁରୀ ରଥଯାତ୍ରା ଭକ୍ତମାନଙ୍କ ନିମନ୍ତେ ଚିନ୍ତନଶୀଳ ଆରାମ ଯୋଗାଇ ଦେଉଛୁ।




## ଅପରାଧ

# ନକଲି ସସ୍ କାରଖାନା ସିଲ୍, ୨ ଅଟକ

ବ୍ରହ୍ମପୁର,୨୯।୬ (ସୁବାସ ଚନ୍ଦ୍ର ପାଢ଼ୀ)

**୧୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ**

ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ରବିବାର ଏକ ନକଲି ସସ୍ କାରଖାନା ଉପରେ ଚଢାଉ କରିଛି। ସେଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ସସ୍, କଞ୍ଚାମାଲ, ମେଶିନ ଓ ରାସାୟନିକ ଦ୍ରବ୍ୟ ଆଦି ଜବତ କରାଯାଇଛି। ଚଢ଼ାଉ ଖବରପାଇ କାରଖାନା ମାଲିକ ଫେରାର ହୋଇଯାଇଛନ୍ତି। ପୋଲିସ ୨ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। କଞ୍ଚାମାଲ, ରାସାୟନିକ ସାମଗ୍ରୀ କେଉଁଠୁ ଆସୁଛି, ତାହାକୁ କିପରି ପ୍ରସ୍ତୁତ କରାଯାଉଛି ସେ ନେଇ ଜେରା ଚାଲିଛି। କାରଖାନାକୁ ସିଲ୍ କରାଯାଇଛି। ସେଠାରେ 'ଅନ୍‌ମୋଲ' ବ୍ରାଣ୍ଡରେ ଟମାଟୋ ସସ୍, ଚିଲି ସସ୍ ଓ ଭିନେଗାର ପ୍ରସ୍ତୁତ ହେଉଥିଲା।

ବଡ଼ବଜାର ଥାନା ଅନ୍ତର୍ଗତ ପିଚିପିଚିଆ ନଗରରେ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଥିବା ଖବର ମିଳିଥିଲା। ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲା। କିଛିବର୍ଷ ହେଲା ଜଣେ ଯୁବକ ନକଲି ସସ୍ ପ୍ରସ୍ତୁତ କରି ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବିକ୍ରି ପାଇଁ ପଠାଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାରଖାନା ମାଲିକ କ'ଣ ପ୍ରସ୍ତୁତ କରିବାକୁ ଲାଇସେନ୍ସ ପାଇଥିଲେ ସେ ସମ୍ପର୍କରେ ମହାନଗର ନିଗମର ଖାଦ୍ୟ ନିରାପତ୍ତା ବିଭାଗରୁ ଜଣାପଡିବ ବୋଲି ପୋଲିସ କହିଛି।

# ବାଂଲାଦେଶୀ ସନ୍ଦେହରେ ୨୧ ଜଣଙ୍କୁ ଉଠାଇନେଲା ପୋଲିସ

ରାଜନଗର, ୨୯।୬ (ଭାସ୍କର ରାଉତରାୟ)

**କେନ୍ଦ୍ରାପଡ଼ାରେ ଚାଲିଛି ପଚରାଉଚରା, ପ୍ରମାଣପତ୍ର ଯାଞ୍ଚ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବାବେଳେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଜୋରଦାର ହୋଇଛି। ୨ଦିନ ଭିତରେ ରାଜନଗର ଥାନା ଓ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୨୧ ଜଣଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା ସହ ନାଗରିକତା ପ୍ରମାଣପତ୍ର ଯାଞ୍ଚ କରୁଥିବା ଜଣାପଡିଛି।

ତାଲଚୁଆ ସାମୁଦ୍ରିକ ଥାନା ପୋଲିସ ରାଜେନ୍ଦ୍ରନଗର ଗାଁରୁ ଜଣେ ଓ ରଙ୍ଗଣୀ ଅଞ୍ଚଳରୁ ଜଣଙ୍କୁ ଉଠାଇ ନେଇଛି। ସେହିପରି ରାଜନଗର ଥାନା ପୋଲିସ ଶନିବାର ଓ ରବିବାର କେରେଡ଼ାଗଡ଼ ଗାଁରୁ ୮ ଜଣ ଓ ଗୋପାଳପୁରରୁ ୧୧ ଜଣଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ୨ଟି ଥାନା ଅଞ୍ଚଳରୁ ୨୧ ଜଣଙ୍କୁ ପୋଲିସ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟକୁ ପଠାଇ ଦେଇଛି। କେନ୍ଦ୍ରାପଡାରେ ଏକ ସ୍ୱତନ୍ତ୍ର ଟିମ୍ ୨୧ ଜଣଙ୍କ ନାଗରିକତା ପ୍ରମାଣପତ୍ର ଯାଞ୍ଚ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ରାଜନଗର ଆଇଆଇସି ନରେଶ କୁମାର ସାହୁଙ୍କୁ ପଚାରିବାରେ ଥାନା ଅଧୀନରେ ବିଭିନ୍ନ ସ୍ଥାନରୁ ୧୯ ଜଣଙ୍କୁ ଚିହ୍ନଟ କରାଯାଇ ଏସ୍‌ପିଙ୍କ ନିକଟରେ ପହଞ୍ଚାଯାଇଛି। ଏ ନେଇ ତାଲଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପଚାରିବାରେ ତାଲଚୁଆ ଅଞ୍ଚଳରୁ ୨ଜଣଙ୍କୁ ଜିଲା ପୋଲିସ ପ୍ରଶାସନ ପାଖକୁ ପଠାଯାଇଛି। ଯେହେତୁ ଏହା ଏକ ସମ୍ବେଦନଶୀଳ ଘଟଣା ନାମ ଓ ସ୍ଥାନ ପ୍ରକାଶ କରାଯାଉନାହିଁ ବୋଲି ୨ ଆଇଆଇସି କହିଛନ୍ତି।

# ଭୁବନେଶ୍ୱରରୁ ବିହାରୀ ବନ୍ଧୁକ ବେପାରୀ ଗିରଫ

ଭୁବନେଶ୍ୱର,୨୯।୬ (ସତ୍ୟଜିତ୍ ରାଉତ)

**୫ ବନ୍ଧୁକ, ୭ ଗୁଳି ଜବତ**
- ଟ୍ରେନରେ ଓଡ଼ିଶା ଆସିଥିଲେ
- ମାଡିବସିଲା ସ୍ପେଶାଲ ଟାସ୍କଫୋର୍ସ

ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରାଜଧାନୀ ଭୁବନେଶ୍ୱରରୁ ରବିବାର ଜଣେ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବିହାର ସମସ୍ତିପୁର ଜିଲା ସାହପୁର ପଟୋରି ଥାନା ଅନ୍ତର୍ଗତ ଡୁମରି ବଜାର ଅଞ୍ଚଳର ଦିଲୀପ ସାହ (୩୭)। ଡିଲ୍ ଅନୁଯାୟୀ ବିହାରରୁ ବନ୍ଧୁକ ଓ ଗୁଳି ନେଇ ଓଡ଼ିଶା ଆସି ଡିଲରଙ୍କ ପାଖକୁ ଯାଉଥିବା ବେଳେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କାବୁ କରିଛି। ଦିଲୀପଙ୍କଠାରୁ ୫ଟି ବନ୍ଧୁକ ଓ ୭ ଗୁଳି ଜବତ ହୋଇଛି। ବନ୍ଧୁକଗୁଡ଼ିକ ମଧ୍ୟରେ ରହିଛି ୩ଟି ୭ ଏମ୍‌ଏମ୍ ଅଟୋମେଟିକ୍ ଦେଶୀ ପିସ୍ତଲ ସହ ମାଗାଜିନ, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ ସହ ମାଗାଜିନ ଓ ଗୋଟିଏ ସିଙ୍ଗିଲ୍ ସୁଟ୍ ଦେଶୀ ବନ୍ଧୁକ। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ଆର୍ମସ ଆକ୍ଟର ସେକ୍ସନ ୨୫/୨୭ ଓ ବିଏନ୍‌ଏସ୍ ଦଫା ୩୫୧(୩)ରେ ଏକ ମାମଲା (ନଂ.୧୩/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଦିଲୀପଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦିଲୀପଙ୍କ ଲିଙ୍କ୍‌ରେ ଥିବା ବିହାରର ଅନ୍ୟ ବନ୍ଧୁକ ବେପାରୀ ଏବଂ ଓଡ଼ିଶାର ଡିଲରଙ୍କୁ ଧରିବାକୁ ଏସ୍‌ଟିଏଫ୍ ପ୍ରୟାସ କରୁଛି। ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଦିଲୀପଙ୍କ ଉପରେ ଏସ୍‌ଟିଏଫ୍ ୩ ମାସ ହେଲା ତୀକ୍ଷ୍ଣ ନଜର ରଖିବା ସହ ଟ୍ରାକ୍ କରୁଥିଲା। ଦିଲୀପ ନିକଟରେ ଓଡ଼ିଶା ଆସି ବଡ଼ ବନ୍ଧୁକ ଡିଲ୍ କରିବେ ବୋଲି ସୂଚନା ମିଳିଥିଲା। ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ଦିଲୀପ ରବିବାର ବିହାରରୁ ଟ୍ରେନ୍‌ରେ ଆସି ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥିଲେ। ଭୁବନେଶ୍ୱର ବାଲିଅନ୍ତା ଥାନା ଅନ୍ତର୍ଗତ ସରଦେଇପୁରସ୍ଥିତ ପିଡବ୍ଲ୍ୟୁଡି ଆଇବି ନିକଟରେ ଏସ୍‌ଟିଏଫ୍ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ବିହାରର ମୁଙ୍ଗେରରୁ ଭାୟା ବୟାଳିଶି ମୌଜା, ବ୍ରହ୍ମପୁରର ଧରାପଡ଼ିଥିବା ବନ୍ଧୁକ ର୍‍ୟାକେଟରେ ଦିଲୀପ ସାମିଲ ଥିଲେ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ, ଗୁଳି।

# କୋଟିପତି ଯନ୍ତ୍ରୀ ସୁଶୀଲ ଗିରଫ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବ୍ରହ୍ମପୁର, ୨୯।୬ (ସୁବାସ ଚନ୍ଦ୍ର ପାଢ଼ୀ)

**ଆୟଠାରୁ ୧୬୩% ଅଧିକ ସମ୍ପତ୍ତି ଠୁଳ କରିଥିଲେ**
- ବ୍ୟାଙ୍କ, ଜୀବନବୀମା ଜମା ୧.୧୧ କୋଟି ଠାବ
- ସ୍ୱାମୀଙ୍କୁ ସହଯୋଗ କରି ମାମଲାରେ ଫସିଲେ ସ୍ତ୍ରୀ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡାଙ୍କୁ ରବିବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚଢ଼ାଉ ଓ ଯାଞ୍ଚ ପରେ ସୁଶୀଲ ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବହୁ କୋଟି ସମ୍ପତ୍ତି ଠୁଳ କରିଥିବା ଜଣାପଡିଛି। ତେବେ ଠାବ ହୋଇଥିବା ଆୟ ଆୟ ବହିର୍ଭୂତ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୬୩ ପ୍ରତିଶତ ଅଧିକ ବୋଲି ଭୁବନେଶ୍ୱର ଭିଜିଲାନ୍ସ ମୁଖ୍ୟାଳୟ ସମେତ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ଓ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସୁଶୀଲଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା (ନଂ.୯/୨୦୨୫) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ମାମଲାରେ ସୁଶୀଲଙ୍କ ସ୍ତ୍ରୀ ମଧ୍ୟ ଫସିଛନ୍ତି। ସମ୍ପତ୍ତି ଠୁଳ କରିବାରେ ସ୍ୱାମୀଙ୍କୁ ସହଯୋଗ କରିଥିବାରୁ ଭିଜିଲାନ୍ସ ତାଙ୍କୁ ମାମଲାରେ ସହ-ଅଭିଯୁକ୍ତ ଦର୍ଶାଇଛି।

ସୂଚନାଯୋଗ୍ୟ, ସୁଶୀଲଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ ଟିମ୍ ଗଞ୍ଜାମ ଓ ପୁରୀ ଜିଲାର ୭ଟି ସ୍ଥାନରେ ଶନିବାର ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ, ୧୨୬ ଗ୍ରାମର ସୁନା ଅଳଙ୍କାର, ନଗଦ ୨ ଲକ୍ଷ ୫ ହଜାର ଟଙ୍କା, ଗୋଟିଏ ଚାରି ଚକିଆ ଯାନ (ମହିନ୍ଦ୍ରା କେୟୁଭି), ଦୁଇଟି ଦୁଇ ଚକିଆ ଯାନ ଓ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଆଦି ଠାବ ହୋଇଥିଲା। ତେବେ ଅଧିକ ଯାଞ୍ଚ ପରେ ସୁଶୀଲ ୧ କୋଟି ୧୧ ଲକ୍ଷ ୯୭ ହଜାର ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମାରାଶି ରଖିଥିବା ଭିଜିଲାନ୍ସ ସୂଚନା ଦେଇଛି।



ସୁଶୀଲ କୁମାର ପଣ୍ଡା

# ଟ୍ରେନରେ ଡକାୟତି କରୁଥିବା ୬ ଜଣିଆ ଗ୍ୟାଙ୍ଗ ଧରାପଡ଼ିଲା

ଭୁବନେଶ୍ୱର,୨୯।୬ (ଅନୁରାଧା ମହାରଣା)

ଟ୍ରେନ୍‌ରେ ଡକାୟତି କରୁଥିବା ୬ଜଣିଆ ଗ୍ୟାଙ୍ଗକୁ ରେଳ ସୁରକ୍ଷା ବଳ (ଆରପିଏଫ୍)ର ଡିଟେକ୍ଟିଭ ୱିଙ୍ଗ୍ ପୁରୀର କୋଚିଂ କମ୍ପ୍ଲେକ୍ସରୁ ଧରିଛି। ଅପରେଶନ 'ଯାତ୍ରୀ ସୁରକ୍ଷା' ମାଧ୍ୟମରେ ଆର୍‌ପିଏଫ୍ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନେ ପୁରୀ ଏବଂ ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ଚଳାଚଳ କରୁଥିବା ରାତି ଟ୍ରେନ୍‌ରେ ଡକାୟତି କରିବାକୁ ଯୋଜନା କରୁଥିବା ସମୟରେ ଆର୍‌ପିଏଫ୍ ହାବୁଡ଼ରେ ପଡିଥିଲେ। ସେମାନଙ୍କୁ ତଲାସି ବେଳେ ଆରପିଏଫ୍ ଟିମ୍ ୨୩ଟି ଚୋରି ମୋବାଇଲ ହ୍ୟାଣ୍ଡସେଟ୍, ୨୪,୪୫୦ ନଗଦ ଟଙ୍କା ଏବଂ ୭,୧୩,୪୫୦ ଟଙ୍କାର ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଯାତ୍ରୀଙ୍କୁ ନିଶା ଦେଇ କିମ୍ବା ଆଖିରେ ଲଙ୍କାଗୁଣ୍ଡ ପକାଇ ଏହି ଗ୍ୟାଙ୍ଗ ଡକାୟତି କରୁଥିଲେ।

# ଅପହୃତା ନାବାଳିକା ତାମିଲନାଡୁରୁ ଉଦ୍ଧାର, ୪ ଗିରଫ

ନବରଙ୍ଗପୁର/କୋଡ଼ିଙ୍ଗା, ୨୯।୬ (ସଦାଶିବ ପ୍ରହରାଜ/ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡିଗାଁ ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ପୋଲିସ ତାମିଲନାଡୁର କରୁମଥାମପଟ୍ଟିରୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ କୋଡିଙ୍ଗା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଏ ନେଇ ନବରଙ୍ଗପୁର ଥାନାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଥାନା ଅଧୀନ ପକନାଗୁଡା ଗାଁର ପ୍ରତାପ ହରିଜନ ଓରଫ ସଲମାନ, ତେନ୍ତୁଲିଖୁଣ୍ଟି ଥାନା ଅଧୀନ କାମତା ଗାଁର ବିକାଶ ନାୟକ, କୋଡ଼ିଙ୍ଗା ଥାନା ଅଧୀନ ଗୋଟିବେଡା ଗାଁର ଖଗପତି ଜାନି ଓ ଆଟିଗାଁର ମିଠୁଲା ଜାନି ଓରଫ ବଇଦି। ପୋଲିସ ସେମାନଙ୍କ ନିକଟରୁ ଗୋଟେ କାର୍, ବାଇକ୍ ଓ ୪ଟି ମୋବାଇଲ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ନାବାଳିକା ଜଣକ ତାଙ୍କ ଦୁଇ ଜଣ ଝିଅ ସାଙ୍ଗ ସହ ବୁଲିବାକୁ ଯାଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ତାଙ୍କୁ କେହି ଅପହରଣ କରିନେଇଥିବା ନାବାଳିକାଙ୍କ ଭାଇ ଗତ ୨୪ ତାରିଖରେ କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୧୦୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ। ନାବାଳିକା ଅପହରଣ ଘଟଣାରେ ୪ଜଣ ଯୁବକ ସମ୍ପୃକ୍ତ ଥିବା ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ନାବାଳିକା ଜଣକ ତାମିଲନାଡୁ ଅଧୀନ କରୁମଥାମପଟ୍ଟିରେ ଥିବା ଅଭିଯୁକ୍ତମାନେ ସ୍ୱୀକାର କହିଥିଲେ। ପୋଲିସ ନାବାଳିକାଙ୍କ ମୋବାଇଲ ଟ୍ରାକିଂ କରିବାରୁ ସେ କରୁମଥାମପଟ୍ଟିରେ ଥିବା ଜଣାପଡ଼ିଥିଲା। ପୋଲିସର ଏକ ଟିମ୍ କରୁମଥାମପଟ୍ଟି ଯାଇ ସେଠାକାର ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ଏସ୍‌ଡିପିଓ ଭତ୍ରା କହିଛନ୍ତି। ଖବରଦାତା ସମ୍ମିଳନୀରେ କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣ: ଜଣେ ମୃତ

ଛତ୍ରପୁର,୨୯।୬ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ବ୍ରାହ୍ମଣିଆପଲ୍ଲୀରେ ଶନିବାର ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଏ. ଲାଛେୟା ପାତ୍ର। ଲାଛେୟାଙ୍କ ନିଜ ଘର ପୁରୁଷୋତ୍ତମପୁର ବ୍ଲକ ଶାସନପଲ୍ଲୀ ହୋଇଥିବା ବେଳେ ସେ ପିଲାଦିନରୁ ବ୍ରାହ୍ମଣିଆପଲ୍ଲୀରେ ଅଜା ଘରେ ରହି ଆସୁଥିଲେ। ଶନିବାର ଗ୍ରାମ ନିକଟ ରେଳ ଫାଟକଠାରେ ୭ରୁ ୮ ଜଣ ବ୍ୟକ୍ତି କୌଣସି ଏକ କାରଣକୁ ନେଇ ପୁଅକୁ ପିଟୁଥିବା ଲାଛେୟାଙ୍କ ବାପା ଏ. ଦିଲୁ ପାତ୍ର ଖବର ପାଇଥିଲେ। ତୁରନ୍ତ ସେ ଘଟଣାସ୍ଥଳକୁ ଆସି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଲାଛେୟାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ବାପା ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ସେ ଚିହ୍ନିଥିବା କହିବା ସହ ଏତଲାରେ ସେମାନଙ୍କ ନାମ ଉଲ୍ଲେଖ କରିଛନ୍ତି। ପୋଲିସ ନଂ.୩୧୯/୨୫ରେ ମାମଲା ରୁଜୁ କରିବା ସହ ଗ୍ରାମରେ ପହଞ୍ଚି ତଦନ୍ତ କରୁଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ଏ. ଲାଛେୟା ପାତ୍ର।

> ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। **–ଶ୍ରୀମା**



# ବୟସରେ ପୂର୍ଣ୍ଣଚ୍ଛେଦ

'କାଣ୍ଟା ଲଗା' ମ୍ୟୁଜିକ୍ ଭିଡିଓରେ ଲୋକପ୍ରିୟତା ହାସଲ କରିବାଠାରୁ ଆରମ୍ଭ କରି ସଲମାନ ଖାନ୍‌ଙ୍କ 'ମୁଝ୍‌ସେ ଶାଦି କରୋଗୀ' ଚଳଚ୍ଚିତ୍ରରେ ଅଭିନୟ ସହ ରିଅଲଟି ଶୋ' ବିଗ୍‌ବସ୍–୧୩ରେ ସାମିଲ ହୋଇଥିବା ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କର ମାତ୍ର ୪୨ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଏଭଳି ଅକାଳ ବିୟୋଗର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯୁବାବସ୍ଥା ବଜାୟ ରଖିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ ସହ ଏଥିପାଇଁ ଇଞ୍ଜେକ୍‌ଶନର ବାରମ୍ବାର ପ୍ରୟୋଗ ଏକ ମୁଖ୍ୟ କାରଣ ହୋଇଥାଇପାରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଶେଫାଳି ଏକ ପୂଜା ପାଇଁ ଦିବସବ୍ୟାପୀ ଉପବାସ ରଖିଥିଲେ। ପରେ ଆଣ୍ଟି–ଏଜିଂ ଇଞ୍ଜେକଶନ୍ ନେବା ଦ୍ୱାରା ହଠାତ୍ ରକ୍ତଚାପ କମିଯିବାରୁ ତାଙ୍କ ମୃତ୍ୟୁ ଘଟିଲା। ଅନ୍ୟପକ୍ଷରେ ଡାକ୍ତରୀ ବିଜ୍ଞାନ କହୁଛି ଯେ, ଷ୍ଟେରଏଡ୍ ଓ ହର୍‌ମୋନାଲ ଇଞ୍ଜେକଶନ୍ ଏବଂ ମଞ୍ଜୁରୀ ପାଇ ନ ଥିବା ନୂଆ ଆଣ୍ଟି–ଏଜିଂ ଡ୍ରଗ୍ସସବୁର ନକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ବହୁ ସେଲିବ୍ରିଟିଙ୍କ ସମେତ ଅନେକେ ଯୁବାବସ୍ଥାରେ ରହିବା ଲାଗି ଏହି ପନ୍ଥା ଆପଣାଉଛନ୍ତି। ଏବଂ ଏହା ଏବେ ଏକ ବିରାଟକାୟ ବେପାରରେ ପରିଣତ ହୋଇଗଲାଣି।

'ଆଣ୍ଟି–ଏଜିଂ'ର ସାଧାରଣ ବ୍ୟାଖ୍ୟାନ ହେଲା ଯୁବାବସ୍ଥା ବଜାୟ ରଖିବାର ପ୍ରୟାସ। ଦେଖିବାକୁ ଗଲେ ମଣିଷ ଜନ୍ମଠାରୁ ମୃତ୍ୟୁ ଯାଏ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥାଏ। ଶୈଶବ, କୈଶୋର, ବୟସ୍କ ଅବସ୍ଥା ଦେଇ ମଣିଷ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚେ। ହେଲେ ଅନେକେ ଯୌବନ ଅବସ୍ଥାରେ ଦୀର୍ଘବର୍ଷ ରହିବାକୁ ଚାହୁଁଥିବାରୁ କୃତ୍ରିମ ଉପାୟ ଅବଲମ୍ବନ କରୁଛନ୍ତି। ଏହା ଏବେ ଟ୍ରେଣ୍ଡ୍ ହୋଇଗଲାଣି। ଏହାକୁ ପ୍ରସାର କରିବାକୁ ସାମାଜିକ ଗଣମାଧ୍ୟମ ଜରିଆରେ ସେଲିବ୍ରିଟି ଓ ଇନ୍‌ଫ୍ଲୁଏନ୍ସର ଯୋଡ଼ି ହୋଇଗଲେଣି। ବାସ୍ତବତା ହେଲା ଜଣେ ଯଦି ୮୦ କିମ୍ବା ୯୦ ବର୍ଷ ବୟସ ଯାଏ ସୁସ୍ଥ ଭାବେ ଜିଇ ପାରିଲେ, ତାଙ୍କ ଜୀବନ ଠିକ୍‌ରେ ଚାଲିଲା ବୋଲି କୁହାଯାଇଥାଏ। ଅର୍ଥାତ୍ ଏଠାରେ ଦୀର୍ଘ ବୟସକୁ ଆଶୀର୍ବାଦ ବୋଲି ଧରାଯିବା କଥା। ହେଲେ ସେହି ବଢୁଥିବା ବୟସକୁ ହର୍‌ମୋନାଲ ଇଞ୍ଜେକଶନ୍ ହେଉ ବା ଅନ୍ୟ ଯେକୌଣସି ପଦ୍ଧତିରେ ବାଧା ସୃଷ୍ଟି କରାଯିବା ଦ୍ୱାରା ମଣିଷ ଖୁବ୍‌ଶୀଘ୍ର ମୃତ୍ୟୁକୁ କୋଳାଗ୍ରତ କରିବା ଦିଗରେ ଧାଉଁଛି ବୋଲି କୁହାଯାଇପାରେ। ଯେତେବେଳେ ଯାହା ହେବା କଥା ତାହା ହେବାକୁ ନ ଦିଆଯାଇ ଯଦି ଜବରଦସ୍ତ ରୋକାଯିବ, ପରିଣତି ଭୟଙ୍କର ହେବା ସ୍ୱାଭାବିକ। ଗୌରବର୍ଣ୍ଣ ଦିଶିବା ଲାଗି ଯୁବତୀ, ମହିଳା ଏପରିକି ପୁରୁଷମାନେ ମଧ୍ୟ ବିଭିନ୍ନ ପ୍ରକାର କ୍ରିମ୍ ଲଗାଇବା ଓ ବଟିକା ଖାଇବାରେ ପୂର୍ବରୁ ଅଭ୍ୟସ୍ତ ଥିବା ଦେଖାଯାଇଛି। ମୁଣ୍ଡରେ ବାଳ ରୋପଣ ଓ ପାଚିଲା ଚୁଟିରେ କେଉଁ କଲ୍‌ର ଲଗାଇଲେ ମଣିଷ ଯୁବା ଦିଶିବେ ସେଥିଲାଗି ଅନେକ କମ୍ପାନୀ ସେମାନଙ୍କ ପସରା ମେଲାଇ ଦେଇଛନ୍ତି। କହିବାକୁ ଗଲେ ବିଉଟି ଇଣ୍ଡଷ୍ଟ୍ରି ବା ସୌନ୍ଦର୍ଯ୍ୟ ଶିଳ୍ପର ଆକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିସହିତ ହେଲ୍‌ଥ ଆଣ୍ଡ୍ ୱେଲନେସ୍ ବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଶିଳ୍ପ ମଧ୍ୟ ମିଶିଯାଇ ଆଣ୍ଟି–ଏଜିଂର ନୂଆ ବ୍ୟାଖ୍ୟାନ ସୃଷ୍ଟି କରୁଛନ୍ତି। ବିଗତ କିଛିବର୍ଷ ହେବ ଯୁବପିଢ଼ି ଅତ୍ୟଧିକ ଶାରୀରିକ ବ୍ୟାୟାମ କରିବା ସହ ବିଭିନ୍ନ କମ୍ପାନୀ ଦ୍ୱାରା ବଜାରରେ ଉପଲବ୍ଧ ହେଉଥିବା ବଟିକା, ପାଉଡର ଓ ହେଲ୍‌ଥ ଟନିକ୍ ବ୍ୟବହାର କରୁଛନ୍ତି। ଯଦି ଏଭଳି ଅପ୍ରାକୃତିକ ପଦ୍ଧତି ଆପଣାଯାଇ ଜଣେ ମୋଟା ଲୋକ ପତଳା ହୋଇପାରୁଛି, ନିଶ୍ଚିତ ଭାବେ ତାହାର ପ୍ରଭାବ ଶରୀର ଉପରେ ଦୀର୍ଘମିଆଦୀ ପଡ଼ିବା ଥୟ। ସ୍ଲିମ୍ ରହିବା, ସିକ୍ସ ପ୍ୟାକ୍ କନ୍‌ସେପ୍ଟକୁ ମୁଣ୍ଡ ଭିତରେ ପୂରାଉଥିବା ସଂସ୍ଥାର ବ୍ୟବସାୟ ଭଲ ହୋଇପାରେ। କିନ୍ତୁ ତାହା ଅନେକ କ୍ଷେତ୍ରରେ କ୍ଷତି ପହଞ୍ଚାଉଥିବା ଲକ୍ଷ୍ୟ କରାଯାଉଛି। ଏଥିରୁ ବୁଝିବାକୁ ହେବ ଯେ, ଯେତେସବୁ ଅବାସ୍ତବ ଉପାୟ ଅବଲମ୍ବନ କରାଯାଉଛି, ତାହା ଦ୍ୱାରା ଲାଭ ଅପେକ୍ଷା କ୍ଷତି ବଢ଼ିଯାଉଛି। କାରଣ ଏହା ପ୍ରକୃତି ବିରୋଧୀ। ହସଖୁସିରେ ସାଧାରଣ ଓ ସରଳ ଜୀବନ ଜିଇବାର ମଜା ଧୀରେ ଧୀରେ ଲୋକେ ଭୁଲିଗଲେଣି। ବୟସ ବଢ଼ିଯାଉଥିବାର ଭୟ ଯୋଗୁ ଯେଉଁସବୁ ଉଗ୍ର ଉପାୟ ଅବଲମ୍ବନ କରାଯାଉଛି, କେବେ କେବେ ତାହାହିଁ ବୟସରେ ପୂର୍ଣ୍ଣଚ୍ଛେଦ ପକାଇ ଦେଉଛି।

> **ହସଖୁସିରେ ସାଧାରଣ ଓ ସରଳ ଜୀବନ ଜିଇବାର ମଜା ଧୀରେ ଧୀରେ ଲୋକେ ଭୁଲିଗଲେଣି। ବୟସ ବଢ଼ିଯାଉଥିବାର ଭୟ ଯୋଗୁ ଯେଉଁସବୁ ଉଗ୍ର ଉପାୟ ଅବଲମ୍ବନ କରାଯାଉଛି, କେବେ କେବେ ତାହାହିଁ ବୟସରେ ପୂର୍ଣ୍ଣଚ୍ଛେଦ ପକାଇ ଦେଉଛି।**

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 8 | 9 | | | 4 | | |
| | | | | | | 3 | | |
| 7 | | | | 5 | | | | 9 |
| | | | 7 | | | | | |
| | 5 | | | 1 | | | 4 | |
| | 1 | | | | | 8 | 6 | 7 |
| | | | | | 6 | | | |
| | | 3 | | 9 | | | | 5 |
| 5 | | | | 2 | 3 | 1 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 9 | 7 | 2 | 1 | 4 | 5 |
| 4 | 1 | 7 | 6 | 5 | 3 | 9 | 8 | 2 |
| 2 | 9 | 5 | 4 | 8 | 1 | 7 | 6 | 3 |
| 5 | 4 | 3 | 7 | 9 | 6 | 8 | 2 | 1 |
| 8 | 7 | 1 | 2 | 4 | 5 | 3 | 9 | 6 |
| 9 | 6 | 2 | 1 | 3 | 8 | 4 | 5 | 7 |
| 7 | 2 | 8 | 5 | 1 | 9 | 6 | 3 | 4 |
| 6 | 3 | 4 | 8 | 2 | 7 | 5 | 1 | 9 |
| 1 | 5 | 9 | 3 | 6 | 4 | 2 | 7 | 8 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର


# ବିଶ୍ୱାସରେ ବିଷ ଓ ଅମୃତ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଏ ଜଗତରେ ବିଶ୍ୱାସରେ ବିଷ ମିଶାଇବାର ଇତିହାସ ଏତେ ବିସ୍ତୃତ ଯେ ଗଣିଲେ ସରିବ ନାହିଁ। ବିଶ୍ୱାସର ଅମୃତଭାଣ୍ଡରେ ବିଷ ଭରିଦେବାର ହୀନ ପ୍ରକ୍ରିୟା ମଧ୍ୟରୁ ଏଠାରେ ସୃଷ୍ଟି ହୋଇଛି କେତେ କେତେ ମହାଭାରତ। ପୁଣି ଇତିହାସରେ ଲିପିବଦ୍ଧ ହୋଇଛି ଜୟଚନ୍ଦ୍ର, ଶିଖି ମନାଇ, ମିର୍‌ଜାଫର୍ ଆଦି ବିଶ୍ୱାସଘାତକଙ୍କ କଳଙ୍କିତ କାହାଣୀ। ଆଗ ଯୁଗର କଥା ଓ କାହାଣୀଠୁଁ ବଳି ପଡ଼ିଛି ଏ ଯୁଗରେ ଦୃଷ୍ଟିଗୋଚର ହେଉଥିବା ବିଶ୍ୱାସର ସଙ୍କଟ। ବିଶ୍ୱାସ ଏବେ ବହୁଧା ବିଷାକ୍ତ। ବିଷ ବଳୟ ମଧ୍ୟରେ ମଣିଷ ଆଜି ଏମିତି ଅବରୁଦ୍ଧ ଯେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅକାଳରେ ଉଜୁଡ଼ି ଯାଉଛି, ବାପ ପୁଅ, ଭାଇ ଭାଇର ସମ୍ପର୍କ ସନ୍ଦେହ ପଙ୍କରେ ଉବୁଟୁବୁ ହେଉଛି। ସଂସ୍କାରସିଦ୍ଧ ସମ୍ପର୍କ ସବୁ ଯେତେବେଳେ ଏ ପ୍ରକାର ସଙ୍କଟର ସମ୍ମୁଖୀନ, ସେତେବେଳେ ମାମୁଲି ପରିଚୟକୁ ପୁଞ୍ଜିକରି ଗଢ଼ି ଉଠିଥିବା ସମ୍ପର୍କ ଉପରେ ବିଶ୍ୱାସ ସ୍ଥାପନ କରିବା ଏତେ ସହଜ ନୁହେଁ। ତଥାପି ଏମିତି କିଛିଲୋକ ଅଛନ୍ତି, ଯେଉଁମାନେ ବିଶ୍ୱାସ ଭଳି ଶବ୍ଦଟିକୁ ଏତେ ଶୀଘ୍ର ଅବିଶ୍ୱାସ କରିପାରନ୍ତି ନାହିଁ। ଭରପୂର ବିଶ୍ୱାସର ମୁଗ୍ଧ ଅନୁଭବ ନେଇ ପ୍ରତ୍ୟେକ ମଣିଷକୁ ନିଜର ବୋଲି ମନେକରନ୍ତି।

ମାତ୍ର ବିଡ଼ମ୍ବନାର ବିଷୟ, ଏଥିପାଇଁ ବେଳେ ବେଳେ ସେମାନେ ପ୍ରତାରିତ ହୁଅନ୍ତି। ଢେର୍ ମୂଲ୍ୟ ଦିଅନ୍ତି ନିଜ ମାନବୀୟ ଆସ୍ଥା ଓ ବିଶ୍ୱାସ ପାଇଁ। ନିସ୍ତେଜ ହୋଇପଡ଼ନ୍ତି ବିଶ୍ୱାସର ବିଷାକ୍ତ ପ୍ରଭାବରେ। ନିକଟରେ ରାଜଧାନୀର ରାଜପଥ ଉପରେ ଏମିତି ଏକ ଘଟଣା ଘଟିଗଲା, ଯାହା କେବଳ ସେଇ ଭୁକ୍ତଭୋଗୀ ଯୁବକଙ୍କ ଉଦାର ମାନବିକତା ଉପରେ ଏକ ପ୍ରଚଣ୍ଡ ପ୍ରହାର ଥିଲା, ତାହା ନୁହେଁ, ବରଂ ଭବିଷ୍ୟତରେ ଏ ପ୍ରକାର ମାନବୀୟ ଆବେଦନର ଆହ୍ୱାନରେ ପ୍ରଭାବିତ ହେଉଥିବା ଉଦାର ଲୋକଙ୍କ ପାଇଁ ଥିଲା ଏକ ତୀବ୍ର ଚେତାବନୀ। ଯୁବକ ଜଣକ ସ୍କୁଟରରେ ଯାଉଥିବା ବେଳେ ଜଣେ ପଥଚାରୀ ଯୁବକ ତାଙ୍କୁ ଲିଫ୍ଟ ମାଗିଲେ। ମାନବିକତାର ଆହ୍ୱାନରେ ଗାଡ଼ି ଅଟକାଇ ତାଙ୍କ ପଛରେ ଯୁବକଙ୍କୁ ବସାଇଲେ ଚାଳକ। କିଛି ବାଟ ଆସିଛନ୍ତି, ଏକ ତୀକ୍ଷ୍ଣ ଛୁରି ମୁନର ଆଘାତ ସହିତ ଗାଡ଼ି ରଖିବାକୁ ଆଦେଶ ପାଇଲେ ସେ। ସମ୍ଭାବ୍ୟ ଅଘଟଣ ଆଶଙ୍କାରେ ଗାଡ଼ି ରଖିଲେ ଚାଳକ। ଆଖିପିଛୁଳାକେ ସ୍କୁଟର ଚାଳକଙ୍କୁ କାବୁ କରିନେଇ ତାଙ୍କୁ ଗାଡ଼ିରୁ ଓହ୍ଲାଇ ଦେଲେ ସେଇ ଅଜଣା ପ୍ରତାରକ ଓ ନିଜେ ଗାଡ଼ି ନେଇ ଭିଡ଼ ମଧ୍ୟରେ ହଜିଗଲେ। ଅସହାୟ ସ୍କୁଟର ମାଲିକ ସେମିତି ଛିଡ଼ା ହୋଇରହିଲେ ନିଜ ଉଦାରତାକୁ ଅଭିଶାପ ଦେଇ ; ଅଜଣା ଲୋକ ଉପରେ ପ୍ରକଟ କରିଥିବା ବିଶ୍ୱାସ ଉପରେ ମୁଣ୍ଡକୋଡ଼ି କାନ୍ଦିବା ପାଇଁ।

ଏ ତ ଗଲା ଜଣେ ଅଜଣା ଅପରିଚିତ ଲୋକ ଉପରେ ବିଶ୍ୱାସର ବିଷାକ୍ତ ପରିଣାମ। ମାତ୍ର ଯେତେବେଳେ ଚିହ୍ନାଜଣା ଲୋକଙ୍କ ଉପରେ ବିଶ୍ୱାସ ସ୍ଥାପନ କରି ମଣିଷ ପ୍ରତାରିତ ହୁଏ, ତାହା ବିପର୍ଯ୍ୟସ୍ତ ମାନବତାର ଆଉ ଏକ ଭୟଙ୍କର ଫଳଶ୍ରୁତି। କେଇଦିନ ତଳେ ଏ ସଂକ୍ରାନ୍ତୀୟ ଏକ ଦୁଃସମ୍ବାଦ ଚେତନାକୁ ଚହଲାଇ ଦେଇଥିଲା। ଅବିବାହିତା ତରୁଣୀଟିଏ ତାଙ୍କ ଭଉଣୀ ଘରୁ ନିଜ ଘରକୁ ଫେରୁଥିବା ବେଳେ ତାଙ୍କ ବସ୍‌ଟି ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ପହଞ୍ଚିଲା। ରାତି ନଅଟା ବାଜି ଯାଇଥିବାରୁ ଏବଂ ତାଙ୍କ ଗାଁକୁ ଯିବା ପାଇଁ ଆଉ କୌଣସି ସାଧନ ନ ଥିବାରୁ ଝିଅଟି ଫୋନ୍ କରି ନିଜ ଭାଇକୁ ଡାକିବାକୁ ଉପକ୍ରମ କରୁଥିବାବେଳେ ନିଜ ଗାଁ ପାଖର ଜଣେ ପରିଚିତ ଯୁବକଙ୍କ ସହାୟତା ମିଳିଲା। ସେହି ସମୟରେ ସେ ଗାଁକୁ ଫେରୁଥିବାରୁ ଚିହ୍ନାଝିଅଟିକୁ ନେଇ ତାଙ୍କ ଘରେ ପହଞ୍ଚାଇ ଦେବାର ପ୍ରସ୍ତାବ ରଖିଲା। ଝିଅଟି ତା' ବାଇକ୍ ପଛରେ ବସିଗଲା। ପରବର୍ତ୍ତୀ ପରିଣତି ହେଲା ଅତ୍ୟନ୍ତ ଲୋମହର୍ଷଣକାରୀ। ସହରତଳି ଅଞ୍ଚଳର ଏକ ନିଭୃତ କୋଠରିରେ ଝିଅଟିକୁ ବନ୍ଦୀ ରଖି ସେଇ ଯୁବକ ନିଜର ତିନି ସାଥୀଙ୍କ ସହ ମିଶି ଦୀର୍ଘ ତିନିଦିନ କାଳ ଝିଅଟିକୁ ଗଣବଳାତ୍କାର କରିଥିବାର ଖବର କେବଳ ଝିଅଟିର ବିଶ୍ୱାସରେ ବିଷ ଭରିଦେଇ ନ ଥିଲା, କଥାଟି ଶୁଣିଥିବା ସବୁ ମଣିଷଙ୍କ ଶବ୍ଦକୋଷରୁ ବିଶ୍ୱାସକୁ ଚିରଦିନ ପାଇଁ ନିର୍ବାସିତ କରିଦେଇଥିଲା।



ବିଶ୍ୱାସରେ ବିଷକୁ ନେଇ ଏମିତି ଢେର୍ ଘଟଣା। ଘଟଣା ତ ନୁହେଁ ଗୋଟିଏ ଗୋଟିଏ ଦୁର୍ଘଟଣା, ଯାହାର ପ୍ରଭାବ ଥରକରେ ସରିଯାଏ ନାହିଁ। ଯେତେ ହାତ ଟେକିଲେ ବି କେହି କାହାକୁ ଲିଫ୍ଟ ଦିଅନ୍ତି ନାହିଁ କି ଯେତେ ପରିଚିତ ହେଲେ ବି ଝିଅଟିଏ କେଉଁ ପୁରୁଷର ବାଇକ୍ ପଛରେ ବସିଯାଏ ନାହିଁ। ବିଶ୍ୱାସର ଅମୃତ କଳସରେ ଟୋପାଏ ବିଷର ପ୍ରଭାବ କେତେ ବ୍ୟାପକ, କେତେ ଭୟଙ୍କର ସତେ !

ତଥାପି ସବୁ କଥାରେ କିଛି ନା କିଛି ବ୍ୟତିକ୍ରମ ଥିଲା ଭଳି ଏ କଥାରେ ମଧ୍ୟ ଏମିତି କିଛି ବ୍ୟକ୍ତିକ୍ରମ ପରିଲକ୍ଷିତ ହୁଏ। ଯାହା ବିଶ୍ୱାସରେ ବିଷ ଭଳି ଏକ ବହୁ କଥିତ ପ୍ରବାଦକୁ ଅସତ୍ୟ ପ୍ରମାଣିତ କରେ। ହଁ, ଏ କଥା ସେଇମାନଙ୍କୁ ନେଇ, ଯେଉଁମାନେ ବିଷରେ ବି ବିଶ୍ୱାସ ସ୍ଥାପନ କରନ୍ତି। ଏଇ ଜଗତଟା ଯେତେ ବିଷମୟ ହେଲେ ବି ତାହା ମଧ୍ୟରେ ଅମୃତ ସନ୍ଧାନ କରୁଥିବା ଏ ପ୍ରକାର ଲୋକମାନଙ୍କୁ ଦେଖିଲେ ମନେହୁଏ ଏଇମାନଙ୍କୁ ଆଶ୍ରା କରି ବିଶ୍ୱାସ ଭଳି ଶବ୍ଦଟି ଏ ପର୍ଯ୍ୟନ୍ତ ଏଇ ଜଗତରେ ତିଷ୍ଠି ରହିଛି। ବଞ୍ଚି ରହିଛି ଏ ଯାବତ୍ ସମଗ୍ର ବସୁଧାକୁ କୁଟୁମ୍ବ ମନେକରିବାର ସେଇ ପ୍ରାଚୀନ ବେଦବାଣୀ। ବିଷଗ୍ରସ୍ତ ଦୁନିଆରେ ଏମାନେ ପ୍ରକୃତରେ ଅନନ୍ୟ, ଅସାଧାରଣ। ବିଷରେ ବିଶ୍ୱାସ ରଖି ଏକ ଅମୃତମୟ ଅନୁଭବର ଅଧିକାରୀ ହୋଇଥିବା ଏମାନଙ୍କ ବଡ଼ପଣ ପ୍ରତି ଶଙ୍କାଗ୍ରସ୍ତ ମଣିଷ ସମୁଦାୟର କୋଟି କୋଟି ପ୍ରଣାମ।

ଏ ସମ୍ପର୍କରେ ଛୋଟ ଏକ ଘଟଣା। ଘଟଣାଟିର ଆବେଦନ ସାଧାରଣ ଜୀବନରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଜଣେ ବନ୍ଧୁଙ୍କ ପରିବାର ଗାଁକୁ ଯାଇଥିବାରୁ ନିଜ ସରକାରୀ କ୍ୱାର୍ଟରରେ ଏକା ରହୁଥିଲେ ସେ। ଦିନେ ଏକ ହୋଟେଲକୁ ଖାଇବାକୁ ଗଲେ ଯେ ଖାଇସାରି ବିଲ୍ ଭରଣା କରିବାକୁ ଯାଇ ଦେଖିଲେ ପକେଟରେ ପର୍ସ ନାହିଁ। ହୋଟେଲ ମାଲିକ ପରିଚିତ ନ ଥିବାରୁ ବିଲ୍ ବାବଦକୁ ଶହେ କୋଡିଏ ଟଙ୍କା କେମିତି ଭରିବେ। ସେ ନେଇ କିଛି କ୍ଷଣ ଚିନ୍ତା କରି ଶେଷରେ ସେ ନିଜ ହାତଘଣ୍ଟାଟି ଦୋକାନୀଙ୍କ ଆଗରେ ରଖିଲେ ଓ ଘରୁ ପର୍ସ ଆଣି ତାଙ୍କ ଦେୟ ଭରଣା କରି ଘଣ୍ଟାଟି ନେଇଯିବା ପାଇଁ କହିଲେ। ହୋଟେଲ ମାଲିକ କହିଲେ, ଘଣ୍ଟାଟି ହାତରେ ବାନ୍ଧନ୍ତୁ। ମୋ ପ୍ରାପ୍ୟ ମିଳିଯିବ ବୋଲି ମୋର ବିଶ୍ୱାସ ଅଛି। ପାଖରେ ପର୍ସ ନ ଥିବାରୁ ଲଜ୍ଜା ଓ ଅନୁଶୋଚନାକୁ ଗୋଟିଏ ମୁହୂର୍ତ୍ତରେ ଗିଳିଦେଲା ତାଙ୍କ ପରି ଜଣେ ଦିନିକିଆ ଗରାଖ ଉପରେ ହୋଟେଲ ମାଲିକଙ୍କ ଆସ୍ଥା ଓ ବିଶ୍ୱାସ। ଏକ ଅନିର୍ବଚନୀୟ ମୁଗ୍ଧ ଅନୁଭବରେ ବନ୍ଧୁଙ୍କ ବିକଳ ମୁହଁଟି ବେଶ୍ ଉଜ୍ଜ୍ୱଳ ହୋଇଉଠିଲା।

ଆଉ ଏକ ଘଟଣା। କଟକରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ନିଜ ସ୍କୁଟରରେ ଭୁବନେଶ୍ୱର ଫେରୁଥିଲେ ନିର୍ମଳ। ସାଙ୍ଗରେ ଥିଲେ ଯୁବାପତ୍ନୀ ଓ ଆଠବର୍ଷର ଝିଅ। ରାତି ଦଶଟା ବାଜି ସାରିଥିଲା। ନିଜ ଘରେ ପହଞ୍ଚିବାକୁ ଆହୁରି ଅଧା ବାଟ ବାକି ଥିଲା ବେଳେ ଅଚାନକ ତାଙ୍କ ଗାଡ଼ିଟି ଅସଜ ହୋଇଗଲା। ପାଖ ଦେଇ ଦୌଡ଼ୁଥିବା କିଛି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କଲେ ସେ। ମାତ୍ର ନିଜ ନିଜର ଦୁନିଆରେ ବଞ୍ଚୁଥିବା ଲୋକମାନଙ୍କର ସମୟ ନ ଥିଲା ନିର୍ମଳଙ୍କ ଦୁଃଖ ମୋଚନ ପାଇଁ। ପ୍ରାୟ ଅଧଘଣ୍ଟାଏ ବିତିଗଲା ପରେ ପାଖରେ କାର୍‌ଟିଏ ବ୍ରେକ୍ କଷିଲା। କାର୍ ଚାଳକ ନିଜେ ସେଇ ଗାଡ଼ିର ମାଲିକ। ସବୁ ଶୁଣି ସେ ସ୍କୁଟରଟିକୁ ପାଖ ଚା ଦୋକାନୀଙ୍କ ଜିମାରେ ରଖି ସେମାନଙ୍କୁ ନିଜ ଗାଡ଼ିରେ ଭୁବନେଶ୍ୱର ନେଇ ଯିବାକୁ ପ୍ରସ୍ତାବ ଦେଲେ। ତାଙ୍କ ଉଦାରତାକୁ ସନ୍ଦେହ ଆଖିରେ ଦେଖିବାର ଯଥେଷ୍ଟ କାରଣ ଥିବାରୁ ନିର୍ମଳଙ୍କ ସ୍ତ୍ରୀ ଅରାଜି ହେଲେ। ନିଜ ସ୍ତ୍ରୀଙ୍କୁ ବୁଝାଇ ରାଜି କରାଇବା ପାଇଁ ନିର୍ମଳଙ୍କ ଅପେକ୍ଷା ଅଧିକ ଉଦ୍ୟମ କଲେ କାର୍ ମାଲିକ ଓ ନିରାପଦରେ ଆଣି ସେମାନଙ୍କୁ ଘରେ ଛାଡ଼ି ଦେଲେ। ସ୍ୱାମୀସ୍ତ୍ରୀ ଦୁହେଁ କାର୍‌ରୁ ଓହ୍ଲାଇ କେବଳ ଧନ୍ୟବାଦ ଦେଇଥିଲା ବେଳେ ସେମାନଙ୍କ ଆଠବର୍ଷର କୁନି ଝିଅଟିର ପ୍ରତିବେଦନ ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ। ନଇଁପଡ଼ି ସେ ସେଇ ଅଚିହ୍ନା ଅଜଣା ଅଙ୍କଲଙ୍କ ପାଦ ଛୁଇଁ ପ୍ରଣାମ କରିଥିଲା। ଅମୃତ ଆସ୍ୱାଦନ ଆଉ କାହାକୁ କହନ୍ତି କି !

**ପ୍ରଜ୍ଞାନିଳୟ, ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୭୨୪୧୦୫**



# ଅନ୍ତର୍ଭୁକ୍ତିର ଭାଷା

ହୃଷୀକେଶ ପ୍ରଧାନ

ଏହା ସର୍ବସାଧାରଣରେ ସ୍ୱୀକୃତ ଯେ, ଶିଶୁମାନେ ସେମାନଙ୍କ ମାତୃଭାଷା ମାଧ୍ୟମରେ ସର୍ବୋତ୍ତମ ଭାବେ ଶିଖନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି), ୨୦୨୦ରୁ ଉଦ୍ଧୃତ ଗବେଷଣା ନିଷ୍କର୍ଷ ଅନୁଯାୟୀ, ଦୁଇରୁ ଆଠ ବର୍ଷ ବୟସର ପିଲାମାନେ ଭାଷାଗୁଡ଼ିକୁ ଅତି ଶୀଘ୍ର ଗ୍ରହଣ କରୁଥିବାରୁ ପାରସ୍ପରିକ ବାର୍ତ୍ତାଳପ ସହିତ ସମସ୍ତ ଭାଷାକୁ ଏକ ଉପଭୋଗ୍ୟ ଓ କ୍ରିୟାଶୀଳ ଶୈଳୀରେ ଶିକ୍ଷା ଦିଆଯିବ, ଏଥିରେ କୌଣସି ଦ୍ୱିମତ ନାହିଁ।

ଏନ୍‌ଇପି ବହୁଭାଷିତାକୁ ପ୍ରୋତ୍ସାହନ ଦେଇ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଭାଷାର ଶକ୍ତିକୁ ଏକ ମୌଳିକ ନୀତି ଭାବରେ ତାଲିକାଭୁକ୍ତ କରିଛି। ସିବିଏସ୍‌ସିଇ ନିଜ ସହ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକରେ ଏହାକୁ ଗୁରୁତ୍ୱ ଦେଉଛି। କିନ୍ତୁ ଏହାକୁ କେବଳ ଗୋଟିଏ ବୋର୍ଡ ସହ ଜଡ଼ିତ ବିଦ୍ୟାଳୟଗୁଡ଼ିକରେ କାହିଁକି ସୀମିତ ରଖାଯିବ ? ଯେଉଁମାନଙ୍କର ମାତୃଭାଷା କୌଣସି ପୁସ୍ତକ ବା ବିଦ୍ୟାଳୟରେ ସ୍ଥାନ ପାଇନାହିଁ, ସେହି ପିଲାମାନଙ୍କ ବିଷୟରେ ଚିନ୍ତା କରିବାର ଏବେ ଠିକ୍ ସମୟ ନୁହେଁ କି? ନିଜ ମାତୃଭାଷାରେ ଏପର୍ଯ୍ୟନ୍ତ କୌଣସି ଲିପି ନ ଥିବା ବହୁ ଛାତ୍ରୀଛାତ୍ର ମଧ୍ୟ ଅଛନ୍ତି। ବହୁଭାଷିତାକୁ ସମର୍ଥନ କରିବା ସମୟରେ ଅଧିକାଂଶ ସରକାରୀ କିମ୍ବା ପୌରାଞ୍ଚଳ ଅଧୀନ ବିଦ୍ୟାଳୟରେ ଏପରି ବାସ୍ତବତା ତଥା ପରିସ୍ଥିତିକୁ ଅଣଦେଖା କରାଯାଇପାରିବ ନାହିଁ। ସେଠାରେ ପଢୁଥିବା ପିଲାମାନଙ୍କୁ ଭାଷାଗତ ଦକ୍ଷତା ହାସଲ କରିବାକୁ ହେବ। ସେମାନେ ଅନେକ ଭାଷା ଶିଖିବାକୁ ଆଗ୍ରହୀ ଓ ନିଶ୍ଚିତ ଭାବରେ ସେମାନଙ୍କର ଦକ୍ଷତା ଅଛି। ଏଥିପାଇଁ ସଠିକ୍ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅନୁପାତରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ପରିବେଶକୁ ବୁଝିଥିବା ନିୟମିତ ଓ ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଆବଶ୍ୟକତା ରହିଛି।

ଯଦି କେବଳ ସର୍କୁଲାର ମାଧ୍ୟମରେ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇପାରନ୍ତା, ତେବେ ସ୍ୱାଧୀନତା ପରେ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ସରକାରୀ ବିଦ୍ୟାଳୟ ପ୍ରତି ଆକର୍ଷିତ ହୋଇ ଆସିଥିବା ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ସେ ସମୟରେ ଅପମାନ, ବିଫଳତା ଓ ବହିଷ୍କାରର ଶିକାର ହୋଇନଥା'ନ୍ତେ। କଥିତଭାଷା ସହିତ ସମାନତା ନ ଥିବା ବାଧ୍ୟତାମୂଳକ ଇଂରାଜୀ ଶିକ୍ଷା, ବିଦ୍ୟାର୍ଥୀମାନଙ୍କ ଅଧାରୁ ପାଠ ଛାଡ଼ ହାର ବୃଦ୍ଧି ଓ ଖରାପ ପରୀକ୍ଷାଫଳ ପ୍ରଦର୍ଶନର କାରକ ଥିଲା। ଉପନିବେଶକାରୀଙ୍କ ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ପାଇଁ ସୃଷ୍ଟି ହୋଇଥିବା ଏକ ପ୍ରତିରୋପିତ ଶିକ୍ଷା ବ୍ୟବସ୍ଥା ସାର୍ବଜନୀନ ପ୍ରବେଶ ହାସଲ ନିମନ୍ତେ ବିସ୍ତାର କରାଯାଇ, ସମ୍ବିଧାନର ଧାରା ୪୫ ଅନୁଯାୟୀ, ରାଷ୍ଟ୍ରକୁ (୬–୧୪) ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଆମ ପୂର୍ବ ପିଢ଼ିର ଗାନ୍ଧିବାଦୀ ଶିକ୍ଷକ ଓ ଆଦର୍ଶବାଦୀ ରାଜନେତାଙ୍କ ସଂଖ୍ୟା ହ୍ରାସ ପାଇ ସମୟକ୍ରମେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତିରେ ବି ସରକାରଙ୍କର ଅସାମର୍ଥ୍ୟ ଦେଖାଦେଇଛି। ଆଜି ଅଧିକାଂଶ ଭାରତୀୟ, ଭାଷାର ଶକ୍ତି ଭାବେ ଇଂରାଜୀ ଶିକ୍ଷାକୁ ପରିଗଣିତ କରିଛନ୍ତି। ବେସରକାରୀ ଏବଂ ଅଧିକ ଫିସ୍ ଆଦାୟ କରୁଥିବା ବିଦ୍ୟାଳୟଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସୁରକ୍ଷିତ କରିବାର ଏକମାତ୍ର ଆଶା ଭାବରେ ଦେଖାଯାଏ। ବହୁଭାଷିତା ନିଶ୍ଚିତ ଭାବେ ପ୍ରତିଭା ଓ ଦକ୍ଷତା ବିକାଶରେ ସହାୟକ ହେବ, କିନ୍ତୁ ଜୀବନବ୍ୟାପୀ ଶିକ୍ଷାରେ ବିଶ୍ୱାସ କରୁଥିବା ଏବଂ ଆବଶ୍ୟକ ଭାଷା ଦକ୍ଷତା ସହିତ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିୟମିତ ଉପସ୍ଥିତି ଓ ଉତ୍ତମ ପରିଚାଳନା ବ୍ୟବସ୍ଥା ଥିବା ବିଦ୍ୟାଳୟଗୁଡ଼ିକରେ ହିଁ ଏହା ସମ୍ଭବ।

ବହୁ ସମୟରେ, ଆମର ବାଗ୍ମିକତା ଅତ୍ୟଧିକ ମହତ୍ ହୋଇଯିବା କାରଣରୁ ଆମେ ମୂଳ ପ୍ରସଙ୍ଗଗୁଡ଼ିକୁ ଅଣଦେଖା କରୁ। ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୯ ଲକ୍ଷ ନିୟମିତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଅସ୍ଥିର ସଂଖ୍ୟା ଭାବେ ରହି ଆସିଛି। ସର୍ବୋପରି ନିମ୍ନ ମାନର ସମ୍ବଳ ଥିବା ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପିଲାମାନଙ୍କ ପାଇଁ ବହୁଭାଷିତାର ପ୍ରୟୋଗ କେତେ ଫଳପ୍ରଦ ହୋଇପାରିବ, ତାହା ବିଚାର୍ଯ୍ୟ।

ଭାରତର ଭୂତପୂର୍ବ ପ୍ରଧାନ ବିଚାରପତି ଜଷ୍ଟିସ ଜେ.ଏସ୍. ବର୍ମା ୨୦୧୨ ମସିହାରେ ୧୦,୦୦୦ରୁ ଊର୍ଦ୍ଧ୍ୱ ବିଏଡ୍ କଲେଜମୂଳତଃ ଡିଗ୍ରୀ ବିକ୍ରି କରୁଥିବା ଉପରେ ସ୍ପଷ୍ଟ ଭାବେ ଆଲୋକପାତ କରିଥିଲେ। ତେଣୁ ଆମର ପ୍ରକୃତ ପ୍ରାଥମିକତା କ'ଣ ହେବା ଉଚିତ– ବହୁଭାଷିତାକୁ ପ୍ରୋତ୍ସାହନ ନା ଉପରୋକ୍ତ ମାଧ୍ୟମରେ ଡିଗ୍ରୀ ହାସଲ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଯୁକ୍ତି ନା କେବଳ ବିଦ୍ୟାଳୟଗୁଡ଼ିକୁ କାର୍ଯ୍ୟକ୍ଷମ କରିବାର ସୁନିଶ୍ଚିତତା ?

ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ମେଳ ଖାଉଥିବା ଓ ଏକ ମନୋନୀତ ଗୋଷ୍ଠୀର ଆକାଂକ୍ଷା ପୂରଣ ଦିଗରେ ପ୍ରୟାସ କରିବା ସମୟରେ ସମସ୍ତଙ୍କୁ ସମାନ ଶିକ୍ଷା ପ୍ରଦାନ କରିବାର ଆମର ସାମ୍ବିଧାନିକ ଦାୟିତ୍ୱକୁ ଭୁଲିଯିବା ଅନୁଚିତ। ଲେଖକ ଏଠାରେ ଗୁରୁତ୍ୱାରୋପ କରିବାକୁ ଚାହେଁ ଯେ, ଏକ ସୁବିଧାପ୍ରାପ୍ତ ବର୍ଗ (ଯେପରିକି ସିବିଏସ୍‌ସିଇ ସମ୍ବନ୍ଧିତ ବିଦ୍ୟାଳୟ) ଉପରେ ଅସମାନୁପାତିକ ଭାବରେ ଧ୍ୟାନ ଦେବା ପରିବର୍ତ୍ତେ ଏକ ବଞ୍ଚିତ ଶ୍ରେଣୀକୁ ଅଣଦେଖା କରାଯିବା ଅନୁଚିତ। ପିଲାମାନଙ୍କୁ ସେମାନଙ୍କ ସୁବିଧା ଅନୁଯାୟୀ ଆରାମଦାୟକ ଭାଷାରେ ଶିଖିବାକୁ ଦିଆଯାଉ। ସେମାନଙ୍କୁ ନିଜ ସମୃଦ୍ଧି ସହିତ ବାକି ନିଷ୍ପତ୍ତି ନେବାର ସୁଯୋଗ ମଧ୍ୟ ଦିଆଯାଉ। ସେମାନଙ୍କୁ ଆଉ ଏକ ସର୍କୁଲାର ସହିତ ଭାରଗ୍ରସ୍ତ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାରମୁକ୍ତ କରାଯାଉ।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ**
**(ଏନ୍‌ସିଇଆର୍‌ଟି), ଭୁବନେଶ୍ୱର**
**ମୋ: ୮୦୧୮୧୭୨୩୦୧**

## ଏଇ ଭାରତରେ

ବେଳେବେଳେ ସମ୍ପର୍କ ଖରାପ କରିବାରେ ମୋବାଇଲ୍ ହିଁ ମୁଖ୍ୟ କାରଣ ହୋଇଥାଏ। ଏଇ ଛୋଟିଆ ଯନ୍ତ୍ରଟି ପାଇଁ ଅନେକ ସମୟରେ ସନ୍ଦେହ ସୃଷ୍ଟି ହୁଏ। ମୋବାଇଲ୍ ମାୟାରେ ପଡି ପିଲାମାନେ ତ ଅନେକ ଭୁଲ୍ କରିବସନ୍ତି ହେଲେ ଏହା କବଳରୁ ବୟସ୍କମାନେ ବି ବର୍ତ୍ତିପାରୁ ନାହାନ୍ତି। ଏସବୁ ବିଷୟରେ ସମସ୍ତେ ଜାଣିଥିଲେ ବି ନିଜ କ୍ଷେତ୍ରରେ ସଚେତନ ହୋଇପାରୁ ନାହାନ୍ତି। ତେବେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମେରଠରେ ଥିବା ଶତାବ୍ଦୀନଗର ଅଞ୍ଚଳରେ। ଏଠାରେ ଜୟବୀର ନାମକ ଜଣେ ବ୍ୟକ୍ତି ମୋବାଇଲ୍ ଚାଟିଂକୁ ନେଇ ତାଙ୍କ ସ୍ତ୍ରୀଙ୍କୁ ସନ୍ଦେହ କରିଥିଲେ। ଏହି ସନ୍ଦେହ ଯୋଗୁ ଉଭୟଙ୍କ ଭିତରେ ଅନେକ ସମୟରେ ଝଗଡା ବି ହେଉଥିଲା। ଜୟବୀରଙ୍କର ଗୋଟିଏ ଅଭିଯୋଗ ଥିଲା କି ତାଙ୍କ ସ୍ତ୍ରୀ ମୋବାଇଲରେ କାହା ସହିତ କଥା ହେଉଛନ୍ତି ଅବା ଚାଟିଂ କରୁଛନ୍ତି ସେ ନେଇ ତାଙ୍କୁ ଜଣାଉ ନାହାନ୍ତି। ଏହି କଥାକୁ ନେଇ ଘରେ ସମସ୍ତଙ୍କ ଆଗରେ ସେମାନେ ଝଗଡା ବି କରୁଥିଲେ। ଏମିତିକି ପିଲାମାନେ ମଧ୍ୟ ବାପା ମା'ଙ୍କର ଏହି ଝଗଡ଼ା ଦେଖି ଅତିଷ୍ଠ ହୋଇଯାଇଥିଲେ। କିଛିଦିନ ହେବ ଏହି ପରିସ୍ଥିତି ଲାଗିରହିଥିଲେ ବି ଫୋନ୍ ବ୍ୟବହାରକୁ ନେଇ ତାଙ୍କ ସ୍ତ୍ରୀଙ୍କ ମନୋଭାବ ଆଦୌ ବଦଳି ନ ଥିଲା ଓ ସ୍ୱାମୀଙ୍କୁ ସେ ନିଜ ଫୋନ୍ ଆଦୌ ଦେଖାଉ ନ ଥିଲେ। ତେଣୁ ଉଭୟଙ୍କ ମଧ୍ୟରେ ସନ୍ଦେହ ଏକ ବିରାଟ ବ୍ୟାଧିର ରୂପ ନେଇଥିଲା। ଶେଷରେ ସନ୍ଦେହର ଶିକାର ହୋଇ ଜୟବୀର ଆତ୍ମହତ୍ୟା କରିଦେଇଛନ୍ତି। ସାମାନ୍ୟ ମୋବାଇଲ୍‌କୁ ନେଇ ଏଭଳି ଏକ ଅଘଟଣ ଘଟିଥିବା କଥାକୁ ସ୍ୱୀକାର କରିବା ସମସ୍ତଙ୍କ ପାଇଁ କଷ୍ଟକର ହୋଇପଡୁଛି।

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାତର ଅନ୍ତର କାହିଁକି

ମହାଶୟ,

ଘୋଷଯାତ୍ରା ପାଇଁ ଦଇତାପତି ନିଯୋଗକୁ ୨.୨୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା ଖବର ପ୍ରକାଶ ପାଇଛି। ସରକାର ସମ୍ପୃକ୍ତ ସେବାୟତ ନିଯୋଗକୁ ଏହି ଅର୍ଥ ପ୍ରଦାନ କରିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଭିନ୍ନ ସେବା ପାଇଁ ଶ୍ରୀମନ୍ଦିରର ଛତିଶା ନିଯୋଗ ନିୟୋଜିତ ହୋଇଥିଲେ ହେଁ ଅନ୍ୟ ନିଯୋଗଗୁଡ଼ିକର ସେବାକୁ ବୋଧହୁଏ ଗୌଣ ମନେ କରାଯାଉଛି। ଏଥିର ମନେହୁଏ, ଦଇତାପତି ନିଯୋଗଙ୍କ ବିଶୃଙ୍ଖଳିତ ଆଚରଣକୁ ଆଖି ଆଗରେ ରଖି ସରକାର ଅର୍ଥ ଲାଳସା ଦେଖାଇ ସେମାନଙ୍କ ସେବାରେ ସୁଧାର ଆଣିବାକୁ ପ୍ରୟାସ କରିଛନ୍ତି। ଅବଶ୍ୟ ପଶ୍ଚିମବଙ୍ଗ ଦୀଘାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ନୂତନ ବିଗ୍ରହ ସ୍ଥାପନାଦିରେ କେତେଜଣ ସେବାୟତ ସକ୍ରିୟ ସହଯୋଗ ଦୋଷାରୋପରେ ଶ୍ରୀମନ୍ଦିର ପ୍ରଶାସନର ରୋଷର ଶିକାର ହୋଇଛନ୍ତି। ଦୀଘାରେ ଦ୍ୱିତୀୟ ' ଜଗନ୍ନାଥ ଧାମ'ର ପ୍ରତିଷ୍ଠା ଜଗନ୍ନାଥପ୍ରେମୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। କାଳେ ଆଗାମୀ ରଥଯାତ୍ରାରେ ଏପରି ବିଶୃଙ୍ଖଳିତ ମନୋଭାବ ସୃଷ୍ଟି ହୋଇପାରେ ସେହି ଆଶଙ୍କାରେ ସରକାର ଦଇତାପତି ନିଯୋଗଙ୍କ ୨.୨୫ କୋଟି ସ୍ୱତନ୍ତ୍ର ଅର୍ଥରାଶି ପ୍ରଦାନ ଲାଗି ଘୋଷଣା କରିଛନ୍ତି। ଏଭଳି ପାତର ଅନ୍ତର କରା ନ ଯାଉ।

**–ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଗାଣ ବର୍ଷାରେ ସହର ଜଳମଗ୍ନ


ବର୍ଷାଜଳ ନିଷ୍କାସନକୁ ନେଇ ଉପଜିଲାପାଳ ଓ ବାରିପଦା ପୌରାଧ୍ୟକ୍ଷ ସ୍ଥିତି ସମୀକ୍ଷା କରୁଛନ୍ତି।

■ଫୁଲୁଛି ନଦୀନାଳ, ଘରେ ପଶିଲା ପାଣି
■ସଜାଗ ରହିବାକୁ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ

ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଶନିବାର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସହର ଜଳମଗ୍ନ ହୋଇପଡ଼ିଛି। ବିଭିନ୍ନ ନଦୀନାଳର ଉଦବୃତ୍ତ ଜଳ ଘର ମଧ୍ୟରେ ପ୍ରବେଶ କରିଛି। ଶିମିଳିପାଳରୁ ବାହାରିଥିବା ନଦୀ ଓ ଶାଖା ନଦୀ ନାଳଗୁଡ଼ିକରେ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ଆଶଙ୍କା ଦେଖାଦେଇଥିବାରୁ ଜିଲାପାଳ ହେମକାନ୍ତ ସୟ ସ୍ଥିତି ଅନୁଧ୍ୟାନ କରିବା ସହ ସଜାଗ ରହିବାକୁ ସମସ୍ତ ତହସିଲଦାର, ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଶନିବାର ଅପରାହ୍ନରୁ ପ୍ରବଳ ବୃଷ୍ଟିପାତ ହୋଇଥିଲା। ଡ୍ରେନେଜ୍ ବ୍ୟବସ୍ଥାରେ ଜଳ ନିଷ୍କାସନ ନ ହେବାରୁ ବଡ଼ବଜାର ସମେତ ବିଭିନ୍ନ ଅଞ୍ଚଳ ଜଳମୟ ହୋଇପଡ଼ିଛି। ବାରିପଦା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ତଳି ଅଞ୍ଚଳଗୁଡ଼ିକରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରିବାରୁ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପ୍ରବେଶ କରିଥିଲା, ଯାହାକୁ ନେଇ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ମୋଟର ଲଗାଯାଇ ପାଣି ନିଷ୍କାସନ କରାଯାଇଛି। ଡ୍ରେନେଜଗୁଡ଼ିକରେ ଆବର୍ଜନା ସଫା ହୋଇ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଥିବା ନେଇ ସହରବାସୀ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହର ଦେଇ ପ୍ରବାହିତ ଜରାଳୀ, ସରାଳୀ ଓ ଶୁକଯୋଡା ନଦୀର ଉଦ୍‌ବୃତ୍ତ ଜଳ ବିଭିନ୍ନ ସ୍ଥାନରେ ପୋଲ ଉପରେ ପ୍ରବାହିତ ହୋଇଥିଲା। ଫଳରେ କିଛି ସମୟ ପାଇଁ ଗମନାଗମନ ବନ୍ଦ ରହିଥିଲା। ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଓ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରି ବନ୍ୟାଜଳ ନିଷ୍କାସନ ନେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ କୌଣସି ସ୍ଥାନରେ ବିପଦ ସୃଷ୍ଟି ହେବା କ୍ଷଣି ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆପତକାଳୀନ ସେବା ନିମନ୍ତେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସଜାଗ ରହିବା ସହ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଚିଠି (ନଂ. ୩୧୨୦/ ୨୯ ଜୁନ୍ ୨୦୨୫) ଅନୁଯାୟୀ ଜିଲାରେ ବନ୍ୟା ପରିସ୍ଥିତିକୁ ନେଇ ସମସ୍ତ ଅଧିକାରୀଙ୍କୁ ସତର୍କ ରହି ଏହାର ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଅନୁଧ୍ୟାନ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ଚାଣ୍ଡିଲ ଡ୍ୟାମରୁ ୬ ଲକ୍ଷ କ୍ୟୁସେକ ପାଣି ଛଡ଼ାଯିବା ନେଇ ସୂଚନା ମିଳିଥିବାରୁ ସୁବର୍ଣ୍ଣରେଖାରେ ପୁନର୍ବାର ବନ୍ୟା ପରିସ୍ଥିତି ଉପୁଜିବାର ଆଶଙ୍କା କରାଯାଉଛି। ରବିବାର ଅପରାହ୍ନରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲାପାଳ ସୟ ବଡ଼ସାହି ବ୍ଲକ୍ ନାଖରା ପୋଲ ଉପରେ ପହଞ୍ଚ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଧିକାରୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ ରଖାଯାଇଥିବା ବେଳେ ପ୍ରଭାବିତ ଶୁଳିଆପଦା, ରାସଗୋବିନ୍ଦପୁର, ମୋରଡ଼ା, ବେତନଟୀ, ବଡ଼ସାହି, ବାରିପଦା, ଖୁଣ୍ଟା, ଗୋପବନ୍ଧୁ ନଗର, ଉଦଳା, କପ୍ତିପଦା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହ ପ୍ରସ୍ତୁତି ନିଆଯାଇଛି। ଆବଶ୍ୟକ ଚାଉଳ, ଚୁଡ଼ା ଓ ପଲିଥିନ ବ୍ଲକ୍ ମୁଖ୍ୟାଳୟରେ ଗଚ୍ଛିତ କରାଯାଇଛି। କୌଣସି ସ୍ଥାନରେ ବିପଦ ଆଶଙ୍କା ଉପୁଜିବା ପୂର୍ବରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ୨୪ ଘଣ୍ଟିଆ ସତର୍କ ଅବଲମ୍ବନ କରି ଜିରୋ କାଜୁଆଲିଟି ଉପରେ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି।

# ବ୍ୟାପକ ଅଞ୍ଚଳ ଜଳବନ୍ଦୀ


ବନ୍ୟାପାଣିରେ ବୁଡ଼ିଯାଇଛି ଚିତ୍ରଡ଼ା-ମୋରଡ଼ା ମୁଖ୍ୟରାସ୍ତା।

■ବିପଦ ସଙ୍କେତ ଟପିଲା ଜମ୍ବୀରା
■ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ମୋରଡ଼ା,୨୯।୬(ସ୍ମାରକ ମାଜୀ)

ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲା ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇଛି। ଶନିବାର ରାତିତମାମ ବର୍ଷା ଯୋଗୁ ଚିତ୍ରଡ଼ା ଜମ୍ବୀରା ନଦୀର ଜଳସ୍ତର ବିପଦ ସଙ୍କେତ ଟପିଛି। ରବିବାର ମୋରଡ଼ା ବ୍ଲକ୍‌ର ବାରିପଦା-ଜଳେଶ୍ୱର ମୁଖ୍ୟରାସ୍ତାର ଶିଳଦା ପୋଲ ଉପରେ ୨ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ଚିତ୍ରଡ଼ା ଅଞ୍ଚଳର ଦୀନେଶ ବେହେରାଙ୍କ ଘର ଭିତରେ ୮ଫୁଟ୍ ଉଚ୍ଚର ପାଣି ପଶିଛି। ମୋରଡ଼ା ବ୍ଲକ ଅଧୀନ ବରକନ୍ଦ ପଞ୍ଚାୟତର ଇଟାମୁଣ୍ଡାଇ ଓ ତେନ୍ତୁଳିବାଟି ଗ୍ରାମ ପାଣିଘେରରେ ରହିଛି। ପ୍ରଶାସନ ତରଫରୁ ପିଇଓ, ଦମକଳ ବାହିନୀ ପହଞ୍ଚିଛନ୍ତି। ଏଥିସହ ଓଡ୍ରାଫ୍ ଟିମ୍‌କୁ ଖବର ଦିଆଯାଇଥିଲା। ମୋରଡ଼ା ପଞ୍ଚାୟତର ପଟାକୁଣ୍ଡିଆ ଗ୍ରାମ ପାଣିଘେରରେ ଥିବାବେଳେ ପାଞ୍ଚଗୁଛିଆ ଗ୍ରାମରେ ଥିବା କିଛି ଘରକୁ ପାଣି ମାଡ଼ିଯାଇଛି। ବାରିପଦା-ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥର ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଜମ୍ବୀରା ନଦୀର ଭଡରାନଣ୍ଡା ପୋଲ, ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାଟୁଣି ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ସାରୁମୂଳା ପଞ୍ଚାୟତର ଜୁଡ଼ପୋଡା, ବଣକାଟି, ସାନମାଣିଦା, ଏକତାଳି, ତୋଟାପୋଡା ପଞ୍ଚାୟତର ମୁରୁଡ଼ା, ପଦ୍ମତୋଳିଆ ଓ ପିଙ୍ଗୁଡ଼ି ଗ୍ରାମ ଜଳମଗ୍ନ ହୋଇଛି।

ବନ୍ୟା ପ୍ରଭାବିତ ସମସ୍ତ ଲୋକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ନିଆଯିବା ସହ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନରେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଶାସନ ମିଳିତ ହୋଇ ଡିପିଆର୍ ପ୍ରସ୍ତୁତ କରି ବନ୍ୟାପାଣି କିପରି ପ୍ରବେଶ କରିବ ନାହିଁ, ତାହାର ନକ୍ସା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ପ୍ରଦୀପ ମହାନ୍ତି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଯୁବନେତା ପ୍ରକାଶ ମହାନ୍ତ, କୁମୁଦିନୀ ମହାକୁଡ଼ ପ୍ରମୁଖ ପରିଦର୍ଶନ କରିଥିଲେ। ଲଘୁଚାପଜନିତ ବର୍ଷାରେ ଭାଙ୍ଗିଥିବା ଘରର ହିତାଧିକାରୀଙ୍କୁ ନୂତନ ଗୃହ ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# କୁଳିଅଣାରେ ସର୍ବାଧିକ ବର୍ଷା

## ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀରେ ବନ୍ୟା ଆଶଙ୍କା

ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ପ୍ରବଳ ବୃଷ୍ଟିପାତ ଯୋଗୁ ବୁଢ଼ାବଳଙ୍ଗ, ଗଙ୍ଗାହାର, ସୋନ, ଜମ୍ବୀରା ଓ ସୁବର୍ଣ୍ଣରେଖା ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଜିଲାର କୁଳିଅଣା ବ୍ଲକରେ ସର୍ବାଧିକ ୩୨୦ମିମି. ବର୍ଷା ଓ ଶୁକ୍ରୁଲିରେ ସର୍ବନିମ୍ନ ୨୨.୪ମିମି. ବର୍ଷା ରେକର୍ଡ ହୋଇଛି । ଶାମାଖୁଣ୍ଟା ବ୍ଲକରେ ୧୮୦ମିମି, ବଡ଼ସାହିରେ ୪୨ମିମି, ବେତନଟୀରେ ୬୦ମିମି, ମୋରଡ଼ାରେ ୭୯ମିମି, ରାସଗୋବିନ୍ଦପୁରରେ ୬୦ମିମି, ସାରସକଣାରେ ୨୪୯ମିମି, ଶୁଳିଆପଦାରେ ୨୫୦ମିମି, ବାଙ୍ଗରିପୋଷିରେ ୧୯୮ମିମି, ବାରିପଦାରେ ୧୪୬ମିମି, ଖୁଣ୍ଟାରେ ୪୪ମିମି, ଜଶିପୁରରେ... ଜିବିନଗରରେ ୪୬ମିମି, ଉଦଳାରେ ୧୦୭ମିମି, କପ୍ତିପଦାରେ ୯୧ମିମି, ବିଶୋଇରେ ୧୨୬ମିମି, ବିଜାତଳାରେ ୧୦୫ମିମି, ରାଇରଙ୍ଗପୁରରେ ୧୨୨ମିମି, କୁସୁମୀରେ ୯୬ମିମି, ଜାମଦାରେ ୪୩ମିମି, ବହଳଦାରେ ୬୦.୨ମିମି, ତିରିଂରେ ୭୫.୨ମିମି, ଯଶିପୁରରେ ୨୯ମିମି, କରଞ୍ଜିଆରେ ୨୮ମିମି, ଠାକୁରମୁଣ୍ଡାରେ ୫୫ମିମି ଓ ରରୁଆଁ ବ୍ଲକରେ ୪୩ମିମି ବର୍ଷା ରେକର୍ଡ ହୋଇଛି।

ସେହିପରି ଶିମିଳିପାଳ ଅଭୟାରଣ୍ୟର ଭଞ୍ଜବସା ରେଞ୍ଜରେ ସର୍ବାଧିକ ୨୫୭.୮୧ମିମି ବର୍ଷା ହୋଇଥିବା ବେଳେ ଠାକୁରମୁଣ୍ଡା ରେଞ୍ଜରେ ସର୍ବନିମ୍ନ ୮.୮୯ମିମି. ବର୍ଷା ରେକର୍ଡ କରାଯାଇଛି। ବାରିପଦା ରେଞ୍ଜରେ ୧୯୩.୨୯୪ମିମି, କୁଳିପାଳରେ ୧୫୮.୪୯୬ମିମି, ପୋଡାଡିହାରେ ୧୫୩.୬୭ମିମି, ଉପର ବାରହାକାମୁଡାରେ ୧୧୨.୨ମିମି, ଜେନାବିଲରେ ୧୦୭.୯୫ମିମି, ସାତକୋଶିଆରେ ୯୩.୯୮ମିମି, ବଡ଼ଗାଁରେ ୮୧.୨ମିମି, ବରେହିପାଣିରେ ୭୩.୬୬ମିମି, କବାଟଘାଇରେ ୭୩.୬ମିମି, କେନ୍ଦୁମୁଣ୍ଡିରେ ୭୩.୦୨ମିମି, ପିଠାବଟାରେ ୬୧.୯୭୬ମିମି, ଢୁକୁରାରେ ୫୬.୬୪୨ମିମି, ନଅଁଣାରେ ୫୬.୬ମିମି, ଚହଲାରେ ୫୫.୨ମିମି, ରାମତୀର୍ଥରେ ୪୦.୧୩୨ ମିମି, ଡୋଭରେ ୨୪.୪ମିମି ବର୍ଷା ରେକର୍ଡ ହୋଇଥିବା ନେଇ ଶିମିଳିପାଳ ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ଶିମିଳିପାଳରେ ବର୍ଷା ଯୋଗୁ ନଦୀ ଗୁଡିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶିମିଳିପାଳ ବର୍ଷା ଉପରେ ନଜର ରଖି ବନ୍ୟା ପରିସ୍ଥିତି ମୁକାବିଲା କରିବାକୁ ଜିଲା ପ୍ରମଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଅତ୍ୟଧିକ ବର୍ଷା ଯୋଗୁ ଜିଲାର ବଡ଼ସାହି, ବେତନଟୀ, ଜିବିନଗର, ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକର ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ସ୍ଥିତି ଉପୁଜିବାରେ ଆଶଙ୍କା କରାଯାଇଛି । ପ୍ରଶାସନ ଏହାର ମୁକାବିଲା କରିବା ପାଇଁ ସଜାଗ ରହିଥିବା ବେଳେ ଆଗାମୀ ଦୁଇ ଦିନ ଧରି ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି ।

# ସ୍ଥିତି ଅନୁଧ୍ୟାନକଲେ ଜିଲାପାଳ, ବିଧାୟକ


ବିଧାୟକ ଓ ପ୍ରଶାସନିକ ଅଧିକାରୀ ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବୈଶିଙ୍ଗା,୨୯।୬(ରତନ ଦାଶ)

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ୍ ଅଞ୍ଚଳରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଉଛି। ଚଳିତ ବର୍ଷର ପ୍ରଥମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ତଳିଆ ଅଞ୍ଚଳବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। ଗତ ୪ ଦିନ ହେଲା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଯୋଗୁ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ବୁଢ଼ାବଳଙ୍ଗ ସହିତ ଜିଲାର ସମସ୍ତ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇଚାଲିଛି। ରବିବାର ଅପରାହ୍ନରେ ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସେତୁ ଲଂଘିବାକୁ ଆଉ ମାତ୍ର ୪ ଫୁଟ୍ ବାକି ରହିଥିବା ଦେଖିବାକୁ ମିଳିଛି। ବନ୍ୟା ଆଶଙ୍କାରେ ନାଖରା, ପାଟଳିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ରବିବାର ଅପରାହ୍ନରେ ଜିଲାପାଳ ହେମକାନ୍ତ ସୟ, ବିଧାୟକ ସନାତନ ବିଜୁଳି, ବେତନଟୀ ବ୍ଲକ୍ ଏବିଡିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂ, ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା ପ୍ରମୁଖ ନାଖରା ସେତୁ ନିକଟରେ ସ୍ଥିତ ଅନୁଧ୍ୟାନ କରିଛନ୍ତି।

# ଗୋପବନ୍ଧୁ ନଗରରେ ରଥଯାତ୍ରା

ଗୋପବନ୍ଧୁ ନଗର,୨୯।୬(ଶାନ୍ତନୁ କୁମାର ମଟ୍ଟୁଆଳ)-ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଲା, କୁଆମରା, କୁଶଳଦା, ସିମିଳାବନ୍ଧ, ପ୍ରଭୃତି ସ୍ଥାନରେ ରଥଟଣା ସମ୍ପନ୍ନ ହୋଇଛି। କୁଆମରା ରଥ କମିଟିର ସଭାପତି କୁଳମଣି ବେହେରା, ସମ୍ପାଦକ ପ୍ରଶାନ୍ତ ପରିଡ଼ା, ଅଶୋକ ମହାପାତ୍ର, ଗଣେଶ୍ୱର ବଳିଆରସିଂହ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ.ସନତ କୁମାର ଦାସ ଯୋଗଦେଇ ଛେରା ପହଁରା କାର୍ଯ୍ୟ କରିଥିଲେ। ପୂଜକ ପ୍ରମୋଦ କୁମାର ମିଶ୍ର, ମଳୟ ମିଶ୍ର ଓ ରାଜେଶ କୁମାର ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ଖୁଣ୍ଟା, ଟିଁଗିଆ, ବାହାନଡା, ଗୟଳମରା ପ୍ରଭୃତି ଅଞ୍ଚଳରେ ଶନିବାର ଶାନ୍ତି ଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି।

# ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହ

ରାଇରଙ୍ଗପୁର,୨୯।୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିର ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା ୨ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମହାପ୍ରଭୁ ଜଗନ୍ନାଥ,ଦେବୀ ସୁଭଦ୍ରା ଏବଂ ବଡ଼ ଠାକୁର ବଳଭଦ୍ର ଓ ପ୍ରଭୁ ସୁଦର୍ଶନ ରଥକୁ ବିଜେ କରିଥିଲେ। ସ୍ଥାନୀୟ ନଗରପାଳ ଅଭିଷେକ ପଟ୍ଟନାୟକ ଛେରାପହଁରା କରିବା ପରେ ଅପରାହ୍ନରେ ରଥଟଣା ହୋଇଥିଲା। ଅଧା ବାଟରେ ଚତୁର୍ଦ୍ଧା ବିଗ୍ରହଙ୍କ ରଥ ଅଟକ ରହିଥିଲା। ଶନିବାର ଅପରାହ୍ନ ୫ଟାରେ ମହିଳା ଭକ୍ତ ରଥ ଟାଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ନବ ଚରଣ ମାଝୀ, ବିଧାୟକ ଜଲେନ ନାଏକଙ୍କ ସମେତ ରାଇରଙ୍ଗପୁର ପ୍ରଶାସନର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ଜଗନ୍ନାଥ ମନ୍ଦିର ଏବଂ ରଥ ଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ସାମିଲ ଥିଲେ। ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି. ଯଦୁନାଥ ଜେନା ଏବଂ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ନେତୃତ୍ୱରେ ୩୦ ଉର୍ଦ୍ଧ୍ୱ ଅଫିସର, ୨ ପ୍ଲାଟୁନ ଫୋର୍ସ ଏବଂ କନଷ୍ଟେବଲ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି ସମେତ ବିଭିନ୍ନ ଗ୍ରୁପର ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ମତ୍ସ୍ୟ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ବିଗ୍ରହ


ମତ୍ସ୍ୟ ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ।

ରାଇରଙ୍ଗପୁର,୨୯।୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କ ମତ୍ସ୍ୟ ବେଶ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ଏବଂ ପ୍ରଭୁ ସୁଦର୍ଶନ ଆଡ଼ପ ମଣ୍ଡପରେ ମତ୍ସ୍ୟ ବେ ଶରେ ସମାଗମ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅସବରରେ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ରଥ ପରିଚାଳନା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା।

# ଜନ୍ମବେଦି ସମ୍ମୁଖରେ ତିନି ଠାକୁର


ବାରିପଦା ରଥଯାତ୍ରାରେ ସମବେତ ଶ୍ରଦ୍ଧାଳୁ।

ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପଟ)

ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାର ଦ୍ୱିତୀୟ ଦିନର ରଥଟଣା ଶେଷ ହୋଇଛି। ରବିବାର ନନ୍ଦିଘୋଷ ରଥରେ ବିରାଜମାନ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଟାଣିବା ପାଇଁ ବଡ଼ଦାଣ୍ଡ ଲୋକାରଣ୍ୟ ପାଲଟିଥିଲା। ରୀତିନୀତି ଶେଷ ପରେ ଲକ୍ଷାଧିକ ଭକ୍ତ ରଥଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଶନିବାର ବଡ଼ଭାଇ ବଳଭଦ୍ର ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚି ଭାଇ ଓ ଭଉଣୀଙ୍କୁ ଅପେକ୍ଷା କରିଥିଲେ। ରବିବାର ଟାଉନ ଥାନା ସମ୍ମୁଖରେ ଅଟକି ଥିବା ଦେବୀ ସୁଭଦ୍ରା ଏବଂ ରଥଖଳାରେ ଥିବା କଳାଠାକୁରଙ୍କ ରଥକୁ ଟାଣି ଭକ୍ତମାନେ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ।

ଦେବୋତ୍ତର ବିଭାଗର ସମୟ ନିର୍ଘଣ୍ଟ ଅନୁଯାୟୀ ରବିବାର ଅପରାହ୍ନ ୨ଟା ୩୦ରେ ଟାଉନ ଥାନା ସମ୍ମୁଖରେ ଥିବା ସୁଭଦ୍ରାଙ୍କ ରଥ ଉପରୁ ମହିଳା ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଲଡୁ ଫିଙ୍ଗା ଯାଇଥିଲା। ପରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଭକ୍ତମାନେ ଟାଣି ଅପରାହ୍ନ ୩ଟା୩୦ରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଅପରାହ୍ନ ୫ଟାରେ ଜୟ ଜଗନ୍ନାଥ ଧ୍ୱନି ଦେଇ ଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିଲେ। କାଳିଆ ଠାକୁରଙ୍କ ରଥ ୬ଟା ୩୦ରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ରଥ ପହଞ୍ଚିବା ପରେ ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଶ୍ରଦ୍ଧା ଲଡୁ ବଣ୍ଟନ କରାଯାଇଥିଲା। ପରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ଅପାରକୃପା ଲାଭ କରିଥିଲେ। ଆଡ଼ପ ମଣ୍ଡପ ବିଜେ ପରେ ବୁଧବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ ରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବେଶ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ସେହିପରି ଲାଲବଜାରସ୍ଥିତ ବାଣିଆ ଜଗନ୍ନାଥ ମନ୍ଦିରରେ ରବିବାର ରଥଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ବାରିପଦା ବଡ଼ଜଗନ୍ନାଥ ମନ୍ଦିର ରଥ ଟଣାଯିବାର ଗୋଟିଏ ଦିନ ପରେ ବାଣିଆ ଜଗନ୍ନାଥ ମନ୍ଦିରର ରଥଟଣା ହୋଇଥାଏ। ରଥକୁ ଛୋଟ ଛୋଟ ପିଲାଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ବେଶ ନିମନ୍ତେ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ମହାବାହୁର ବାର୍ଷିକ ଉତ୍ସବ, ଆଲୋଚନାଚକ୍ର

ଉଦଳା,୨୯।୬(ସନ୍ତୋଷ କୁମାର ବାଛିନୀ)

ଉଦଳା ସ୍ଥିତ ସନ୍ଧାନଗୃହ ପରିସରରେ ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ମହାବାହୁର ଦ୍ୱାଦଶ ବାର୍ଷିକ ଉତ୍ସବ, ମହାବାହୁ – ୨୦୨୫ ଲୋକାର୍ପିତ ସହିତ 'ସର୍ବ ଧର୍ମ ସମନ୍ୱୟର ଦେବତା ଶ୍ରୀ ଜଗନ୍ନାଥ' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବାହୁର ମୁଖ୍ୟ ସମ୍ପାଦକ ତଥା ପୂର୍ବତନ ଅଧକ୍ଷ ଡ. ଦିଲୀପ କୁମାର ଦୀକ୍ଷିତଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିରୂପେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ, ବରେଣ୍ୟ ଅତିଥିଭାବେ ଉଦଳାର ବିଧାୟକ ଭାସ୍କର ମଢ଼େଇ, ଯୋଗ ଦେଇଥିଲେ। ଉଦ୍‌ଘାଟକ ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥିଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ମୁଖ୍ୟ ବକ୍ତାଭାବେ ପୂର୍ବତନ ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଶିଷ୍ଟ ବକ୍ତାଭାବେ ଡ. ଶ୍ୟାମସୁନ୍ଦର ପଣ୍ଡା, ସମ୍ମାନିତ ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ କିଶୋର ଚନ୍ଦ୍ର ଦାସବାବୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ ପ୍ରମୁଖ ଯୋଗଦେଇ ସର୍ବ ଧର୍ମ ସମନ୍ୱୟର ଦେବତା ଶ୍ରୀ ଜଗନ୍ନାଥ ଶୀର୍ଷକ ଉପରେ ଅନେକ ଆଲୋଚିତ ଓ ଅନାଲୋଚିତ ତଥ୍ୟମାନ ବର୍ଣ୍ଣନା କରିଥିଲେ। ଭକ୍ତି ଜ୍ଞାନ ସଂଚାର ସେବା ସମିତିର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରି ବିଷୟ ବସ୍ତୁ ଉପରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରିଥିଲେ। ମହାବାହୁର ସମ୍ପାଦକ ରବିକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିବା ସହ ମହବାହୁ ପୁସ୍ତକ ଉପରେ ସମ୍ୟକ ସୂଚନା ଦେଇଥିଲେ। କିଶୋର ଚନ୍ଦ୍ର ଦାସବାବୁଙ୍କ ଦ୍ୱାରା ରଚିତ ଅନ୍ୟଏକ ଜଗନ୍ନାଥ ଧର୍ମ ଆଧାରିତ ଆଧ୍ୟାତ୍ମିକ ପୁସ୍ତକ ନିଳାଦ୍ରିନାଥ ଶ୍ରୀଜଗନ୍ନାଥ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବାହୁର ସହ ସମ୍ପାଦକ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ୍ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରମିଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିପ୍ସା ମାଇତି, ଶ୍ରିୟା ସମୀକ୍ଷା ବାରିକ, ପ୍ରିୟବ୍ରତ ବାରିକ, ମୀନତି ପରିଡ଼ା, ଦୀପ୍ତି ଲତା ମିଶ୍ର, ସୁଶ୍ରୀ ଅଭିପ୍ସା ମହାପାତ୍ର, ସୟମସିଦ୍ଧା ପରିଡା, ସୁଶ୍ରୀ ପ୍ରଲିପ୍ସା ମହାପାତ୍ର ପ୍ରମୁଖ ସହୋଯାଗ କରିଥିଲେ।

LIC LIFE INSURANCE CORPORATION OF INDIA
DIVISIONAL OFFICE, JEEVAN PRAKASH,
AINTHAPALI, SAMBALPUR-768004
PHONE NO.0663-2541550, E-MAIL ID: os.sambalpur@licindia.com
NOTICE FOR EMPANELMENT: 2025-28
Applications are invited from reputed firms for empanelment for Aqua Guard, CCTV & Note Counting-cum-Fake detection machine under Sambalpur Divisional Office. **For complete details please log on to our website www.licindia.in and go to "Tenders" and click on the link "NOTICE FOR EMPANELMENT OF SAMBALPUR DIVISION, FOR THE F.Y. 2025-28"** Application forms may be obtained from OS department of Sambalpur Divisional Office of LIC of India at above mentioned address from **30.06.2025 to 15.07.2025** on all working days from 10.00 a.m. to 04.00 p.m. except on Saturdays, Sundays and holidays. **Last date for submission of application form is 15.07.2025 (4.00 p.m.). Any subsequent change in Terms & Conditions of the Notice of Empanelment will be published on our website only.**
Sd/-
Date- 29.06.2025 Sr. Divisional Manager

# ଜଳକାରେ ପ୍ରଥମ ବନ୍ୟା



ବନ୍ୟା ପାଣିରେ ଫସି ରହିଥିବା ସିମେଣ୍ଟ ବୋଝେଇ ଟ୍ରାକ୍ଟର୍।



ବନ୍ୟା ପାଣିରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

## ଜଳେଶ୍ୱରରେ ସର୍ବାଧିକ ୧୪୭ମିମି ବର୍ଷା ରେକର୍ଡ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢ଼ୀ),୨୯।୬

ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୮୭୨ମିମି ବର୍ଷା ହୋଇଥିବା ବେଳେ ଜଳେଶ୍ୱର ବ୍ଲକରେ ସର୍ବାଧିକ ଓ ଭୋଗରାଇରେ ସର୍ବନିମ୍ନ ରେକର୍ଡ କରାଯାଇଛି। ସେହିପରି ଜିଲାରେ ପ୍ରବାହିତ ଜଳକା ନଦୀରେ ଚଳିତବର୍ଷ ପ୍ରଥମ ବନ୍ୟା ଆସିବା ବେଳେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳକା ନଦୀ ଅବବାହିକା ସମେତ ନଦୀର ଉପରମୁଣ୍ଡ ପଡ଼ୋଶୀ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦାରେ ପ୍ରବଳ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଛି। ମଥାନୀଠାରେ ନଦୀର ବିପଦ ସଙ୍କେତ ୬.୫୦ମିଟର ରହିଥିବା ବେଳେ ରବିବାର ରାତି ୭ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୧୯ ମିଟରରେ ପ୍ରବାହିତ ହେଉଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଉପକୂଳବର୍ତ୍ତୀ ଗାଁଗୁଡ଼ିକ ଜଳାର୍ଣ୍ଣବ ହୋଇଯାଇଛି। ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ, କୁଡ଼ିଆ, ବାହାର୍ଦ୍ଦା, ସଦାନନ୍ଦପୁର, ଦୁଧହଂସା, ରାଉତପଡ଼ା ଆଦି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ଚାଷୀମାନଙ୍କ ଧାନ ତଳି ପଡ଼ିଥିବା ଜମି ଜଳାର୍ଣ୍ଣବ ଯୋଗୁଁ ତଳି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ମଥାନୀ ଚଟାଣ ଓ ଗହୀରସିମୁଳିଆ-ରାଉତପଡ଼ା ରାସ୍ତାରେ ଦୁଇ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ବସ୍ତା ଥାନା ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ବନ୍ୟା ପାଣି ପ୍ରବେଶ କରିଛି। ସଦାନନ୍ଦପୁର ପଞ୍ଚାୟତର ଗୁଣ୍ଡୁରିସାହି ଗ୍ରାମରେ ବନ୍ୟା ପାଣି ପ୍ରବେଶ ଫଳରେ ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ବସ୍ତା ଅଗ୍ନିଶମ ବାହିନୀ ଉକ୍ତ ଗ୍ରାମରୁ ୯ଜଣ ମହିଳାପୁରୁଷ ଓ ଜଣେ ଶିଶୁଙ୍କ ସମେତ ୧୦ଟି ଛେଳିଙ୍କୁ ବୋଟ୍ ଯୋଗେ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ଦୁର୍ବଳ ନଦୀବନ୍ଧ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ତହସିଲଦାର ସୁଶାନ୍ତ ପଟ୍ଟନାୟକ ଓ ଜଳସେଚନ କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ସୂଚନା ଦେଇଛନ୍ତି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ରାତି ୭ଟା ସୁଦ୍ଧା ୭.୧୮ ମିଟରରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ରାଜଘାଟ ଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ରାତି ୭ଟା ସୁଦ୍ଧା ୯.୧୦ମିଟରରେ ପ୍ରବାହିତ ହେଉଛି। ଏକ ସିମେଣ୍ଟ ବୋଝେଇ ଟ୍ରାକ୍ଟର ବନ୍ୟା ପାଣିରେ ଭାସିଯାଇ ଥିବା ବେଳେ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ଜଣାଯାଇଛି। ମଥାନୀ ଚଟାଣର ଉଭୟ ପାର୍ଶ୍ୱରେ ବସ୍ତା ପୋଲିସ ଜଗି ରହିଥିବା ବେଳେ ଗାନ୍ଧୀ ଛକ ଏବଂ ମଥାନୀ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ବସ୍ତା -ବାଲିଆପାଳ ରାସ୍ତାର କୁଡିଆ ପୋଲ ତଳେ ରାସ୍ତା ଉପରେ ୧ ଫୁଟ ପାଣି ପ୍ରବାହିତ ହେଉଛି। ଗାନ୍ଧିଛକ ସଦାନନ୍ଦପୁର ରାସ୍ତା ଉପରେ ମଧ୍ୟ ବନ୍ୟା ପାଣି ପ୍ରବାହିତ ହେଉଛି।

ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୨୪ ଘଣ୍ଟା ମଧ୍ୟରେ ଜଳେଶ୍ୱରରେ ୧୪୭ମିମି, ଖଇରାରେ ୧୨୨ମିମି, ଔପଦାରେ ୧୧୪ମିମି, ବସ୍ତାରେ ୮୭ମିମି, ନୀଳଗିରିରେ ୭୩ମିମି, ବାଲିଆପାଳରେ ୫୮ମିମି, ବାହାନଗା ୫୭ମିମି, ବାଲେଶ୍ୱର ସଦରରେ ୪୯ମିମି, ରେମୁଣାରେ ୪୮ମିମି, ସିମୁଳିଆରେ ୪୫, ସୋରରେ ୪୪ ଓ ଭୋଗରାଇରେ ୨୮ମିମି ବର୍ଷା ରେକର୍ଡ଼ ହୋଇଛି।

## ମୁକାବିଲା ପାଇଁ ପ୍ରଶାସନ ସଜାଗ

ବାଲେଶ୍ୱର,୨୯।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁ ବନ୍ୟା ପରିସ୍ଥିତି ଆଶଙ୍କା କରାଯାଇଛି। ବନ୍ୟାର ମୁକାବିଲା ନିମନ୍ତେ ଆଭାସୀ ମାଧ୍ୟମରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବନ୍ୟା ପରିସ୍ଥିତି ନିମନ୍ତେ ସତର୍କ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ କହିଥିଲେ।

ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ତଦାରଖ ନିମନ୍ତେ ଜଳେଶ୍ୱର ଓ ବସ୍ତା ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ବାଲିଆପାଳ ଓ ଭୋଗରାଇ ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ସଦର, ରେମୁଣା ଓ ନୀଳଗିରି ବ୍ଲକ ପାଇଁ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତ ରାୟଙ୍କୁ ନୋଡ଼ାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଟାଟା ପାୱାର ଇଲେକ୍ଟ୍ରିକାଲ ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ପ୍ରମୁଖ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସଜାଗ ରହିଥିବା ଜିଲାପାଳଙ୍କୁ ସୂଚନା ଦେଇଥିଲେ। ବାଲିଆପାଳ ଓ ସଦର ବ୍ଲକରେ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ଓଡ୍ରାଫ୍‌ର ଦୁଇଟି ଟିମ୍‌କୁ ନିୟୋଜିତ କରାଯାଇଛି। ଏହି ଅବସରରେ ଜିଲାପାଳ ବିକାଶ ଜିଲାର ବିଭିନ୍ନ ବନ୍ୟା ପ୍ରବଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

## ଡାକବାଜି ଯନ୍ତ୍ର ଯୋଗେ ସତର୍କ କଲା ପ୍ରଶାସନ

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୨୯।୬

ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ରବିବାର ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଛି। ଦ୍ରୁତ ଗତିରେ ଜଳପତ୍ତନ ବଢୁଥିବାରୁ ବଡ଼ ବନ୍ୟା ଆଶଙ୍କା କରି ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସୁବର୍ଣ୍ଣରେଖାର ପ୍ରଥମ ବନ୍ୟାର ପ୍ରଭାବିତ ବାଲିଆପାଳ ବ୍ଲକ ଅଞ୍ଚଳର ଲୋକେ ଅଣ୍ଟା ସଳଖି ନ ଥିବା ବେଳେ ଆଉ ଏକ ସମ୍ଭାବ୍ୟ ବନ୍ୟା ଚିନ୍ତା ବଢ଼ାଇ ଦେଉଛି। ପୂର୍ବ ବନ୍ୟାର କ୍ଷୟକ୍ଷତି ଆକଳନ ଏବେବି ସରକାର କରି ନ ଥିଲା ବେଳେ ଏଥର ବନ୍ୟା ହେଲେ ଅନେକ ଅଞ୍ଚଳ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଚଳାଇଥିବା ବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ସତର୍କ ରହିବା ପାଇଁ ସୂଚନା ଦେଇଛି।

## ସମଦର୍ଶୀ ବିଜେତା, ଧନତ୍ ଉପ ବିଜେତା

### ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା

ବାଲେଶ୍ୱର,୨୯।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚେସ୍ ଆସୋସିଏସନ୍ ଓ ରୋଟାରୀ କ୍ଲବ ଶାଶ୍ୱତ ମିଳିତ ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା-୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲା ଅନ୍ତର୍ଗତ ୧୫ଟି ସ୍କୁଲର ୮୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୭ଟି ମ୍ୟାଚ୍ ଜିତି କେନ୍ଦ୍ରୀୟ ବିଦ୍ୟାଳୟର ସମଦର୍ଶୀ ନନ୍ଦୀ ବିଜେତା ହୋଇଥିବା ବେଳେ ଧନତ୍ ଶୁଭମ ସେନାପତି ୬ଟି ମ୍ୟାଚ୍ ଜିତି ଉପ-ବିଜେତା ହୋଇଥିଲେ। ସିଦ୍ଧି ବିନାୟକ ସ୍କୁଲର ଗୋପାଳ କୃଷ୍ଣ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ।

ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ୩ଜଣ ଖେଳାଳି ୧୮ପଏଣ୍ଟ ହାସଲ କରି ଦଳଗତ ଭାବେ ଶ୍ରେଷ୍ଠ ସ୍କୋର ଆଖ୍ୟା ପାଇଥିଲେ। ସେହିପରି ସିଦ୍ଧି ବିନାୟକ ସ୍କୁଲର ୩ ଜଣ ଖେଳାଳି ୧୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୧୫ ପଏଣ୍ଟ ହାସଲ କରିଥିବା ଖାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ଓ ଡିଏଭି ସ୍କୁଲ ମଧ୍ୟରେ ଟାଏ ବ୍ରେକର ମାଧ୍ୟମରେ ଖାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଚେସ୍ ଆସୋସିଏସନ୍ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ରୋଟାରୀ କ୍ଲବ ଶାଶ୍ୱତର ସଭାପତି ଡ. ଉପେନ୍ଦ୍ର ପାତ୍ର, ଇଂ ସୁଗତ ବୋଷ, ରାଜକିଶୋର ମିଶ୍ର, ଜ୍ଞାନ ରଞ୍ଜନ ଦାସ, ସୁସନ୍ଧ୍ୟା ରାଣୀ ସ୍ୱାଇଁ ଯୋଗ ଦେଇଥିଲେ।

## ଶାଳକଙ୍କ ମାଡ଼ରେ ଭିଣୋଇ ଗୁରୁତର

ଗାନ୍ଧିଛକ,୨୯।୬(ଦିଲ୍ଲୀପ ପଣ୍ଡା)- ବସ୍ତା ବ୍ଲକ କରୁଆ ପଞ୍ଚାୟତ ତଥା ସିଂଲା ଥାନା ଅଧୀନ ହାତୀମାରା ଗ୍ରାମରେ ଶାଳକ ଏବଂ ସହଯୋଗୀଙ୍କ ମାଡ଼ରେ ଭିଣୋଇ ଓ ଜଣେ ମହିଳା ଗୁରୁତର ହୋଇଛନ୍ତି। ହାତୀମରା ଗ୍ରାମର ପ୍ରଶାନ୍ତ ଆଗୁଆଣ ଗିଳାଯୁଡ଼ି ଗ୍ରାମର ବୀଣାପାଣିଙ୍କୁ ବିବାହ କରିଥିଲେ। ପରେ ପ୍ରଶାନ୍ତ ଭଦ୍ରକ ଅଞ୍ଚଳରେ ଦ୍ୱିତୀୟ ବିବାହ କରିଥିଲେ। ଏହାକୁ ନେଇ ପ୍ରଶାନ୍ତ ଏବଂ ବୀଣାପାଣିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଆସୁଥିଲା। ୩ ଦିନ ପୂର୍ବେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ଶନିବାର ସକାଳେ ବୀଣାପାଣିଙ୍କ ଭାଇଙ୍କ ସହିତ କେତେଜଣ ଯୁବକ ପ୍ରଶାନ୍ତଙ୍କ ଘରକୁ ବିଭିନ୍ନ ମାରଣାସ୍ତ୍ର ଧରି ଆସିଥିଲେ। ବୀଣାପାଣିଙ୍କ ଭାଇଙ୍କ ସମେତ ସହଯୋଗୀମାନେ ପ୍ରଶାନ୍ତଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାକୁ ବିରୋଧ କରିବାରୁ ପ୍ରଶାନ୍ତଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ସମ୍ପୃକ୍ତ ଯୁବକମାନେ ମଧ୍ୟ ଆକ୍ରମଣ କରିଥିଲେ। ପ୍ରଶାନ୍ତ ଏବଂ ତାଙ୍କର ଦ୍ୱିତୀୟ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଆକ୍ରମଣକାରୀ ଯୁବକଙ୍କ ମଧ୍ୟରୁ ଗ୍ରାମବାସୀ ୩ଜଣଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି।

# ପୁଣି ଫୁଲିଲା ସୁବର୍ଣ୍ଣରେଖା

ଭୋଗରାଇ,୨୯।୬(ପ୍ରଦୀପ ଦାସ)





ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର।

■ସରକାରୀ ଛୁଟି ବାତିଲ
■ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଏହି ନଦୀର ଜଳପତ୍ତନ ବୃଦ୍ଧି ପାଇଥିବା ବେଳେ ତଳିଆ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କିଛି ଦିନ ତଳେ ବନ୍ୟା ପାଣି ଦ୍ୱାରା ଅନେକ ଲୋକ ବିପନ୍ନ ହୋଇଥିବା ବେଳେ ସମ୍ଭାବ୍ୟ ବନ୍ୟା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଭଳି ସ୍ଥିତିରେ ସମୁଦ୍ର ଅଶାନ୍ତ ଥିବାବେଳେ ମତ୍ସ୍ୟଜୀବୀଙ୍କୁ ମାଛ ଧରିବା ପାଇଁ ନ ଯିବାକୁ ବାରଣ କରାଯାଇଛି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ ଥିବାବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି।

ଅବିଶ୍ରାନ୍ତ ବର୍ଷା ବାଲେଶ୍ୱର ଜିଲାର ଜନଜୀବନକୁ ପ୍ରଭାବିତ କରିଛି। ରବିବାର ସକାଳ ୮ଟା ସୁଦ୍ଧା ଜିଲାର ଜଳେଶ୍ୱରରେ ସର୍ବାଧିକ ୧୪୭ ମିମି ବର୍ଷା ହୋଇଥିବାବେଳେ ଭୋଗରାଇରେ ସର୍ବନିମ୍ନ ୨୮ ମିମି ବର୍ଷା ରେକର୍ଡ କରାଯାଇଛି। ତୁହାକୁତୁହା ବର୍ଷା ଲାଗିରହିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଅମାବାସ୍ୟା ତିଥିରେ ସମୁଦ୍ର ଜୁଆରିଆ ରହିବା କାରଣରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି।

ସୁବର୍ଣ୍ଣରେଖା ଉପରମୁଣ୍ଡ ଜାମସେଦପୁରରେ ୧୨୦ମିମି, ଘାଟଶିଳା ୮୦.୮୫୦ ମିମି, ଫେକଘାଟ ୪୫.୪୮ ମିମି, ଜାମଶୋଳାରେ ୫୨ ମିମି ବର୍ଷା ରେକର୍ଡ ହୋଇଥିବା ସିଡବ୍ଲ୍ୟୁସି ସୂଚନା ଦେଇଛନ୍ତି।

ଗାଲୁଡିହି ଓ ଖରଖାଇ ବ୍ୟାରେଜରୁ ଉଦ୍‌ବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବା ନେଇ ଆଗୁଆ ସୂଚନା ମିଳିବାରୁ ଜିଲା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ ବିଭାଗୀୟ କର୍ମଚାରୀମାନଙ୍କୁ ନଦୀବନ୍ଧରେ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ରାଜଘାଟ ଗେଜଠାରେ ରବିବାର ମଧ୍ୟାହ୍ନରୁ ସୁବର୍ଣ୍ଣରେଖାର ଜଳପତ୍ତନ ବୃଦ୍ଧିପାଇବାରୁ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଶତାଧିକ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

ରାଜଘାଟଠାରେ ସତର୍କ ସୂଚନା ୯.୪୫ମି ଥିବାବେଳେ ବିପଦ ସଙ୍କେତ ୧୦.୩୬ ମି. ରହିଛି। ଖବର ଲେଖାହେବା ବେଳକୁ ରାଜଘାଟଠାରେ ଜଳସ୍ତର ପାଇ ୯.୪୫ ମିରେ ପ୍ରବାହିତ ହେଉଛି। ମଧ୍ୟରାତ୍ରରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ପ୍ରବାହିତ ହେବାର ଆଶଙ୍କା କରାଯାଉଥିବା ଜଳସେଚନ ବିଭାଗ ସୂଚନା ଦେଇଛି। ସମୁଦ୍ର ଜୁଆରିଆ ଥିବାରୁ ବଡ଼ ବନ୍ୟା ହେଲେ ଉତ୍ତର ବାଲେଶ୍ୱର ବନ୍ୟାଞ୍ଚଳ ସ୍ଥିତି ଗମ୍ଭୀର ହେବ ବୋଲି ବିଭାଗ ଆଶଙ୍କା କରିଛି।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ସୁବର୍ଣ୍ଣରେଖାରେ ଆକସ୍ମିକ ବନ୍ୟା ଆସି ୪ ବ୍ଲକର ଲୋକେ ପ୍ରଭାବିତ ହୋଇଥିଲେ। ୯ ଦିନ ଅନ୍ତରରେ ପୁଣି ଏକ ବଡ଼ ବନ୍ୟାର ସମ୍ମୁଖୀନ ହେବାକୁ ଯାଉଥିବାରୁ ପ୍ରଶାସନ ସତର୍କ ରହିବାକୁ ମତପ୍ରକାଶ ପାଇଛି।

## ଆଦର୍ଶ ଶିକ୍ଷୟିତ୍ରୀ ସୀତା ମାରାଣ୍ଡିଙ୍କ ସ୍ମୃତିସଭା



ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଖଇରା,୨୯।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଜଣେ ସମାଜ ସଂସ୍କାରକ, ଆଦର୍ଶ ଶିକ୍ଷୟିତ୍ରୀ,କଳାକାର ତଥା ନାରୀନେତ୍ରୀ ସୀତା ମାରାଣ୍ଡି(୪୯)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ତାଙ୍କ ଜନ୍ମିତ ଅଲିପୁରଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପୂର୍ବତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ)ର ସଭାପତି ସୁଶାନ୍ତ କୁମାର ମହାପାତ୍ର,ବାଲୁକେଶ୍ୱର କ୍ରୀଡ଼ା ଓ ସାଂସ୍କୃତିକ ସଙ୍ଗଠନର ସଭାପତି ମଳୟ ପାତ୍ର,ଅଲିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଦର୍ଶନ ସ୍ୱାଇଁ,ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ପୃଷ୍ଟି, ସହକାରୀ ଶିକ୍ଷକ ନିରଞ୍ଜନ ସାମଲ, ଖବରଦାତା ଛାୟାକାନ୍ତ ମହାନ୍ତି ଓ ଉତ୍କଳବନ୍ଧୁ ପଣ୍ଡା,ଶିକ୍ଷକ ଶମ୍ଭୁନାଥ ମାଝୀ, ମିତାଲି ପୂର୍ତ୍ତି ପ୍ରମୁଖ ସ୍ୱର୍ଗତ ଶିକ୍ଷୟତ୍ରୀଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅଧ୍ୟାପକ ଉମାକାନ୍ତ ନାୟକ ଓ ଆଲୋକ ପଣ୍ଡା ପ୍ରମୁଖ ସୀତାଙ୍କ ବାସଭବନରେ ପହଞ୍ଚି ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

## ଭାଜପାରେ ମିଶିଲେ ୨ ବିଜେଡି ଜିଲା ପରିଷଦ ସଦସ୍ୟ



ଭାଜପାରେ ସାମିଲ ବିଜେଡି ନେତା ଓ କର୍ମୀଙ୍କୁ ମନ୍ତ୍ରୀ ସ୍ୱାଗତ କରୁଛନ୍ତି।

ନୀଳଗିରି,୨୯।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଏନ୍‌ଏସି କଲ୍ୟାଣମଣ୍ଡପ ପରିସରରେ ରବିବାର ପୂର୍ବାହ୍ନ ୧୧ଟା୩୦ରେ ଭାଜପାର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା, ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଉପସ୍ଥିତିରେ ବିଜେଡିର ଟାଣୁଆନେତା କୁହାଯାଉଥିବା ତଥା ୧୩ନଂ. ଜୋନ ଜିଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ଏବଂ ୧୧ନଂ. ଜୋନ୍ ଜିଲାପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ଶୁଣିବା ପରେ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉପରୋକ୍ତ ଦୁଇ ଲୋକପ୍ରତିନିଧିଙ୍କ ପରେ ବହୁସଂଖ୍ୟାରେ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତରୁ ବିଜେଡି ଛାଡି ଭାଜପାରେ ସାମିଲ ହେବାକୁ ଆସିଥିବା ତୁଙ୍ଗନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଏବଂ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲା। ନୂଆକରି ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସ୍ୱାଗତ କରିଥିଲେ।

ଏହି ମିଶ୍ରଣ ପର୍ବରେ ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଉପ ସଭାପତି କରୁଣାକର ପଣ୍ଡା, ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, ବ୍ଲକ ଉପସଭାପତି ଜ୍ୟୋତିର୍ମୟ ପୁଥାଳ, ୨ନଂ. ଜୋନ୍ ଜିଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ୧୨ନଂ. ଜୋନ ଜିଲାପରିଷଦ ସଦସ୍ୟା ରଞ୍ଜିତା ସିଂ, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଯୁବନେତା ଚନ୍ଦ୍ରଶେଖର ନନ୍ଦ, ଶିଶିର ରାଉତ, ସମର ଶଙ୍କର କାନୁନ୍‌ଗୋ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅତ୍ୟାଧୁନିକ ମଧୁମେହ ଡାଏଗ୍ନୋଷ୍ଟିକ୍ ଲାବୋରେଟୋରି ଲୋକାର୍ପିତ

ବାଲେଶ୍ୱର,୨୯।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଭବନ ପରିସରରେ ରବିବାର ଅତ୍ୟାଧୁନିକ ମଧୁମେହ ଡାଏଗ୍ନୋଷ୍ଟିକ୍ ଲାବୋରେଟୋରି ଓ ପରିଚାଳନା କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ରୋଟାରୀ ଜିଲା ୩୨୬୨ର ଜିଲା ଗଭର୍ଣ୍ଣର ରୋଟାରିୟାନ ଯଜ୍ଞାଶିଷ ମହାପାତ୍ର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ପ୍ରତି ମଧୁମେହ ଭଳି ଏକ ନୀରବ ଘାତକ ଅଣାୟତ ହେବାକୁ ଯାଉଛି। ଉପଯୁକ୍ତ ପରୀକ୍ଷଣ ଓ ନିଦାନ ଅଭାବରୁ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ଚିକିତ୍ସା ସେବା କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ନିମନ୍ତେ କ୍ଲବ ପକ୍ଷରୁ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ପୂର୍ବ ପ୍ରାନ୍ତଃପାଳ ରୋଟାରିୟାନ ଶାନ୍ତନୁ କୁମାର ପାଣି, ସୁବ୍ରତ କର, ସୌରଭ ବେହେରା, ଦେବେନ୍ଦ୍ର କୁମାର ଧଳ, ଦେବାଶିଷ ଦାସ, ଉଦୟ ରଞ୍ଜନ ଦାସ, ବିଷ୍ଣୁଦାସ କୁଣ୍ଡୁ, ଜୟନ୍ତ କୁମାର ବେହେରା, ରାଜଲକ୍ଷ୍ମୀ ଯତିଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଲୋକାର୍ପଣ ଉତ୍ସବରେ ଉପସ୍ଥିତ କ୍ଲବର କର୍ମକର୍ତ୍ତା।

## ସୁବର୍ଣ୍ଣ ଶ୍ରୀକ୍ଷେତ୍ରରେ ରଥଯାତ୍ରା

ରେମୁଣା,୨୯।୬(ରବୀନ୍ଦ୍ର ମହାକୁଡ଼)- ଛଣପୁରସ୍ଥିତ ସୁବର୍ଣ୍ଣ ଶ୍ରୀକ୍ଷେତ୍ରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କର ନୀତିକାନ୍ତି ଯଥା ସମୟରେ ଅନୁଷ୍ଠିତ ହୋଇ ଶ୍ରୀ ବିଗ୍ରହମାନଙ୍କର ପହଣ୍ଡି ଆରମ୍ଭ କରାଯାଇଥିଲା। ବିଗ୍ରହମାନଙ୍କର ରଥାରୂଢ଼ ପରେ ମନ୍ଦିର ପ୍ରତିଷ୍ଠାତା ଦିବଂଗତ ଡ. ଗୋପେନ୍ଦ୍ର କିଶୋର ରାୟଙ୍କର କନିଷ୍ଠଭ୍ରାତା ରାଜେନ୍ଦ୍ର କିଶୋର ରାୟ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ। ଟ୍ରଷ୍ଟ ପରିଚାଳନା କମିଟିର ଅଧ୍ୟକ୍ଷ ହରନାରାୟଣ ମଡୁଆଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ସୂଚାରୁ ରୂପେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ସମୟରେ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛଣପୁର ନିକଟସ୍ଥ ଗ୍ରାମ ଏବଂ ବାଲେଶ୍ୱର ସହରରୁ ଅନେକ ଭକ୍ତ ଯୋଗଦେଇ ଆନନ୍ଦ ଉଲ୍ଲାସରେ ଘଣ୍ଟବାଦ୍ୟ ଧ୍ୱନି ମଧ୍ୟରେ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥ ଟାଣି ନେଇଥିଲେ।

## ନିଶା ନିବାରଣ ସଚେତନତା

ଭଦ୍ରକ,୨୯।୬ (ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କୁ ନେଇ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଶା ନିବାରଣ ସଚେତନତା ସମ୍ବନ୍ଧୀୟ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ନିଶାସକ୍ତ ବ୍ୟକ୍ତିମାନଙ୍କ ପ୍ରତି ସମାଜରେ ସୃଷ୍ଟି ହେଉଥିବା ଘୃଣା ଭାବ ଓ ନିଶା ଦ୍ୱାରା ଘଟୁଥିବା ବିଭିନ୍ନ ଅମାନୁଷିକ କାର୍ଯ୍ୟକଳାପ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଡ. ତାପସ କୁମାର ମହାନ୍ତି, ଦୀପକ କୁମାର ସାହୁ, ଗିରିଜା ଶଙ୍କର ଦାସ, ପାରାଲିଗାଲ ଭଲ୍ୟୁଣ୍ଟର ଅନ୍ନପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ମଧୁସ୍ମିତା ମଲିକ, ସଙ୍ଗୀତା ମିଶ୍ରଙ୍କ ସମେତ ଆଇନସେବା ପ୍ରାଧିକରଣର କର୍ମକର୍ତ୍ତା ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ତ୍ରୈଲୋକ୍ୟ ନାଥ ଏଥିରେ ଯୋଗ ଦେଇଥିଲେ।

# ୪ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

### ଡିଜେ ଗାଡ଼ି ଓଲଟି ନାବାଳକଙ୍କ ମୃତ୍ୟୁ ଘଟଣା

### ମୃତକଙ୍କ ଭଉଣୀ ପଢ଼ା ଖର୍ଚ୍ଚ ବହନ କରିବେ ସରକାର

ଧାମନଗର,୨୯।୬ (ସନ୍ତୋଷ କୁମାର ମହାପାତ୍ର)

ରଥଯାତ୍ରା ଦିନ ରଥଟଣା ବେଳେ ଡିଜେ ଗାଡ଼ି ଓଲଟି ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମର ସୌମ୍ୟରଞ୍ଜନ ରାଉତ(୧୨)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଖବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତ ନାବାଳକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମୃତ ନାବାଳକଙ୍କ ମା'ଙ୍କୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ରବିବାର ସନ୍ଧ୍ୟା ୬ଟାରେ ଏକ୍ସରେ ଘୋଷଣା କରିଛନ୍ତି। ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସନ୍ଧ୍ୟାରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୃତ ନାବାଳକଙ୍କ ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି।

ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସାଈଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅତିରିକ୍ତ



ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ମୃତ ନାବାଳକଙ୍କ ସାନଭଉଣୀ ଓ ଅନ୍ୟମାନେ।

ତହସିଲଦାର ସାଇ ସିଲୋନା, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଗୋପାଳକୃଷ୍ଣ ଜେନା, ରାଜସ୍ୱ ନିରୀକ୍ଷକ ନଗେନ୍ଦ୍ର କୁମାର ଦାସ ପ୍ରମୁଖ ଅପରାହ୍ନ ୪ଟାରେ ମୃତ ନାବାଳକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲା ରେଡ୍‌କ୍ରସ ପାଣ୍ଠିରୁ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ୩ୟ ଶ୍ରେଣୀରେ ପଢୁଥିବା ମୃତକଙ୍କ ଏକମାତ୍ର ସାନଭଉଣୀ ସୁବିରାଣୀଙ୍କ ପଢ଼ା ଖର୍ଚ୍ଚ ସରକାର ବହନ କରିବେ। ବାତ୍ସଲ୍ୟ ଯୋଜନାରେ ୨୧ ବର୍ଷ ପର୍ଯ୍ୟନ୍ତ ତାଙ୍କ ପାଠପଢ଼ା ଖର୍ଚ୍ଚ ମାସିକ ୪ ହଜାର ଟଙ୍କା ଦିଆଯିବ। ପରେ ଉଚ୍ଚଶିକ୍ଷା ପାଇଁ ମଧ୍ୟ ସରକାରୀ ସହାୟତା ଯୋଗାଇ ଦିଆଯିବ। ଏଥିସହ ଯାହା ଆବଶ୍ୟକ, ସମସ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମୃତ ନାବାଳକଙ୍କ ପରିବାରକୁ ସହାୟତା ପାଇଁ ସେ ନିବେଦନ କରିଥିଲେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି। ପ୍ରକାଶଥାଉ କି, ଅନହରପୁର ଗ୍ରାମରୁ ବିପର୍ଯ୍ୟସ୍ତ କେନାଲ ରାସ୍ତାରେ ରଥ ଶୋଭାଯାତ୍ରା ଅନହରପୁର ବଜାରକୁ ଯାଉଥିବା ବେଳେ ଡିଜେ ଗାଡ଼ି କେନାଲକୁ ଓଲଟି ପଡ଼ିଥିଲା। ରଥଯାତ୍ରା ଦେଖିବାକୁ ଯାଇଥିବା ସୌମ୍ୟରଞ୍ଜନ ଡିଜେ ତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଧାମନଗର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଳିପୁର ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ଅଭାବ



ବିଇଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଅଭିଭାବକ।

ଭଣ୍ଡାରିପୋଖରୀ,୨୯।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଳ ମଡ଼ିଆଳି ପଞ୍ଚାୟତ ବଳିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ। ଆବଶ୍ୟକ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏଠାରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇଙ୍କ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପୂର୍ବରୁ ସ୍କୁଲଟି ସୁବର୍ଣ୍ଣମୁଖୀ ପ୍ରାଥମିକ ବିଦ୍ୟାଳୟ ନାମରେ ରହିଥିଲା। ଏବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପାଇଛି। ୧୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୩ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ମଧ୍ୟାହ୍ନଭୋଜନ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରୁଥିବା ବେଳେ ଶିକ୍ଷାଦାନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମସ୍ତ ଛାତ୍ରୀଛାତ୍ରଙ୍କୁ ଦୁଇଜଣ ଶିକ୍ଷକ ପାଠ ପଢ଼ାଇବା କଷ୍ଟକର ହୋଇପଡୁଛି। ଏପଟେ ପ୍ରଧାନଶିକ୍ଷକ ଜଣକ ଦୀର୍ଘ ୧୭ ବର୍ଷ ହେବ ଏଠାରେ ରହିଥିବା ବେଳେ ଅନେକ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ସହ ଏଠାରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଚନ୍ଦ୍ର ଜେନା, ଅଭିଭାବକ ଭାଗୀରଥି ସେଠୀ, ବସନ୍ତ ଜେନା, ଲକ୍ଷ୍ମଣ ଜେନା, ବିଷ୍ଣୁ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କିଶୋର ଚନ୍ଦ୍ର ସେଠୀ ପ୍ରମୁଖ ଗତ ଗୁରୁବାର ବିଇଓଙ୍କ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି, ଯଦି ଅଭିଭାବକମାନେ ଚାହୁଁଛନ୍ତି, ତାହେଲେ ସେ ବଦଳି ପାଇଁ ପ୍ରସ୍ତୁତ ଅଛନ୍ତି। ତେବେ ବିଦ୍ୟାଳୟରେ ମୋଟ ୯୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

## କର୍କଟରେ ଆକ୍ରାନ୍ତ ୪ବର୍ଷର ଶିଶୁ

### ଚିକିତ୍ସାରେ ଅର୍ଥ ବାଧକ



ମା'ଙ୍କ ସହ ଶୁଭ୍ରାଂଶୁ।

ଭଣ୍ଡାରିପୋଖରୀ,୨୯।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ଗ୍ରାମର ତପନ ଯେନାଙ୍କ ୪ ବର୍ଷର ଶିଶୁପୁତ୍ର ଶୁଭ୍ରାଂଶୁ ଶେଖର କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଶିଶୁପୁତ୍ରର ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ୨୦୨୩ ଜୁଲାଇରେ ଶିଶୁର ଗୋଡ଼ ଫୁଲିବାରୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଟ୍ୟୁମର ଅସ୍ତ୍ରୋପଚାର କରିବା ପରେ ମଧ୍ୟ ଆରୋଗ୍ୟ ଲାଭ କରି ନ ଥିଲା। ପୁନର୍ବାର ପରୀକ୍ଷା କରିବାରୁ କର୍କଟ ହୋଇଥିବା ଜଣାପଡ଼ିଥିଲା। ଏବେ କେମୋ ଥେରାପି ଚିକିତ୍ସା ଚାଲିଛି। ହେଲେ ଅର୍ଥ ଅଭାବରୁ ଉପଯୁକ୍ତ ସମୟରେ କେମୋ ପାଇଁ ଡାକ୍ତରଖାନାକୁ ଯାଇପାରୁ ନାହାନ୍ତି ପରିବାର ଲୋକେ। ତପନ ଦିନମଜୁରିଆ ହୋଇଥିବା ବେଳେ ପରିବାରର ନିଜସ୍ୱ ଜମିବାଡ଼ି ନାହିଁ। ଭାଗ ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଏଭଳି ପରିସ୍ଥିତିରେ ଶିଶୁର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ସମ୍ଭବ ହୋଇପାରୁ ନାହିଁ। ବଦାନ୍ୟ ବ୍ୟକ୍ତିଙ୍କଠାରୁ ଆର୍ଥିକ ସହାୟତା ପାଇଁ ତପନ ନିବେଦନ କରିଛନ୍ତି।

## ବର୍ଷାପାଣିରେ ବୁଡ଼ିଛି ଧାନତଳି



ଗୋବିନ୍ଦପୁର ପଞ୍ଚାୟତରେ କ୍ଷେତରେ ଧାନ ତଳି ଉପରେ ଜମି ରହିଛି ବର୍ଷା ଜଳ।

ବାସୁଦେବପୁର,୨୯।୬ (କାଳିପଦ ରାୟ)

ଗତ ୪ ଦିନ ଧରି ଲଘୁଚାପ ଜନିତ ବର୍ଷାରେ ବାସୁଦେବପୁର ବ୍ଲକର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଜମିରେ ଧାନ ତଳି। ଚଳିତବର୍ଷ ପାଗର ପରିବର୍ତ୍ତନ ହେତୁ ଚାଷୀମାନେ ଆତରା ତଳି ପକାଇଥିଲେ। ହେଲେ ଲଗାତାର ବର୍ଷାରେ ତଳି ଉପରେ ୨ରୁ ୩ ଫୁଟ୍‌ର ବର୍ଷାପାଣି ଜମିଛି। ଫଳରେ ସବୁ ତଳି ପଚିଯିବା ଏକପ୍ରକାର ନିଶ୍ଚିତ ହୋଇଛି। ଚାଷୀମାନେ ଉନ୍ନତ କିସମର ଅଧିକ ଅମଳକ୍ଷମ ବିହନ ତଳି ପକାଇଥିଲେ। ବ୍ଲକର ପଦ୍ମପୁର, ଏଡ଼ତାଳ, ଲୁଙ୍ଗା, ଜଗନ୍ନାଥପ୍ରସାଦ, ବାଳିମେଦ, ରାଜଘରପୋଖରୀ, ବିରସ, ଗୋବିନ୍ଦପୁର, କରଞ୍ଜଆଡ଼ିଆ, ନାୟକାଣିଡିହୀ, ଗୁଆଗଡ଼ିଆ, ସୁଗୋ ଓ ନଈଘେରଦ ୭ ପଞ୍ଚାୟତର ସବୁ ଧାନତଳି କ୍ଷତିଗ୍ରସ୍ତ ହୋଇଛି। ସମୁଦ୍ରରେ ଉଠିଆ ଜୁଆର ହେତୁ ଏହି ବ୍ଲକରେ ପ୍ରବାହିତ କଞ୍ଚୁଡ଼ି, ମନ୍ତେଇ, ଧଳା, କାଂଶବାଂଶ ନଦୀରେ ଜଳସ୍ତର ବଢ଼ିଯାଇଛି। ଧାନ ତଳି ପଚି ସମ୍ପୂର୍ଣ୍ଣ ନଷ୍ଟ ହେବା ଏକପ୍ରକାର ନିଶ୍ଚିତ ଜାଣି ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ରିହାତି ଦରରେ ଚାଷୀମାନଙ୍କୁ ବିହନ ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ସନ୍ଦେହରେ ୪ଜଣଙ୍କୁ ଉଠାଇନେଲା ପୋଲିସ

### ବ୍ୟବସାୟୀଙ୍କୁ ଗୁଳି କରି ଲୁଟ୍ ଘଟଣା

ଭଦ୍ରକ,୨୯।୬ (ସନାତନ ରାଉତ)

ଭଦ୍ରକ ସହର ଚରମ୍ପାରେ ଜଣେ ଗୋଖାଦ୍ୟ ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ଟଙ୍କା ବ୍ୟାଗ୍ ଲୁଟ୍ ଘଟଣାରେ ଟାଉନ ପୋଲିସ ଶନିବାର ରାତିରେ ୪ଜଣଙ୍କୁ ଉଠାଇ ନେଇ ପଚରାଉଚୁରା କରୁଛି। ସେମାନଙ୍କ ମଧ୍ୟରେ ଭଦ୍ରକର ଜଣେ ଓ ବାଲେଶ୍ୱର ଅଞ୍ଚଳର ୩ଜଣ ଅଛନ୍ତି। ତଦନ୍ତରେ ବ୍ୟାଘାତ ପାଇଁ ସେମାନଙ୍କ ନାମ ପୋଲିସ ଗୋପନ ରଖିଛି। ଏହି ଘଟଣାରେ ବିଭିନ୍ନ ସ୍ଥାନରୁ ସନ୍ଦେହ ହେଉଥିବା ଯୁବକମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ଖୁବ୍‌ଶୀଘ୍ର ଲୁଟେରାମାନେ ଗିରଫ ହେବେ ବୋଲି ଏସ୍‌ପି ମନୋଜ ରାଉତ କହିଛନ୍ତି।

ଅପରପକ୍ଷେ ଗୁଳିମାଡ଼ରେ ଗୁରୁତର ହୋଇଥିବା ବ୍ୟବସାୟୀ ଭଦ୍ରକ ଟାଉନ ଥାନା ଅଧୀନ ସରଗଡ଼ିଆ ଗ୍ରାମର ବିଦ୍ୟାଧର ପାତ୍ର(୬୦) ଏବେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୨୧ ତାରିଖ ସନ୍ଧ୍ୟା ୭ଟା ବେଳେ ବିଦ୍ୟାଧର ଟଙ୍କା ବ୍ୟାଗ୍ ଧରି ଗୋଦାମରୁ ଘରକୁ ଫେରୁଥିଲେ। ଘର ନିକଟରେ ପହଞ୍ଚିବା ପରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ତାଙ୍କୁ ଗୁଳି କରି ଟଙ୍କା ବ୍ୟାଗ୍ ଲୁଟି ନେଇ ବାଲେଶ୍ୱର ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ।

## ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ

ବନ୍ତ,୨୯।୬(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଶନିବାର ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଦେବୀ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଦିବଂଗତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଜୟନ୍ତୀ ଅବସରରେ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଶରତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଏମ୍‌ସି ସଭାପତି ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ମେଧା ଛାତ୍ର ଶୁଭମ ବାରିକ ଏବଂ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପୁଅ କେରଳ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ମହାନ୍ତି ଏବଂ ସହଧର୍ମିଣୀ ଭାରତ ସରକାରଙ୍କ ବେତାର ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶିକା ପ୍ରଣତି ମହାନ୍ତି ଉପସ୍ଥିତ ଥିଲେ।

## ଜାତୀୟ ପରିସଂଖ୍ୟାନ ଦିବସ



ପରିସଂଖ୍ୟାନ ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ,୨୯।୬ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ରବିବାର ପୂର୍ବାହ୍ନ ୧୧ଟାରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ଯୋଜନା ଓ ପରିଚାଳନା ବିଭାଗ ଉପନିର୍ଦ୍ଦେଶକ ପ୍ରହ୍ଲାଦ ରଣା, ଜିଲା ପରିସଂଖ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ନାୟକ ଯୋଗଦେଇ ଭାରତ ଅର୍ଥନୀତିର ଅନ୍ୟତମ ମହାନାୟକ ପିସି ମହାଲୋନୋବିଶଙ୍କ ଜୀବନୀ, ଭାରତୀୟ ଅର୍ଥନୀତିରେ ତାଙ୍କର ଯୋଗଦାନ ବିଷୟରେ ଆଲୋକପାତ କରିଥିଲେ। ଦେଶର ପ୍ରଗତିରେ ଅର୍ଥନୀତିର ପରିସଂଖ୍ୟାନ ଅପରିହାର୍ଯ୍ୟ ବୋଲି ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଜୁନ୍ ୨୯କୁ ଓଡ଼ିଆ ଅସ୍ମିତା ଦିବସ ପାଳନ ଦାବି

ଚାନ୍ଦବାଲି,୨୯।୬ (ଅଶୋକ ପଣ୍ଡା)

ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଜୁନ୍ ୨୯କୁ ଓଡ଼ିଆ ଅସ୍ମିତା ଦିବସ ଭାବେ ପାଳନ ପାଇଁ ଦାବି କରାଯାଇଛି। ରବିବାର ଅପରାହ୍ନରେ ଚାନ୍ଦବାଲି ମଧୁବାବୁ ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପରିଷଦର ସଭାପତି ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅମୂଲ୍ୟ କୁମାର ରାଉତ, ଚାନ୍ଦବାଲି ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ, ପ୍ରଧାନଶିକ୍ଷକ ମାଧବାନନ୍ଦ ଓଝା, ସାମାଜିକ କର୍ମୀ ଦିଲୀପ ରାଉତ, ବିଶ୍ୱନାଥ ସୁତାର, ପ୍ରଶାନ୍ତ ଦାଶ, ବିଶ୍ୱମ୍ଭର ମହାନ୍ତି, ଶିକ୍ଷକ ଦିଲୀପ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ନିକଟରେ ଏହି ଦାବି କରିଛନ୍ତି। ବହୁ ବର୍ଷ ପୂର୍ବେ ଓଡ଼ିଶାର ଗଜପତି ମହାରାଜା କପିଳେନ୍ଦ୍ର ଦେବ ଏହି ତାରିଖରେ ଓଡ଼ିଆ ଅସ୍ମିତା ଦିବସ ପାଳନ କରିଥିଲେ। ଓଡ଼ିଆ ଭାଷାକୁ ସରକାରୀ ଭାବେ କାର୍ଯ୍ୟକାରୀ କରିବା ସହ ଓଡ଼ିଆ ଅସ୍ମିତା ଓଡ଼ିଶାର ପରିଚୟ ବୋଲି ଘୋଷଣା କରିଥିଲେ। ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ସମ୍ମାନ ଓ ସ୍ୱାଭିମାନ ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ଜୁନ୍ ୨୯କୁ ଓଡ଼ିଆ ଅସ୍ମିତା ଦିବସ ଭାବେ ପାଳନ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି।

## ଲଗାଣ ବର୍ଷାରେ ଧସିଲା ମାଟିକାନ୍ଥ

ପାଟଣା,୨୯।୬ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜନ ଜୀବନ ବେହାଲ ହୋଇପଡିଛି। ଲଗାଣ ବର୍ଷା ଫଳରେ ରବିବାର ସକାଳୁ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବଡ ନୂଆଗାଁ ଗ୍ରାମର ଆସଲ ବେହେରାଙ୍କ ମାଟି ଘରରର କାନ୍ଥ ଭୁଶୁଡି ପଡ଼ିଛି। ପରିବାର ଲୋକେ ଘରେ ଥିବା ବେଳେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଆସଲଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି।

## ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ: ୪ ଗିରଫ

ଭଦ୍ରକ,୨୯।୬ (ସନାତନ ରାଉତ)



ଭଦ୍ରକ ପୁରୁଣାବଜାର ଥାନା ପୋଲିସ ରବିବାର ପୁରୁଣାବଜାର ହେଲାସାହିରେ ୨ଟି ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଛି। ବିପୁଳ ପରିମାଣର ଜର୍ଦ୍ଦା ଜବତ ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହେଲାସାହିର ଶେଖ୍ ଖଲିକ୍, ମିର୍ଜା ସାହିଦ୍ କାଦ୍ରୀ, ଶେଖ୍ ତାୱିଜ୍ ଓ ଶେଖ୍ ଭୋଲା। ପ୍ରେସ୍ ବିଜ୍ଞପ୍ତିରେ ପୁରୁଣାବଜାର ପୋଲିସ ଦେଇଥିବା ସୂଚନା ଅନୁଯାୟୀ, ସବ୍‌ଇନ୍ସପେକ୍ଟର ସିଦ୍ଧେଶ୍ୱର ବିଶୋଇଙ୍କ ନେତୃତ୍ୱରେ ଏକ ଟିମ୍ ହେଲାସାହିର ଶେଖ୍ ଖଲିକ୍‌ଙ୍କ ଘରେ ଚାଲିଥିବା ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଥିଲା। ସେହିପରି ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ହେଲାସାହିର ଶେଖ୍ ତାୱିଜ୍‌ଙ୍କ ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଥିଲା। ବିପୁଳ ପରିମାଣର ନକଲି ଜର୍ଦ୍ଦା, ପ୍ୟାକିଂ ଟିଣଡବା, ନକଲି ସିଲ୍, ଗୋପାଲ, ଶିବଦାତା, ସୁରଭି ଆଦି ୨୮ କେଜି ଜର୍ଦ୍ଦା ଜବତ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା (ନଂ. ୧୪୭/୨୫ ଓ ୧୪୮/୨୫) ରୁଜୁ ହୋଇଛି।

## ବସ୍ ପଛକୁ ପିଟିଲା ଟ୍ରକ୍, ୪ ଗୁରୁତର

ପାଟଣା,୨୯।୬(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ନର୍ସରୀ ଛକରେ ରବିବାର ସକାଳ ୬ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ପଛ ପଟରୁ ଏକ ଟ୍ରକ୍ ଧକ୍କା ଦେଇଛି। ଦୁର୍ଘଟଣାରେ ହେଲପରଙ୍କ ସମେତ ୪ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ବସ୍ (ନଂ.ଓଡ଼ି ୦୯ ୱାଇ ୧୮୮୭)କେନ୍ଦୁଝରରୁ ଯାତ୍ରୀଙ୍କୁ ନେଇ କରଞ୍ଜିଆ ଅଭିମୁଖେ ଯାଉଥିଲା। ଚେମେଣା ନର୍ସରୀ ଛକରେ ପଛପଟୁ ଏକ ଆଇରନ ବୋଝେଇ ଟ୍ରକ୍(ନଂ. ଓଡି ୦୯ ଏଡି ୯୩୭୯) ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ରାଜପଥ କଡ଼ ବିଲକୁ ବସ୍‌ଟି ପଶିଯାଇଛି। ସମସ୍ତ ଆହତ, ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।

## ବୈତରଣୀ ଗ୍ରାମ ନିକଟ ଘାଟିରୁ ଅତଡ଼ା ଧସିଲା

କେନ୍ଦୁଝର,୨୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲାର ବିଭିନ୍ନ ରାସ୍ତା ଘାଟ ଦୁର୍ବଳ ହୋଇ ପଡିଛି। ରାସ୍ତା କଡ଼ରୁ ମାଟି ଅତଡା ଖସୁଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହେଉଛି। ବିଶେଷ କରି ବଣପାହାଡ଼ ଘେରା ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଯୋଡ଼ା ଆଦି ବ୍ଲକ୍ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଦେଉଛି। ବାଂଶପାଳ ବ୍ଲକ୍ ଗୋନାସିକାରୁ ହରିଚନ୍ଦନପୁର ବ୍ଲକ୍ ବକ୍ସିବାରିଗାଁକୁ ସଂଯୋଗ କରୁଥିବା ରାସ୍ତାର ତଳ ବୈତରଣୀ ଗ୍ରାମ ନିକଟ ଘାଟିରେ ରବିବାର ମାଟି ଅତଡ଼ା ଖସିବା ସହ ଗଛଲତା ଖସି ରାସ୍ତା ଉପରେ ପଡିଛି। ଉକ୍ତ ରାସ୍ତା କଡ଼ରେ



ପାଇପ ବିଛାଯାଉଥିଲା। ପାଇପ ବିଛା ଯିବା ପରେ ଠିକ୍ ଭାବରେ ମାଟିକୁ ରୋଲିଂ କରି କଂକ୍ରିଟ କରାଯାଇ ନ ଥିବାରୁ ମାଟି ଦୁର୍ବଳ ହୋଇ ରହିଛି। ଏଣୁ ବର୍ଷା ହେଲେ ସେସବୁ ସ୍ଥାନରେ ମାଟି ଅତଡା ଖସୁଥିବା ଅଭିଯୋଗ ହେଉଛି।

ସେହିପରି ବାୟାପଣ୍ଡାଧାର–ଗୋନାସିକା ରାସ୍ତାରେ ମଧ୍ୟ ଅତଡ଼ା ଓ ଗଛ ଖସିବା ଆଶଙ୍କା ରହୁଛି। ଉକ୍ତ ରାସ୍ତାରେ ସ୍ଥାନୀୟ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଂଚାୟତର ଲୋକ ଯାତାୟାତ କରୁଥିବା ବେଳେ ପର୍ଯ୍ୟଟକମାନେ ଯିବା ଆସିବା କରିଥାନ୍ତି। ଏଣୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ପଦ୍ମଶ୍ରୀ ଦୈତାରୀ ନାୟକ, ସ୍ଥାନୀୟ ସାମାଜିକ କର୍ମୀ ବିରବର ନାୟକ, ଶ୍ରୀକାନ୍ତ ଜୁଆଙ୍ଗା ପ୍ରମୁଖ ଦାବି କରିଛନ୍ତି।

# ବର୍ଷାଦିନରେ ମଣ୍ଡା, ବଡ଼ ଛତୁର ଚାହିଦା

କେନ୍ଦୁଝର,୨୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ବର୍ଷାଦିନ ଆସିଲେ କେନ୍ଦୁଝର ରାସ୍ତାଘାଟରେ ଜଙ୍ଗଲୀ ଛତୁ ବିକ୍ରି ହୋଇଥାଏ। ଏବେ ରଙ୍ଗ ବେରଙ୍ଗର ବିଭିନ୍ନ କିସମର ଛତୁର ପସରା ମେଲିଛି। ବିଶେଷକରି ମଣ୍ଡା, ବଡ଼ ଛତୁ ଲୋକଙ୍କ ଅଧିକ ପସନ୍ଦ ରହିଛି। ଏହି ଛତୁ ଭାଗ ୫୦ ଟଙ୍କାରେ ବିକ୍ରି ହୋଇଥାଏ। ବର୍ଷା ଆସିଲେ ଲୋକଙ୍କ ମଧ୍ୟରେ ଏହି ଛତୁ କିଣି ଖାଇବାର ଉତ୍ସାହ ଦେଖାଦେଇଥାଏ।

ପ୍ରକାଶ ଯେ, ଆଜିକାଲି ବର୍ଷତମାମ କୁଟା, ବଟମ ଛତୁ ଚାଷ ହେଉଛି, କିନ୍ତୁ ପ୍ରାକୃତିକ ପରିବେଶରେ ବର୍ଷା ଦିନରେ ଫୁଟୁଥିବା ଛତୁର ଚାହିଦା ଅଧିକ। ଏବେ ହାଟ, ବଜାର ଓ ରାସ୍ତାକଡ଼ରେ ମଣ୍ଡା, ବଡ଼ ଛତୁ ବିକ୍ରି ହେଉଥିବା ଦେଖିବାକୁ ମିଳୁଥିବା ବେଳେ ବାଲି, ବିହୁଡୁଣୀ, ରୁଟୁକା ଭଳି ଛତୁର ଚାହିଦା ମଧ୍ୟ ରହିଛି। ଆଉ ୧୫ ଦିନ ପରେ ଏହିସବୁ ଛତୁ ବହୁ ପରିମାଣରେ ମିଳିବ। ବିଶେଷ କରି ରୁଟୁକା ଆଦି ଛତୁ କିଲୋ ପ୍ରତି ୫୦୦ ରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହୋଇଥାଏ। ବର୍ଷା ଋତୁ ଆସିଲେ ଆଦିବାସୀମାନେ ବଣଜଙ୍ଗଲରେ ବୁଲି ଛତୁ ସଂଗ୍ରହ କରି ଆଣି ହାଟବଜାରରେ ବିକ୍ରି କରିଥାନ୍ତି। ଆଜିକାଲି ବୈଜ୍ଞାନିକ ଉପାୟରେ ବର୍ଷ ସାରା କୃତ୍ରିମ ପଦ୍ଧତିରେ ଛତୁ ଚାଷ କରାଯାଉଛି। ମାତ୍ର ବିଭିନ୍ନ ଋତୁରେ ପ୍ରାକୃତିକ ଉପାୟରେ ବଣ ଜଙ୍ଗଲରୁ ମିଳୁଥିବା ଛତୁର ସ୍ୱାଦ ଅତ୍ୟନ୍ତ ନିଆରା ହୋଇଥିବାରୁ ଏହାର ଚାହିଦା ରହିଛି। ଧଳା, ହଳଦିଆ, ନାଲି, କଳା ଆଦି ରଙ୍ଗର ଛତୁ ଏବେ ରାସ୍ତାକଡ଼ରେ ବିକ୍ରି ହେଉଛି। ବିଶେଷକରି ପିଚ୍, ମଣ୍ଡା, ପତ୍ରୁରା, ମହାମଣି, ଭାନ୍ତୁ, ଅଙ୍ଗାରୁ, ବାଉଁଶ, କାଠଛତୁ ଆଦି ଏବେ ବଜାରରେ ମିଳୁଛି। ଆଦିବାସୀମାନେ ଛତୁକୁ ପତ୍ରଠୋଲା ବା ଚଉପତିରେ ଭାଗ କରି ବିକ୍ରି କରୁଥିବା ବେଳେ ଆଜିକାଲି ବ୍ୟବସାୟୀମାନେ କିଣି ନେଇ କିଲୋ ଦରରେ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ଛତୁ ଆଜିକାଲି ବଡ଼ ହୋଟେଲରେ ମଧ୍ୟ ପରଷା ଯାଉଛି। ଅନେକ ସମୟରେ ଅସାବଧାନତା ବଶତଃ ବିଷାକ୍ତ ଛତୁ ଖାଇ ଅନେକେ ଅସୁସ୍ଥ ହୋଇପଡ଼ନ୍ତି। ଏଣୁ ଛତୁକୁ ଦେଖି ପରଖି ଏବଂ ଭଲଭାବରେ ଧୋଇ ରାନ୍ଧି ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ତେବେ ଉପଯୁକ୍ତ ବଜାର ଅଭାବରୁ ଆଦିବାସୀମାନେ ଅନେକ ସମୟରେ ଶୋଷଣର ଶିକାର ହୋଇଥାନ୍ତି। ଆଦିବାସୀମାନେ କଷ୍ଟକରି ଛତୁ ସଂଗ୍ରହ କରିଥାନ୍ତି। କିନ୍ତୁ ବ୍ୟବସାୟୀ ସେମାନଙ୍କୁ ଓଜନ ଓ ଦରରେ ଠକି ନେଇ ଅଧିକ ଲାଭ କରୁଥିବା ଅଭିଯୋଗ ହେଉଛି। ବାଂଶପାଳ ଅଞ୍ଚଳର ମୀନତି ନାୟକ କୁହନ୍ତି, ଆଗଭଳି ଛତୁ ମିଳୁନାହିଁ। ବର୍ଷା ନାହିଁ ଏଣୁ ଛତୁ ବିଳମ୍ବରେ ବାହାରୁଛି। ତେବେ ଛତୁ ଜଙ୍ଗଲରୁ ଆଣି ହାଟ, ବଜାରରେ ବିକୁଥିଲେ ହେଁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ। କାଞ୍ଜିପାଣି ଅଞ୍ଚଳର ଇନ୍ଦ୍ରାଣୀ ମୁଣ୍ଡା କୁହନ୍ତି, ଛତୁ ଆଗରୁ ଘରବାଡ଼ି, ପଡ଼ିଆ, ଜଙ୍ଗଲ ଓ ପାହାଡ଼ରେ ବହୁତ ମିଳୁଥିଲା। ତେବେ ଆଜିକାଲି ଜଙ୍ଗଲ ଓ ପାହାଡ଼ ଭିତରକୁ ଯିବାକୁ ପଡୁଛି। ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରମାକାନ୍ତ ସ୍ୱାଇଁ କହିଛନ୍ତି, ବିଶେଷକରି ଓଡ଼ିଆ ଘରେ ବର୍ଷା ଋତୁରେ ଛତୁର ବିଭିନ୍ନ ପ୍ରକାରର ବ୍ୟଞ୍ଜନ ହୋଇଥାଏ। ଆଜିକାଲି ଛତୁ ମହଙ୍ଗା ହୋଇଗଲାଣି।

**ବଜାରରେ ରଙ୍ଗ ବେରଙ୍ଗ ଛତୁର ପସରା**



ମହିଳାମାନେ ରାସ୍ତା କଡ଼ରେ ବସି ଛତୁ ବିକ୍ରି କରୁଛନ୍ତି।

# ବୈତରଣୀ ଗ୍ରାମ ନିକଟ ଘାଟିରୁ ଅତଡ଼ା ଧସିଲା

କେନ୍ଦୁଝର,୨୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲାର ବିଭିନ୍ନ ରାସ୍ତା ଘାଟ ଦୁର୍ବଳ ହୋଇ ପଡିଛି। ରାସ୍ତା କଡ଼ରୁ ମାଟି ଅତଡା ଖସୁଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହେଉଛି। ବିଶେଷ କରି ବଣପାହାଡ଼ ଘେରା ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଯୋଡ଼ା ଆଦି ବ୍ଲକ୍ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଦେଉଛି। ବାଂଶପାଳ ବ୍ଲକ୍ ଗୋନାସିକାରୁ ହରିଚନ୍ଦନପୁର ବ୍ଲକ୍ ବଙ୍କିବାରିଗାଁକୁ ସଂଯୋଗ କରୁଥିବା ରାସ୍ତାର ତଳ ବୈତରଣୀ ଗ୍ରାମ ନିକଟ ଘାଟିରେ ରବିବାର ମାଟି ଅତଡ଼ା ଖସିବା ସହ ଗଛଲତା ଖସି ରାସ୍ତା ଉପରେ ପଡିଛି। ଉକ୍ତ ରାସ୍ତା କଡ଼ରେ ପାଇପ ବିଛାଯାଉଥିଲା। ପାଇପ ବିଛା ଯିବା ପରେ ଠିକ୍ ଭାବରେ ମାଟିକୁ ରୋଲିଂ କରି କଂକ୍ରିଟ କରାଯାଇ ନ ଥିବାରୁ ମାଟି ଦୁର୍ବଳ ହୋଇ ରହିଛି। ଏଣୁ ବର୍ଷା ହେଲେ ସେସବୁ ସ୍ଥାନରେ ମାଟି ଅତଡା ଖସୁଥିବା ଅଭିଯୋଗ ହେଉଛି।

ସେହିପରି ବାୟାପଣ୍ଡାଧାର-ଗୋନାସିକା ରାସ୍ତାରେ ମଧ୍ୟ ଅତଡ଼ା ଓ ଗଛ ଖସିବା ଆଶଙ୍କା ରହୁଛି। ଉକ୍ତ ରାସ୍ତାରେ ସ୍ଥାନୀୟ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଂଚାୟତର ଲୋକ ଯାତାୟାତ କରୁଥିବା ବେଳେ ପର୍ଯ୍ୟଟକମାନେ ଯିବା ଆସିବା କରିଥାନ୍ତି। ଏଣୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ପଦ୍ମଶ୍ରୀ ଦୈତାରୀ ନାୟକ, ସ୍ଥାନୀୟ ସାମାଜିକ କର୍ମୀ ବିରବର ନାୟକ, ଶ୍ରୀକାନ୍ତ ଜୁଆଙ୍ଗା ପ୍ରମୁଖ ଦାବି କରିଛନ୍ତି।



## ବସ୍ ପଛକୁ ପିଟିଲା ଟ୍ରକ୍, ୪ ଗୁରୁତର

ପାଟଣା,୨୯।୬(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ନର୍ସରୀ ଛକରେ ରବିବାର ସକାଳ ୬ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ପଛ ପଟରୁ ଏକ ଟ୍ରକ୍ ଧକ୍କା ଦେଇଛି। ଦୁର୍ଘଟଣାରେ ହେଲପରଙ୍କ ସମେତ ୪ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ବସ୍ (ନଂ.ଓଡ଼ି ୦୯ ୱାଇ ୧୮୮୭)କେନ୍ଦୁଝରରୁ ଯାତ୍ରୀଙ୍କୁ ନେଇ କରଞ୍ଜିଆ ଅଭିମୁଖେ ଯାଉଥିଲା। ଚେମେଣା ନର୍ସରୀ ଛକରେ ପଛପଟୁ ଏକ ଆଇରନ ବୋଝେଇ ଟ୍ରକ୍(ନଂ. ଓଡି ୦୯ ଏଡି ୯୩୭୯) ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ରାଜପଥ କଡ଼ ବିଲକୁ ବସ୍‌ଟି ପଶିଯାଇଛି। ସମସ୍ତ ଆହତ, ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ଛେନାପଦି,୨୯।୬(ନିରାକାର ପରିଡା): କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ଢେଙ୍କା ବଜାର ନିକଟରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲା ବୈଦାଖିଆ ଅଞ୍ଚଳର ରାମ ମୁଣ୍ଡା, ହରିଚନ୍ଦନପୁର ଅଞ୍ଚଳର ମଙ୍ଗୁଲୁ ଲାଦୁରା ବୋଲି ଜଣାପଡ଼ିଛି। ପୋଲିସ ଦୁହିଁଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପ୍ରକାଶ ଯେ, ଅପରାହ୍ନ ୨ଟା ସମୟରେ ୨ ଜଣ ବାଇକ ଆରୋହୀ ଢେଙ୍କା ବଜାର ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ହୋଇ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଗୋରୁ ଚରାଳି, ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ସୋସୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ତଦନ୍ତ କରୁଛି।

# 'ଲକ୍ଷ୍ୟବିହୀନ ଜୀବନ ନିରର୍ଥକ'

କେନ୍ଦୁଝର,୨୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜିଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ**

କେନ୍ଦୁଝର ଜିଲାସ୍ଥିତ ଜିଲାପାଳଙ୍କ ଦରବାର ହଲରେ ରବିବାର ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଜଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ ପାଳନ କରାଯାଇଛି। ସଭାରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ସହ ପ୍ରାଧ୍ୟାପକ (ଅର୍ଥନୀତି) ଡା. ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହ ପ୍ରାଧ୍ୟାପକ( ବାଣିଜ୍ୟ) ଡ଼ା. ଅଜିତ ବରାଳ ଯୋଗଦେଇ ଲକ୍ଷ୍ୟବିହୀନ ଜୀବନ ନିରର୍ଥକ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବିନା ପରିସଂଖ୍ୟାନରେ ସମ୍ଭବ ହୋଇ ନ ଥାଏ ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର ଦେ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ସାର୍ଥକ ରାୟ, ଜିଲାସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶବିଦ୍ୟାଳୟର ଛାତ୍ରୀଛାତ୍ର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରି ରାଜ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟ ଯଥା ଜମି ବିନିଯୋଗ, ଶସ୍ୟକାଟ ପରୀକ୍ଷା, କୃଷି ଗଣନା, କ୍ଷୁଦ୍ର ଜଳ ସେଚନ ଗଣନା, ଜଳାଶୟର ଗଣନା, ଅର୍ଥନୈତିକ ଗଣନା, ଦୈନନ୍ଦିନ ବ୍ୟବହାର ଜିନିଷର ଉତ୍ପାଦକ, ପାଇକରୀ ଓ ଖୁଚୁରା ମୂଲ୍ୟ, ନିର୍ମାଣ ସାମଗ୍ରୀ ମୂଲ୍ୟ, କର୍ମଚାରୀଙ୍କ ଗଣନା, ଜିଲା ପରିସଂଖ୍ୟାନ ହାଣ୍ଡବୁକ, ଶିଳ୍ପର ବାର୍ଷିକ ସର୍ଭେ, ଶିଳ୍ପ ଉତ୍ପାଦକ ଶୁଚକାଙ୍କ, ଜାତୀୟ ନମୁନା ସର୍ଭେ ଏବଂ ଫସଲ ପରିସଂଖ୍ୟାନର ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜିଉଙ୍କ କୃଷ୍ଣ ଓ ବଳରାମ ବେଶ (ଫଟୋ ନରେଶ ପଟ୍ଟନାୟକ)

## ସବୁଜ ସଂଗଠକ ସନ୍ଦୀପ ସମ୍ବର୍ଦ୍ଧିତ

କେନ୍ଦୁଝର,୨୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ସବୁଜ ସଂଗଠକ ତଥା ସବୁଜପ୍ରେମୀ ଡ. ସନ୍ଦୀପ ପଟ୍ଟନାୟକଙ୍କୁ ଭୁବନେଶ୍ୱର, ରେଳ ଭବନଠାରେ ଜୁନ ୨୮ ତାରିଖରେ ଅନୁଷ୍ଠିତ 'ରୋଟାରୀ ମ୍ୟାଜିକ ଦିବସ' ପାଳନ ଅବସରରେ ରୋଟାରୀ ଏକ୍ସଲେନ୍ସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ପ୍ରକୃତି, ମାନବାଧିକାର ସଂରକ୍ଷଣ ଓ ପରିବେଶ ପାଇଁ ତାଙ୍କ ଅବିରତ ପ୍ରଚେଷ୍ଟା ଉପରେ ଅତିଥିମାନେ ଆଲୋଚନା କରିବା ସହ ତାଙ୍କୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ନିକଟରେ ୨ୟ ଥର ପାଇଁ ରାଜ୍ୟ ଜଙ୍ଗଲ ମନ୍ତ୍ରାଳୟ ତାଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ପ୍ରଦାନ କରିଛି। ସବୁଜିମାର ସଂରକ୍ଷଣ ଦିଗରେ ସେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଜନ୍ମମାଟି କେନ୍ଦୁଝରର ସର୍ବାଙ୍ଗୀନ ବିକାଶ ନିମନ୍ତେ 'ଏକତା ହିଁ ଶକ୍ତି' ମୂଳମନ୍ତ୍ରକୁ ଆଧାର କରି କେନ୍ଦୁଝର ଡେଭେଲପମେଣ୍ଟ କାଉନ୍‌ସିଲ ଓ ଭଏସ ଅଫ କେନ୍ଦୁଝର ନାମକ ଦୁଇଟି ଅନୁଷ୍ଠାନ ଗଠନ କରି ସେ କାମ କରିଆସୁଛନ୍ତି। ଏହାବ୍ୟତୀତ ଜଣେ ଆଇନଜୀବୀ ହିସାବରେ ଜିଲାର ଅଭାବୀ ଲୋକଙ୍କୁ ମାଗଣା ଆଇନଗତ ସେବା ପ୍ରଦାନ କରିଆସୁଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଉଳା,୨୯।୬(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମଲ୍ଲିପସି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ନାୟକଙ୍କୁ ହଦଗଡ଼ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ହଦଗଡ ନୋଡାଲ ବିଦ୍ୟାଳୟରେ ପ୍ରଦାନ କରାଯାଇଛି। କ୍ଲଷ୍ଟରର ସିଆରସିସି ଲକ୍ଷ୍ମଣ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିତାନାଉ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏବିଇଓ ପ୍ରମୋଦ ନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରଫୁଲ୍ଲ ଜେନା, ହଦଗଡ଼ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତମାଳ ନାଏକ, ସରୋଜିନୀ ପୁହାଣ, ଡୁଲି ହାଁସଦା, ଜୟନ୍ତ ସାହୁ, ଆଲୋକ ସାହୁ, ବୃନ୍ଦାବନ ଡାକୁଆ, ଗଣେଷ ଗଇପାଇ, ବାଗରାଇ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନାୟକଙ୍କୁ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପହାର ପ୍ରଦାନ କରିଥିଲେ। କ୍ଲଷ୍ଟର ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତୁଳସୀ ସାହୁ, ଅନନ୍ତ ନାଏକ, ତୁମ୍ପି ବାନସିଂ, ନରେନ୍ଦ୍ର ହୋ, ବାମନ ନାୟକ, ଆକାଶ ସାହୁ, ତୁଷାରକାନ୍ତ ନାୟକ, ଭଗବାନ ଦାସ ପ୍ରମୁଖ ସହଯୋଗ କରିଥିଲେ।





ଅତିଥି ଓ ସହକର୍ମୀମାନେ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି।

## ଲଗାଣ ବର୍ଷାରେ ଧସିଲା ମାଟିକାନ୍ଥ

ପାଟଣା,୨୯।୬(ବୀର କିଶୋର ଦାଶ):କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜନ ଜୀବନ ବେହାଲ ହୋଇପଡିଛି। ଲଗାଣ ବର୍ଷା ଫଳରେ ରବିବାର ସକାଳୁ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବଡ ନୂଆଗାଁ ଗ୍ରାମର ଆସଲ ବେହେରାଙ୍କ ମାଟି ଘରରର କାନ୍ଥ ଭୁଶୁଡ଼ି ପଡ଼ିଛି। ପରିବାର ଲୋକେ ଘରେ ଥିବା ବେଳେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଆସଲଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି।



# ବାଇପାସ୍ ପାଇଁ ମିଳିତ ସର୍ଭେ

ଚମ୍ପୁଆ,୨୯।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଦିନକୁ ଦିନ ବଢୁଥିବା ଜନସଂଖ୍ୟା, ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଜନ ଗହଳିକୁ ନଜରରେ ରଖି ବାଇପାସ ନିର୍ମାଣ କରିବାକୁ ଦାବି ହୋଇଆସୁଥିଲା। ଏପରିକି ରିମୁଳିରୁ ଚମ୍ପୁଆ ଦେଇ ଝାଡ଼ଖଣ୍ଡ ଯାଇଥିବା ଜାତୀୟ ରାଜପଥ ନମ୍ବର ୨୦ରେ ଭାରିଯାନ ଚଳାଚଳ ଯୋଗୁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଏଡ଼ାଇବା ପାଇଁ ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସଂଗଠନ ପକ୍ଷରୁ ବାଇପାସ ନିର୍ମାଣ ଦବି କରାଯାଇଥିଲା। ଏହାକୁ ଆଖି ଆଗରେ ରଖି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସର୍ଭେ କାମ ଆରମ୍ଭ କରାଯାଇଛି। ବୁଧବାର ଅପରାହ୍ନ ୧ଟା ୩୦ରେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଉପସ୍ଥିତିରେ ଝାଡ଼ଖଣ୍ଡ ରାଜ୍ୟ ସହକାରୀ ଯନ୍ତ୍ରୀ ଦିନେଶ କୁମାର ରାମ, ଯନ୍ତ୍ରୀ ସୁବଧ କୁମାରଙ୍କ ସହିତ ଓଡ଼ିଶା ଜାତୀୟ ରାଜପଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଶନ୍ନ ସେଠୀ, ଯନ୍ତ୍ରୀ ରଜନିକାନ୍ତ ମୁନା, ସହକାରୀ ଯନ୍ତ୍ରୀ ପ୍ରହଲାଦ ମୁଣ୍ଡା ପ୍ରମୁଖ ମିଳିତ ଭାବେ ବାଇପାସ ରାସ୍ତାକୁ ନେଇ ସର୍ଭେ କରିଥିଲେ। ଏଥି ସହିତ କେଉଁଠୁ ଓ କିପରି ଜାତୀୟ ରାଜପଥ କାମ କରାଯାଇପାରିବ ସେ ନେଇ ତଦାରଖ କରିବା ସହ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ୯ ଘର ଭାଙ୍ଗିଲେ, ଚାଉଳ ଖାଇଲେ

ଚମ୍ପୁଆ,୨୯।୬(ମହେଶ୍ୱର ଦାସ)

**କରଞ୍ଜିଆ ପଞ୍ଚାୟତରେ ୩୫ ହାତୀଙ୍କ ଉପଦ୍ରବ**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତ ତଥା ଉଖୁଣ୍ଡା ସେକ୍ସନରେ ୩୫ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ଶନିବାର ରାତିରେ ରାଇଗୁଡି ଓ ଡିପାସାହିରେ ହାତୀପଲ ପଶି ୯ ଜଣଙ୍କ ଘର ଭାଙ୍ଗି ଦେଇଛନ୍ତି। ଏଥିସହ ଘରେ ଥିବା ଧାନ, ଚାଉଳ ଖାଇବା ସହ ନଷ୍ଟ କରିଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ବର୍ତ୍ତମାନ ନିତିଦିନିଆ ଘଟଣା ପାଲଟି ଗଲାଣି। ଚମ୍ପୁଆ ବନାଞ୍ଚଳ ହାତୀପଲଙ୍କ ପାଇଁ ଏକପ୍ରକାର ଆବାସସ୍ଥଳି ପାଲଟିଯାଇଛି। ହାତୀପଲ ଅନେକ ଏକର ଚାଷ ଉଜୁଡି ଥିବା ବେଳେ ସଞ୍ଜ ନଇଁଲେ ଗ୍ରାମରେ ପ୍ରବେଶ କରି ଘର ଭାଙ୍ଗୁଛନ୍ତି। ଶନିବାର ରାତି ୨ଟାରେ ରାଇଗୁଡ଼ି ଅଞ୍ଚଳର ଡିପାସାହିରେ ପ୍ରବେଶ କରି ଦୁର୍ଯ୍ୟୋଧନ ବେହେରା, ଧିରେନ ନାଏକ, ଅନିରୁଦ୍ଧ ନାଏକ, ରାଧିକା ନାଏକ, ଲକ୍ଷ୍ମୀଧର ନାଏକ, ଶ୍ୟାମ ନାଏକ, ଗୁଲଟ ନାଏକ, ଦାଶରଥି ନାଏକ ଆଦିଙ୍କ ଘରକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ସାଙ୍ଗକୁ ହାତୀ ଉପଦ୍ରବ ନେଇ ଗ୍ରାମବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବନବିଭାଗ ହାତୀଘଉଡ଼ାଇବାରେ ଫେଲ ମାରୁଥିବାରୁ ବିଭାଗର ଚିନ୍ତା ବଢ଼ିଯାଇଛି। କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ ସୂଚନା ଦେଇଛନ୍ତି।

# ବିବାଦରୁ ବାଇ ଲ' ସଂଶୋଧନ ହେଉନି

କେନ୍ଦୁଝର,୨୯।୬(ଦୀପକ ମିଶ୍ର)

**ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୬ ମାସରୁ ଊର୍ଦ୍ଧ୍ୱ ହେବ ଶେଷ ହୋଇଛି। ମାତ୍ର ୨ ଗୋଷ୍ଠୀ ମଧ୍ୟରେ ବିବାଦ କାରଣରୁ ବାଇ ଲ' ସଂଶୋଧନ ହୋଇପାରୁନାହିଁ। ଫଳରେ ଟ୍ରକ୍ ମାଲିକଙ୍କ ନିର୍ବାଚନ ଆଶା ଆଶଙ୍କାରେ ରହିଛି।

ପ୍ରକାଶ ଯେ, ସଂଘରେ ସଦସ୍ୟଥିବା ମାଲିକ ୨ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି। ନିର୍ବାଚନ ପାଇଁ କେବଳ ପ୍ରଶାସନର ଦ୍ୱାରସ୍ଥ ହେଉଥିବା ଜଣାଯାଇଛି। ବାଇ ଲ'କୁ ଠିକ୍ ଭାବରେ ତିଆରି କରି ନିର୍ବାଚନ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ସଂଘର ସଦସ୍ୟ ଓ କାର୍ଯ୍ୟକାଳ ସରିଥିବାରୁ ଗଠନ ହୋଇଥିବା କୋର କମିଟି କାହିଁକି ବାଇ ଲ ସଂଶୋଧନ କରି ନିର୍ବାଚନ କରିବାକୁ ପଛଘୁଞ୍ଚା ଦେଉଛି ତାହା ପ୍ରଶାସନକୁ ଆଶ୍ଚର୍ଯ୍ୟ କରିଛି। ଇତି ମଧ୍ୟରେ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ସଂଘ ପକ୍ଷରୁ ନିର୍ବାଚନ ନ ହେବା ପର୍ଯ୍ୟନ୍ତ କୌଣସି ବସ୍‌ରୁ ସଂଘ ପରିଚାଳନା ନିମନ୍ତେ ଷ୍ଟାଣ୍ଡରେ ସଂଘ କର୍ମଚାରୀ ଅର୍ଥ ଆଦାୟ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା କହିଛନ୍ତି, ଚମ୍ପୁଆ ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘର କୌଣସି ବୈଧ ବାଇ ଲ' ନାହିଁ। ନୂତନ ସଦସ୍ୟଙ୍କୁ ଗ୍ରହଣ ବିଷୟରେ କିଛି ନିର୍ଦ୍ଦିଷ୍ଟ ନିୟମ ଉଲ୍ଲେଖ ନାହିଁ। ତଥାପି ଅତିରିକ୍ତ ଜିଲାପାଳ ରବିନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ଓ ମାଲିକ ସଂଘର ୨ ଗୋଷ୍ଠୀର ଲିଖିତ ଅଭିଯୋଗକୁ ଭିତ୍ତି କରି ଆଲୋଚନା ପାଇଁ ସେ ଡାକିଥିଲେ। ସଂଘର ବାଇ ଲ'କୁ ଠିକ ଭାବରେ ସଂଶୋଧନ କରି ବିବାଦୀୟ ପ୍ରସଙ୍ଗ ଉପରେ ଉଭୟ ଗୋଷ୍ଠୀର ସହମତିରେ ମନ୍ତବ୍ୟ ଉଲ୍ଲେଖ କରିବାକୁ ଉପଦେଶ ଦେଇଥିଲେ। କିନ୍ତୁ ଉଭୟ ପକ୍ଷ ୨ମାସ ପରେ ମଧ୍ୟ ବାଇ ଲ ସଂଶୋଧନ ନ କରି ନିଜ ନିଜର ନିଷ୍ପତ୍ତିକୁ ବାଇ ଲ'ରେ ଉଲ୍ଲେଖ ପାଇଁ ଜିଦି କରୁଛନ୍ତି। ଫଳରେ ବର୍ତ୍ତମାନ ସୁଦ୍ଧା ସଂଶୋଧନ ହୋଇ ନ ପାରିବା କ୍ଷୋଭର ବିଷୟ ବୋଲି ଉପ ଜିଲାପାଳ ପ୍ରକାଶ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୋସାଇଟି ଆକ୍ଟରେ ପଞ୍ଜିକରଣ ହୋଇଥିବା ସଂସ୍ଥାର ନିର୍ବାଚନ ପାଇଁ ପ୍ରଶାସନ କାହିଁକି ଗୁରୁତ୍ୱ ଦେବ। ଏହା ବ୍ୟତୀତ ଉଭୟ ପକ୍ଷ କୌଣସି ନିର୍ଦ୍ଦେଶକୁ ଗ୍ରହଣ କରିବାକୁ ନାରାଜ ଥିବା ବେଳେ ଏହା ଶିର ନାସ୍ତି ଶିର ପୀଡ଼ା ବୋଲି ଉପ ଜିଲାପାଳ ପ୍ରକାଶ କରିଛନ୍ତି। ତଥାପି ଅତିରିକ୍ତ ଜିଲାପାଳଙ୍କ ସହ ପରାମର୍ଶ କରି ନିର୍ବାଚନ ପାଇଁ ସକାରାତ୍ମକ ନିର୍ଦ୍ଦେଶ ଜାରି କରିବେ ବୋଲି କହିଥିଲେ।

# ଲଗାଣ ବର୍ଷା: କାନପୁର ପ୍ରକଳ୍ପ କାମ ବାଧାପ୍ରାପ୍ତ

ଯୋଡ଼ା,୨୯।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଞ୍ଚଳ ବୈତରଣୀରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଜଳ ଭଣ୍ଡାରର ନିର୍ମାଣ ଲଗାଣ ବର୍ଷାରେ ବାଧାପ୍ରାପ୍ତ ହୋଇଛି। କେନାଲ କାର୍ଯ୍ୟରେ ନିୟୋଜିତ ଏକ ମେଶିନ ବୁଡ଼ିଯାଇଥିବା ଜଣାପଡ଼ିଛି। ଏ ନେଇ କାନପୁର ଡ୍ୟାମ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବନ୍ୟା ଜଳ ନିଷ୍କାସନ ପାଇଁ ଏକ ଜରୁରିକାଳୀନ କେନାଲ ରହିଛି। କେନାଲ ଦେଇ ବନ୍ୟାଜଳ ପଶିବା ପରେ ବଳକା ଜଳକୁ ନିଷ୍କାସନ କରାଯାଉଛି। କେନାଲ କାର୍ଯ୍ୟ କରୁଥିବା ଠିକାସଂସ୍ଥାକୁ କର୍ତ୍ତୃପକ୍ଷ ଜଳ ନିଷ୍କାସନ କରାଯିବା ନେଇ ନୋଟିସ କରିଥିଲେ। ମାତ୍ର ସଂସ୍ଥା ଏସ୍କାଭେଟର ମେଶିନକୁ ଅନ୍ୟତ୍ର ସ୍ଥାନାନ୍ତର ନ କରି କେନାଲ ମଧ୍ୟରେ ଛାଡ଼ି ଦେଇଥିଲେ। ବାଂଶପାଳ, ଉପର ମୁଣ୍ଡରେ ୧୦୦ ମିଲି ମିଟର ବୃଷ୍ଟିପାତ ଫଳରେ କାନପୁର ଜଳ ଭଣ୍ଡାରରେ ଅଧିକ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଲା। ଏହାକୁ ଦୃଷ୍ଟିରେ ରଖି ବନ୍ୟାଜଳକୁ ଜରୁରିକାଳୀନ କେନାଲ ଦେଇ ଛାଡ଼ି ଦିଆଯାଇଥିଲା। ଫଳରେ ସଂସ୍ଥାର ଏକାଧିକ ମେଶିନ କେନାଲ ସ୍ରୋତରେ ଅଟକି ରହିଥିବା ଜଣାପଡ଼ିଛି। କେନାଲ ଜଳ ଏସ୍କାଭେଟର ମେଶିନକୁ ବୁଡ଼ାଇ ଦେଇଥିଲା। ବର୍ତ୍ତମାନ ଅତ୍ୟଧିକ ବୃଷ୍ଟିପାତ ଫଳରେ ଡ୍ୟାମରେ ୪୨୬.୬ମିଟର ଜଳ ରହିଛି। ଏତଦ୍ ବ୍ୟତୀତ ଅତ୍ୟଧିକ ବୃଷ୍ଟିପାତ ପାଇଁ କେନ୍ଦୁଝର ଜିଲାକୁ ଅରେଞ୍ଜ ସତର୍କ ସୂଚନା ଥିବାରୁ କେନାଲ ଦେଇ ଆଗକୁ ଆହୁରି ବନ୍ୟାଜଳ ନିଷ୍କାସନ କରାଯାଇପାରେ। ଲଗାଣ ବର୍ଷା ଯୋଗୁ ବନ୍ଧର ଗୁରୁତ୍ୱପୂର୍ଣ୍ଣ ଡିପ୍ଲିସନ ସ୍ଲୁଇସ ନିର୍ମାଣରେ ମଧ୍ୟ ଅହେତୁକ ବିଳମ୍ବ ହେଉଛି। ତେଣେ ଜଳ ଭଣ୍ଡାରକୁ ବୈତରଣୀ ଓ ସୁନା ନଦୀରେ ଅଧିକ ବନ୍ୟା ଜଳ ଆସିବାରୁ ଶ୍ରମିକ ଓ ମେଶିନ ନିୟୋଜିତ କରାଯାଉନାହିଁ।



## ବୁଡ଼ିଲା ଏସ୍କାଭେଟର ମେଶିନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ତରଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବିଶ୍ୱ ସୋସିଆଲ ମିଡିଆ ଦିବସ

**ଭୁବନେଶ୍ୱର,୨୯।୬(ବନ୍ଦନା ସେଠୀ)**

ସୋସିଆଲ ମିଡିଆ ଏବେ ପ୍ରାୟ ସମସ୍ତଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲାଣି। କୌଣସି ଘଟଣା ହେଉ ଅବା ନିଜ ଜୀବନର ସ୍ମରଣୀୟ ମୁହୂର୍ତ୍ତ, ସବୁକିଛିକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶେୟାର କରିବା ଆଜିକାଲି ଏକ ଟ୍ରେଣ୍ଡ୍ ହୋଇଗଲାଣି। କେବଳ ମନୋରଞ୍ଜନ ନୁହେଁ, ଅନେକ ସମୟରେ ସୋସିଆଲ ମିଡିଆ ବହୁ ଘଟଣାକୁ ଲୋକଲୋଚନକୁ ଆଣିବାରେ ମଧ୍ୟ ସହାୟକ ହେଉଛି। ତେଣୁ ପିଲାଙ୍କଠାରୁ ବଡ଼ ଯାଏ ସମସ୍ତେ ଏବେ ସୋସିଆଲ ମିଡିଆ ମାୟାରେ ବାୟା। ପ୍ରତିବର୍ଷ ଜୁନ୍ ୩୦କୁ ବିଶ୍ୱ ସୋସିଆଲ ମିଡିଆ ଦିବସ ଭାବେ ପାଳନ କରାଯାଉଛି। ପ୍ରଥମେ ୨୦୧୦ ଜୁନ୍ ୩୦ରେ ଏହି ଦିବସ ପାଳନ କରାଯାଇଥିଲା। ଏହା ପୂର୍ବରୁ ବହୁତ କମ୍




ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଥିଲେ। ତେଣୁ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ତଥା ଗ୍ଲୋବାଲ କମ୍ୟୁନିକେଶନରେ ଏହାର ରୋଲ୍‌କୁ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଦୁନିଆର ୫୮%ରୁ ଅଧିକ ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ସେହିପରି ୨୦୨୦ରୁ ୨୦୨୨ ମଧ୍ୟରେ ସୋସିଆଲ ମିଡିଆରେ ୪୨କୋଟି ୪୦ଲକ୍ଷ ନୂଆ ୟୁଜର୍ସ ଯୋଡ଼ିହୋଇଛନ୍ତି। ତେବେ ଭାରତର ୪୭% (୪୬କୋଟି)ରୁ ଊର୍ଦ୍ଧ୍ୱ ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଥିବା ଜଣାପଡ଼ିଛି।

୧୯୯୭ରେ ଦୁନିଆର ପ୍ରଥମ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲଞ୍ଚ ହୋଇଥିବା ନେଇ ସୂଚନା ରହିଛି। ଏହାର ନାମ ସିକ୍ସଡିଗ୍ରୀ ରହିଥିଲା ଏବଂ ଏହି ପ୍ଲାଟ୍‌ଫର୍ମକୁ ଏଣ୍ଡ୍ରୁ ୱେନ୍‌ରିଚ୍ ତିଆରି କରିଥିଲେ। ୨୦୦୧ ବେଳକୁ ଏଥିରେ ୧୦ଲକ୍ଷରୁ ଅଧିକ ୟୁଜର୍ସ ଯୋଡ଼ିହୋଇଥିଲେ। ତେବେ ଏହାପରେ କୌଣସି କାରଣରୁ ଉକ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବନ୍ଦ ହୋଇଯାଇଥିଲା।

# ଅନୁପ୍ରବେଶକାରୀଙ୍କ ଚିହ୍ନଟରେ ବ୍ୟସ୍ତ ଜିଲା ପ୍ରଶାସନ

- ସନ୍ଦେହରେ ଥିବା ବ୍ୟକ୍ତିଙ୍କ କାଗଜପତ୍ର ହେଉଛି ଯାଞ୍ଚ
- ଜିଲାରେ ଅନ୍ୟୁନ ୨୦ ହଜାରରୁ ଊର୍ଦ୍ଧ୍ୱ ଅନୁପ୍ରବେଶକାରୀ
- ଏସ୍‌ଓପି ସମ୍ପର୍କରେ ମୁହଁ ଖୋଲୁନାହାନ୍ତି ଜିଲା ଅଧିକାରୀ

**କେନ୍ଦ୍ରାପଡ଼ା,୨୯।୬(ଜଗନ୍ନାଥ ଧଳ)**

୨୦୦୪ ମସିହା ପରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏବେ ତନାଘନା ଆରମ୍ଭ ହୋଇଛି। ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରାଯିବା ବୟାନ ପରେ ଏହି ଯାଞ୍ଚକୁ ତ୍ୱରାନ୍ୱିତ କରାଯାଇଥିବା ସୂଚନା ମିଳିଛି। ତେବେ ଏହା ଏତେ ଗୁପ୍ତ ଭାବେ ଚାଲିଛି ଯେ ସମ୍ୟକ ଧାରଣା ଦେବାକୁ ଜିଲା ପ୍ରଶାସନ ଉଚିତ ମଣିନାହାନ୍ତି। ଏହାସତ୍ତ୍ୱେ ଉପାନ୍ତ ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଗତ ସପ୍ତାହ ମଧ୍ୟରେ ରାଜନଗର ସମେତ ବିଭିନ୍ନ ସ୍ଥାନରୁ ୫୧ ବ୍ୟକ୍ତିଙ୍କୁ ଥାନାକୁ ଡକାଇ କାଗଜପତ୍ର ଯାଞ୍ଚ ହେଉଛି। ଏହି ଯାଞ୍ଚର ଏସ୍‌ଓପି ଏବେ ସୁଦ୍ଧା ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିନାହିଁ। ଜିଲା ପୋଲିସର ଏହି ଯାଞ୍ଚ ପ୍ରକ୍ରିୟା ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଅନୁପ୍ରବେଶକାରୀଙ୍କ ପାଇଁ ଭୟ ସୃଷ୍ଟି କରିଥିବା ଚାପା ଗୁଞ୍ଜରଣ ଦେଖିବାକୁ ମିଳୁଛି।

ବଙ୍ଗ ଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧୨୩୭ ଜଣଙ୍କୁ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନା ସମୟରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ରହିଥିବା ସରକାରୀ ତଥ୍ୟରୁ ସୂଚନା ମିଳୁଛି। ଅନୁପ୍ରବେଶକୁ ନେଇ ୨୦୦୪ ମସିହାରେ କେନ୍ଦ୍ରାପଡ଼ା ଜିଲାରେ ଯାଞ୍ଚ ହୋଇଥିଲା। ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀଙ୍କୁ ଏହି ସମୟରେ ଜିଲା ପ୍ରଶାସନ ଚିହ୍ନଟ କରିଥିଲେ। ଏଥିମଧ୍ୟରୁ ମହାକାଳପଡ଼ାରେ ୧୫୫୧ ଜଣଙ୍କୁ ବାଂଲାଦେଶୀ ଅନୁପ୍ରବେଶକାରୀ ବୋଲି ଚିହ୍ନଟ କରି ୨୦୦୫ ମସିହାରେ ଦେଶାନ୍ତର ନୋଟିସ ଦିଆଯାଇଥିଲା। ଅବଶିଷ୍ଟ ଚିହ୍ନଟ ବ୍ୟକ୍ତି ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ହୋଇଥିବା ବେଳେ ନୋଟିସ ମିଳି ନ ଥିଲା। ତେବେ ମହାକାଳପଡ଼ାର ଚିହ୍ନଟ ବ୍ୟକ୍ତି କୋର୍ଟରେ ମାମଲା କରିବାରୁ ଅଦ୍ୟାବଧି ଜିଲାରେ ଅଛନ୍ତି। ଅପରପକ୍ଷରେ ୨୦୧୪ ମସିହା ପୂର୍ବରୁ ଭାରତକୁ ଆସିଥିବା ହିନ୍ଦୁଙ୍କୁ ଏଠାରେ ଶରଣ ମିଳିବ ବୋଲି କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଜିଲାରେ ଥିବା ଅନୁପ୍ରବେଶକାରୀ ଏହାକୁ ଏବେ ଅସ୍ତ୍ର କରି ଭାରତୀୟ ବୋଲି ପ୍ରମାଣ କରିବାରେ ଲାଗିପଡିଛନ୍ତି। ଏହାସତ୍ତ୍ୱେ ଜିଲା ପ୍ରଶାସନର ଯାଞ୍ଚ ପ୍ରକ୍ରିୟାରେ କେଉଁ ପ୍ରକାର ଏସ୍‌ଓପି କାର୍ଯ୍ୟକାରୀ ହେଉଛି ଜଣା ନ ଥିବାରୁ ଅନୁପ୍ରବେଶକାରୀଙ୍କ ମନରେ ଛନକା ପଶିଛି। ଗତ ୩ ଦଶନ୍ଧି ଧରି ଅନୁପ୍ରବେଶକାରୀ ନିଜର ଭାରତୀୟ ପ୍ରମାଣପତ୍ର ପାଇଁ ସ୍ଥାନୀୟ ସ୍କୁଲରୁ ପଢ଼ିଥିବା ନକଲି ସାର୍ଟିଫିକେଟ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରୁଛନ୍ତି। ଭୋଟର କାର୍ଡ, ରାଶନ କାର୍ଡଠାରୁ ଆରମ୍ଭ କରି ସରକାରୀ ଯୋଜନା ଓ ଚାକିରିରେ ସାମିଲ ହୋଇଛନ୍ତି। ଭୋଟର କାର୍ଡ, ଆଧାର କାର୍ଡ ଓ ରାଶନ କାର୍ଡ ବାଦ୍ ଦେଇ ୧୯୫୪ ମସିହାର ପ୍ରଜାସ୍ୱତ୍ୱ, ୧୯୭୪ ମସିହାର ଭୋଟର କାର୍ଡକୁ ଗୁରୁତ୍ୱ ଦେବାକୁ ଏହି ଜିଲାର ବୁଦ୍ଧିଜୀବୀମାନେ ସାମାଜିକ ଗଣମାଧ୍ୟମରେ ମତ ରଖୁଛନ୍ତି। ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କ ଭାବେ ଗ୍ରହଣ ନ କରି ପ୍ରକୃତ ଯାଞ୍ଚ ହେଲେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିହେବ ଓ ଦେଶ ସୁରକ୍ଷାରେ ଏକ ବଡ଼ ପଦକ୍ଷେପ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ, ଜଣେ ଗୁରୁତର



ବର୍ଷାରେ ଭୁଶୁଡ଼ି ପଡ଼ିଥିବା କାନ୍ଥ।

**ମୋରଡ଼ା,୨୯।୬(ସ୍ମାରକ ମାଜୀ)**

ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତା ହେଲେ ଗ୍ରାମର ଇନ୍ଦ ମାର୍ଣ୍ଡି(୬୫)। ସୂଚନା ଅନୁଯାୟୀ, ଶନିବାର ରାତିତମାମ ଲଗାଣ ବର୍ଷା ହେବାରୁ ମୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପାଣିଘେରରେ ରହିଛି। ରାତି ପ୍ରାୟ ୯ଟା ବେଳେ ଇନ୍ଦ ଶୋଇଥିବା ବେଳେ ଘର ପଛକୁ ଲାଗି ରହିଥିବା ଏକ କଚ୍ଚାଘରର କାନ୍ଥ ତାଙ୍କ କୋଠରିର କାନ୍ଥ ଉପରେ ପଡ଼ିଥିଲା। ଫଳରେ ଉକ୍ତ ଘରର କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୮ଟାରେ ତାଙ୍କ ମୃତ୍ୟୁ ଘଟିଛି। ସେହିପରି ଇନ୍ଦଙ୍କ ପାଖରେ ଶୋଇଥିବା ସମ୍ପର୍କୀୟା ଭାଉଜ ପାନ ଟୁଡୁ ଗୁରୁତର ହୋଇ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

# ୧ରୁ ବନ୍ଦ ରହିବ ଶିମିଳିପାଳ

**ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଜୁଲାଇ ୧ରୁ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟର ଚିଠି ନଂ. ୧୨୩/ ୨୯ ଜୁନ୍ ୨୦୨୫ ଅନୁଯାୟୀ ନୋଟିସ୍ ପ୍ରକାଶିତ ହୋଇଛି। ଶିମିଳିପାଳ ଖୋଲିବା ନେଇ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ପରିବେଶ ପର୍ଯ୍ୟଟନ ଜନିତ ଜାମୁଆଣୀ, ଗୁଡୁଗୁଡିଆ, କୁମାରୀ, ବରେହିପାଣି ଏବଂ ରାମତୀର୍ଥ ଇକୋ ଟୁରିଜିମ୍ ପରିଦର୍ଶକଙ୍କ ପାଇଁ ଖୋଲାରହିବ। ସାଧାରଣତଃ ପ୍ରତିବର୍ଷ ବର୍ଷାଋତୁରେ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ ନିଷେଧ କରାଯାଇଥାଏ। ବର୍ଷାଋତୁରେ ଶିମିଳିପାଳ ଅଭୟାରଣ୍ୟର ରାସ୍ତାଗୁଡ଼ିକ ଧୋଇଯାଇ ବିପଦସଙ୍କୁଳ ହୋଇପଡ଼ିଥାଏ। ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବର୍ଷାଦିନେ ସାମୟିକ ଭାବେ ପ୍ରବେଶ ବନ୍ଦ ରହିଥାଏ। ଏହି ସମୟ ମଧ୍ୟରେ ରାସ୍ତା ଓ ବିଭିନ୍ନ ଭିତ୍ତିଭୂମିର ମରାମତି କରାଯାଏ। ୨୦୨୪-୨୫ ବର୍ଷରେ ରାଜ୍ୟରୁ ୨୬ ହଜାର ୮୩, ରାଜ୍ୟ ବାହାରୁ ୧୨,୩୮୮ ଓ ୧୨ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ମୋଟ ୩୮,୪୮୩ ପର୍ଯ୍ୟଟକ ଶିମିଳିପାଳକୁ ବୁଲିବାକୁ ଆସିଛନ୍ତି। ଏହି କ୍ରମରେ ବରେହିପାଣି, ଗୁଡୁଗୁଡିଆ, କୁମାରୀ, ଜାମୁଆଣୀ ଓ ରାମତୀର୍ଥ ଇକୋ ଟୁରିଜିମ୍‌ରୁ ମୋଟ ୨୭୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସେହିପରି ଜଙ୍ଗଲ ସଫାରୀ ମାଧ୍ୟମରେ ମୋଟ ୧୨୨ଲକ୍ଷ ୧୫ହଜାର ଓ ପ୍ରବେଶ ଫି ବାବଦରେ ୨୯ଲକ୍ଷ ୪୮ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସୂଚନା ମିଳିଛି।


## ଜନ୍ମଦିନ ଶୁଭେଚ୍ଛା



ତରଣୀ ସେନ୍ ସାହୁ
ସାହାପୁର, ଗେଡ଼ମା, କେନ୍ଦୁଝର

ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ । ସେ ତୁମକୁ ସୁସ୍ଥ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ । ଶୁଭେଚ୍ଛା ସହ: ବାପା, ମା', ଜେଜେମା', ଜେଜେବାପା, ଅଜା, ଆଈ, ମାମୁ, ମାଇଁ, ଅନୁଭା, ଉଜ୍ଜ୍ୱଳ, ହର୍ଷିତା, ଅଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି, ଅଂଶୁ, ଅନ୍‌ଭିକା ଓ ସମସ୍ତ ପରିବାରବର୍ଗ

ଧ-୧୧୦୨


# ଫିଡ୍‌ବ୍ୟାକ୍ ନିଆଯାଇ ବ୍ୟବସ୍ଥା କରାଯିବ: ଜିଲାପାଳ

**ପୁରୀ,୨୯।୬(ଅଜିତ୍ କୁମାର ମହାନ୍ତି)**

ପୁରୀ ଦଳାଚକଟା ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂତନ ଜିଲାପାଳ ଭାବେ ଚଞ୍ଚଳ ରାଣା ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଣା କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛାକ୍ରମେ ପୁରୀ ଜିଲାପାଳ ଭାବେ କାର୍ଯ୍ୟ କରିବାକୁ ଆସିଛି। ରଥଯାତ୍ରା ହେଉଛି କୋଟି କୋଟି ଶ୍ରଦ୍ଧାଳୁଙ୍କ ବଡ଼ପର୍ବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ସମସ୍ତଙ୍କ ସହଯୋଗରେ ତଥା ଭକ୍ତିଭାବ ମଧ୍ୟରେ ରଥଯାତ୍ରା ଭଲରେ ସମ୍ପନ୍ନ ହେବ। ଯାହାସବୁ ପଦକ୍ଷେପ ଗ୍ରହଣ କରାଯିବା କଥା ତାହା କରାଯିବ। କ'ଣ ସବୁ କରାଯାଇପାରିବ ସେ ସଂକ୍ରାନ୍ତରେ ଫିଡ୍‌ବ୍ୟାକ୍ ନିଆଯିବ। ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ବୋଲି ରାଣା ପ୍ରକାଶ କରିଛନ୍ତି।

# ଶୃଙ୍ଖଳିତ ନୀତି, ଭକ୍ତଙ୍କ ସୁରକ୍ଷାକୁ ପ୍ରାଥମିକତା: ଏସ୍‌ପି

**ପୁରୀ,୨୯।୬(ଅଜିତ୍ କୁମାର ମହାନ୍ତି)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୁରୀର ନୂତନ ଏସ୍‌ପି ଭାବେ ପିନାକ ମିଶ୍ର ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଏସ୍‌ପି ମିଶ୍ର କହିଛନ୍ତି, ସମସ୍ତଙ୍କଠାରୁ ସହଯୋଗ କାମନା କରୁଛି। ଏହି ଯାତ୍ରା ହେଉଛି ଆମ ମହାପ୍ରଭୁଙ୍କ ଯାତ୍ରା। ଆଗାମୀ ଦିନରେ ଯେପରି ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ହୋଇ ଶୃଙ୍ଖଳିତ ଭାବେ ସମ୍ପାଦିତ ହେବ, ସେଥିପାଇଁ ମହାପ୍ରଭୁ ଆମକୁ ଶକ୍ତି ଦିଅନ୍ତୁ। ମହାପ୍ରଭୁଙ୍କ ଯାତ୍ରାକୁ ନେଇ ଯେଉଁ କାର୍ଯ୍ୟକ୍ରମ ସବୁ ହେଉଛି, ସେ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ଭଲରେ ହେବ। ଭକ୍ତଙ୍କୁ ଅନୁରୋଧ, ସମସ୍ତେ ମହାପ୍ରଭୁଙ୍କ ଦର୍ଶନ ପାଇବେ, କିନ୍ତୁ ସେଥିପାଇଁ ଧୈର୍ଯ୍ୟ ଧରିବାକୁ ପଡ଼ିବ। ଭକ୍ତମାନେ ସହଯୋଗ କରନ୍ତୁ। ମୋର ପୂର୍ବ ଅଭିଜ୍ଞତାକୁ ପାଥେୟ କରି ଆବଶ୍ୟକ ପଦକ୍ଷେପ ନେବାକୁ ଚେଷ୍ଟା କରିବି। ଭକ୍ତଙ୍କ ସୁରକ୍ଷା ସମେତ ଆଗାମୀ ଦିନରେ ଯାହାସବୁ ନୀତି ରହିଛି, ସେଗୁଡ଼ିକ ଯେପରି ଭଲରେ ସମ୍ପାଦନ ହେବ ତାହା ଉପରେ ପ୍ରାଥମିକତା ରହିଛି ବୋଲି ମିଶ୍ର କହିଛନ୍ତି।


## ନିରୁଦ୍ଦିଷ୍ଟ




ନାମ: ସୂର୍ଯ୍ୟପ୍ରଭା ବେହେରା (ଟୁକୁଲି), ୩୩ବର୍ଷ, ପିତା: ହରିହର ବେହେରା, ଗତ ୧୯ ତାରିଖରୁ କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି 'ଟୁକୁଲି'ର ସନ୍ଧାନ ପାଆନ୍ତି। ମୋ- 9938834178ରେ ସମ୍ପର୍କ କରିବାକୁ ଅନୁରୋଧ।
ସ୍ୱା- ହରିହର ବେହେରା, ସାକ୍ଷୀଗୋପାଳ

ଧ-୬୬୬୯୦


# ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ

## ଜଳିଗଲା ୨୦ ଲକ୍ଷ ଟଙ୍କାର ସାମଗ୍ରୀ



ଜଳିଯାଇଥିବା ଦୋକାନ ସାମଗ୍ରୀ।

**ଭଦ୍ରକ,୨୯।୬(ସନାତନ ରାଉତ)**

ଭଦ୍ରକ ବାଇପାସ୍ ରାସ୍ତାପାର୍ଶ୍ୱରେ ଥିବା ଆର୍‌ଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ମାର୍କେଟ କମ୍ପ୍ଲେକ୍ସରେ ରବିବାର ସକାଳେ ଏକ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସାମଗ୍ରୀ ଜଳିଯାଇଛି। ସୂଚନା ଅନୁଯାୟୀ, ସକାଳୁ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅଧିକାଂଶ ଦୋକାନ ବନ୍ଦ ରହିଥିଲା। ୮ଟା ବେଳେ ଏକ ଦୋକାନ ଗୃହ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନୀ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦୋକାନ ମାଲିକ ପୁରୁଣାବଜାର ଥାନା ଅଧୀନ ଇଶାପୁରର ଅସରଫ୍ ଅଲ୍ଲୀ ଖାନ୍ ପହଞ୍ଚି ଶଟର ଖୋଲିଥିଲେ। ଦୋକାନରେ ଥିବା ପ୍ଲାଷ୍ଟିକ ଚେୟାର ସମେତ ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।

ପୂର୍ବରୁ କିଛିମାସ ତଳେ ସେହି ଦୋକାନରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ଆର୍‌ଏମ୍‌ସି କିମ୍ବା ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିଲା। କିପରି ନିଆଁ ଲାଗିଲା ସେ ବିଷୟରେ ମଧ୍ୟ ଆର୍‌ଏମ୍‌ସି କର୍ତ୍ତୃପକ୍ଷ କହିପାରି ନ ଥିଲେ। ଏବେ ପୁଣିଥରେ ନିଆଁ ଲାଗି ବହୁ ସାମଗ୍ରୀ ଜଳିଯାଇଛି। କେମିତି ଦୋକାନ କରିବେ ଏବଂ ଭଡ଼ା ଦେବେ ସେନେଇ ଚିନ୍ତା ପ୍ରକଟ କରିଛନ୍ତି ଅସରଫ୍। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ଜଳିଗଲା ଟ୍ରାକ୍ଟର ବୋଝେଇ ଟ୍ରେଲର



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଟ୍ରେଲର

**ବରଗଡ଼,୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାରେ ୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଏକ ଅଗ୍ନିକାଣ୍ଡ ଘଟିଛି। ନୂଆ ଟ୍ରାକ୍ଟର ବୋଝେଇ ଏକ ଟ୍ରେଲର ଆକସ୍ମିକ ଭାବେ ଜଳିଯାଇଛି। ଫଳରେ ଟ୍ରେଲର ସମ୍ମୁଖ ଭାଗ ସହିତ ସେଥିରେ ବୋଝେଇ ହୋଇଥିବା କିଛି ଟ୍ରାକ୍ଟର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିଭଳି ପରିସ୍ଥିତିରେ ଏହି ଅଗ୍ନିକାଣ୍ଡ ଘଟିଲା, ଜଣାପଡ଼ିନାହିଁ। ଘଟଣା ସମୟରେ ଡ୍ରାଇଭର ଜଣକ ଗାଡ଼ିକୁ ରାସ୍ତାକଡ଼ରେ ରଖି ଚା ପିଇବାକୁ ଯାଇଥିଲେ। ଫଳରେ ଏଥିରୁ ତାଙ୍କ ଜୀବନ ରକ୍ଷା ହୋଇଯାଇଛି। ଅଗ୍ନିଶମ ବିଭାଗ ଏହାର ତଦନ୍ତ ଚଳାଇଛି।


# Classified Everyday


0674-2580101, 9692975378



REAL ESTATE
SALE

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




2BHK, Ground Floor, Vertified Tile Floring at Madhusudan Nagar, Kalinga Stadium, NICCO-Park Lane, Bhubaneswar-751012. Car Parking, Garage available. Contact No. 8270887551, 9090606433. D-74731

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

## AFFIDAVIT

By virtue of an affidavit sworn before Executive Magistrate, Ranpurgada, dated-25.06.2025. I, Suresh Kumar Mohanty, At- Sanagada, P.O./P.S.- Ranpur, Dist.- Nayagada, PIN- 752026, declare that I have changed the name of my daughter from Abhilisa Mahanty to Abhilipsa Mohanty. Henceforth, she shall be known as Abhilipsa Mohanty for all purposes. D-1105

By virtue of affidavit sworn before Notary Public, Puri Afd No.- 33/26.06.2025 Nibedita Satapathy, D/o- Dasharathi Satapathy, Bhagabanpur, Brahmagiri, Puri. I have declare that my father's name Dasharathi Satapathy and Dasarathi Satapathy is one and same person. D-1107

By the virtue of an sworn before the Notary Public, Cuttack dated 13.09.2024, I Smt Kamani Kerai wife of Narasingh Kerai At- Kochilanuagan P.O.- Badasamantarapur, P.S.- Choudwar, Dist.- Cuttack. I have changed my name Kamini Kerai to Kamani Kerai. Henceforth, I shall known as Kamani Kerai for all purposes.
Kamani Kerai
D-1106

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି


### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନିର୍ମଳ ଚନ୍ଦ୍ର ରଥ
ଆବିର୍ଭାବ: ୨୨।୦୬।୧୯୫୨
ତିରୋଧାନ: ୧୯।୦୬।୨୦୨୫
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୧୦୪

### ଶ୍ରଦ୍ଧାଞ୍ଜଳି



୰ବାନାମ୍ବର ସେଠୀ
ଝାରଡା ରାଧାକୃଷ୍ଣପୁର, କଣାସ, ପୁରୀ
ତିରୋଧାନ - ୦୯.୦୬.୨୦୦୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ଚିର ପାଥେୟ ହୋଇ ରହିବ । ଆପଣଙ୍କ ପଞ୍ଚଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ-କନକଲତା ସେଠୀ
ପୁଅ, ବୋହୂ, ନାତିନାତୁଣୀ ଓ ପରିବାରବର୍ଗ

ଧ-୧୧୦୩


# ଘେରାଉ ପ୍ରସ୍ତାବ ନାହିଁ: ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘ

**କଟକ,୨୯।୬(କାର୍ତ୍ତିକ ସାହୁ)**

ଜୁଲାଇ ୧ରେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଟ୍ରକ ମାଲିକ ମହାସଂଘ ତରଫରୁ କୌଣସି ଘେରାଉ ପ୍ରସ୍ତାବ ନାହିଁ ବୋଲି ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ଜଣାଇଛନ୍ତି ଯେ, ମହାସଂଘର ନାମକୁ ବ୍ୟବହାର କରି କେତେଜଣ ବ୍ୟକ୍ତି ଆସନ୍ତା ଜୁଲାଇ ୧ରେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଘେରାଉ କରିବାକୁ ଘୋଷଣା କରିଛନ୍ତି। ଏହା ମିଥ୍ୟା ଓ କପୋଳକଳ୍ପିତ। ମହାସଂଘର ଦାବି ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପରିବହନ କମିଶନର ମହାସଂଘ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଦାବି ସମାଧାନ ନିମନ୍ତେ ସରକାରଙ୍କୁ ଅନୁମୋଦନ ପାଇଁ ପଠାଇଛନ୍ତି। ଟ୍ରକ ଭଡ଼ା ଧାର୍ଯ୍ୟ, ଟୋଲ ଟିକସ ପରିବହନ କମ୍ପାନୀଙ୍କଠାରୁ ଆଦାୟ ବନ୍ଦ, ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକର ବେଆଇନ ଗାଡ଼ି ଜବତ ବନ୍ଦ, ପୋଲିସ ଜୁଲମ ବନ୍ଦ, ଡିଜେଲ ଉପରୁ ଟିକସ ହ୍ରାସ କରିବା ଓ ଖଣିଜ ପଦାର୍ଥ ପରିବହନ ନିମନ୍ତେ ସଡ଼କ ପରିବହନ ପାଇଁ ଏକ କୋଟା ନିର୍ଦ୍ଧାରଣ କରିବା ଆଦି ଦାବି ରହିଛି।

# ଆକ୍ସିଅମ ଅଭିଯାନ ୪ ଓ ଭାରତ



ନିକୁଞ୍ଜ ବିହାରୀ ସାହୁ

"ଆକ୍ସିଅମ ୪ ଅଭିଯାନ ଭାରତର ମହତ୍ତ୍ୱାକାଂକ୍ଷୀ ଗଗନଯାନ କାର୍ଯ୍ୟକ୍ରମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ରୂପେ ସାବ୍ୟସ୍ତ ହେବ। ଏହି ଅଭିଯାନ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ର ପରିବେଶ ମଧରେ କାର୍ଯ୍ୟ କରିବାର ଅନୁଭୂତି, ମାଧାକର୍ଷଣ ରହିତ ପରିସ୍ଥିତି ସହିତ ଖାପ ଖୁଆଇ ଜୀବନ ବଞ୍ଚିବାର ଶୈଳୀ, ମାଧାକର୍ଷଣ ରହିତ ପରିସ୍ଥିତିରେ ଜଟିଳ ବୈଜ୍ଞାନିକ ପରୀକ୍ଷଣ ସମ୍ପାଦନ ନିମନ୍ତେ ଦକ୍ଷତା ହାସଲ ଏବଂ ଅନ୍ତର୍ଜାତୀୟ ମହାକାଶ ନୀତିନିୟମ ମଧରେ କାର୍ଯ୍ୟ କରିବାରେ ବହୁମୂଲ୍ୟ ଅଭିଜ୍ଞତା ପ୍ରଦାନ କରିବ।"

ଚଳିତ ବର୍ଷ ଜୁନ୍ ୨୫ ତାରିଖ: ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସାର କେନେଡି ଅନ୍ତରୀକ୍ଷ କେନ୍ଦ୍ରର କଣ୍ଟ୍ରୋଲ ରୁମ୍‌ରେ ବିଳମ୍ବିତ ରାତ୍ରିର ଏକ ଭାରାକ୍ରାନ୍ତ ଓ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। ବୈଜ୍ଞାନିକମାନେ ଆକ୍ସିଅମ ମିଶନ ୪ର ଉତ୍‌କ୍ଷେପଣ ପାଇଁ ଉତ୍ସାହର ସହିତ ପ୍ରତୀକ୍ଷା କରିଥାନ୍ତି। ଇତିମଧ୍ୟରେ ରକେଟ ପ୍ରସ୍ତୁତିରେ ବିଳମ୍ବ, ପାଣିପାଗର ସ୍ଥିତି, ରକେଟରେ ତରଳ ଅମ୍ଳଜାନ ଲିକ୍ ଏବଂ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ରରେ ସେବା ମଡ୍ୟୁଲରେ ତ୍ରୁଟି ସମେତ ଅନେକ ସମସ୍ୟା ଯୋଗୁ ଏହି ଅଭିଯାନକୁ ପାଞ୍ଚ ପାଞ୍ଚ ଥର ବାତିଲ କରାଯାଇ ସାରିଥାଏ। କାଉଣ୍ଟ ଡାଉନ ଆରମ୍ଭ ହୋଇସାରିଥାଏ। ସବୁରି ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ: ଏଥର ଉତ୍‌କ୍ଷେପଣ ସଫଳ ହେବ ତ? ଇତିମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ପ୍ରକ୍ଷେପଣ ସମୟରେ ପାଗ ଅନୁକୂଳ ପ୍ରାୟ: କାଉଣ୍ଟ ଡାଉନ ମନିଟରରେ '୦୦:୦୦:୦୦' ସମୟ ବୋଲି ପ୍ରଦର୍ଶିତ ହେଲା। ସମସ୍ତଙ୍କର ନଜର ଥାଏ ଲଞ୍ଚ୍ ପ୍ୟାଡ୍‌ରେ ସଂଯୁକ୍ତ ଫାଲକନ-୯ ରକେଟ ଉପରେ। ଅଚାନକ ଚତୁଃପାର୍ଶ୍ୱକୁ ବିପୁଳ ଧୂଆଁ ନିକ୍ଷେପ କରି ରକେଟ ଇନ୍ଧନର ଦହନ ପ୍ରକ୍ରିୟା ଆରମ୍ଭ ହେଲା ଏବଂ ରକେଟଟି ଉର୍ଦ୍ଧ୍ୱକୁ ଉଠିବା ଆରମ୍ଭ କଲା। କ୍ରମଶଃ ରକେଟ ଲଞ୍ଚ୍ ପ୍ୟାଡ୍ ତ୍ୟାଗକରି ଆକାଶକୁ ଆରୋହଣ କଲା ଏବଂ ଦୂରନ୍ତ ଗତିରେ ଛୁଟିଯାଇ ଦୃଷ୍ଟିପଟରୁ ଅନ୍ତର୍ଦ୍ଧାନ ହୋଇଗଲା। ଅଭିଯାନର ଏହି ସଫଳତାରେ ଉଲ୍ଲସିତ ହୋଇ ଉପସ୍ଥିତ ବୈଜ୍ଞାନିକମାନେ କରତାଳି ତଥା କରମର୍ଦ୍ଦନ କରି ପରସ୍ପରକୁ ଅଭିବାଦନ ଜଣାଇଲେ। ଇତିମଧ୍ୟରେ ଅଭିଯାନର ଫାଲକନ-୯ ଅନ୍ତରୀକ୍ଷ ଯାନଟି ପୃଥିବୀକୁ ପ୍ରାୟ ୪୦୦ କିମି ଉର୍ଦ୍ଧ୍ୱରେ ପ୍ରଦକ୍ଷଣରତ। ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ର ସହିତ ସଫଳତାର ସହ ଡକିଙ୍ଗ କରି ମହାକାଶଚାରୀମାନେ ଏହି ଅନ୍ତରୀକ୍ଷ କେନ୍ଦ୍ରରେ ପ୍ରବେଶ କରିଛନ୍ତି।



ଏହି ଅଭିଯାନର ଚାଳକ ଦଳରେ ସଦସ୍ୟ ଥିଲେ ଜଣେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା। ସେ ଏହି ଅଭିଯାନରେ ସ୍ପେସ-ଏକ୍ସ କମ୍ପାନୀର ଫାଲକନ-୯ ଅନ୍ତରୀକ୍ଷ ଯାନରେ ଅନ୍ତରୀକ୍ଷ ଯାତ୍ରା କରି ଇତିହାସ ରଚନା କରିଛନ୍ତି। ଏହି ସଫଳତାରେ ସେ ପ୍ରଦକ୍ଷିଣରତ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ଯାତ୍ରା କରିବାରେ ପ୍ରଥମ ଭାରତୀୟ ଏବଂ ମହାକାଶରେ ପୃଥିବୀକୁ ପ୍ରଦକ୍ଷିଣ କରିବା କ୍ଷେତ୍ରରେ ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଯାତ୍ରୀ ପାଲଟି ଯାଇଛନ୍ତି।

ସୂଚନାଯୋଗ୍ୟ ଯେ, ରାକେଶ ଶର୍ମା ଗତ ୧୯୮୪ରେ ରୁଷିଆର ସୋୟୁଜ ଯାନ ଜରିଆରେ ଅନ୍ତରୀକ୍ଷ ଯାତ୍ରା କରି ସାଲ୍ୟୁଟ-୭ ଅନ୍ତରୀକ୍ଷ କେନ୍ଦ୍ରରେ ପହଞ୍ଚିଥିଲେ ଓ ଅନ୍ତରୀକ୍ଷରେ ୮ ଦିନ ଅବସ୍ଥାନ କରିଥିଲେ। ସୁତରାଂ ରାକେଶ ଶର୍ମାଙ୍କ ଯାତ୍ରାର ଦୀର୍ଘ ୪୧ ବର୍ଷ ପରେ ଅନ୍ୟ ଜଣେ ଭାରତୀୟ ନାଗରିକ ଏବେ ମହାକାଶ ଯାତ୍ରା କରିଛନ୍ତି। ସେ ଅନ୍ତରୀକ୍ଷରେ ନିଜର ୧୪ ଦିନ କାଳ ରହଣି ମଧ୍ୟରେ ସେଠାକାର ମାଧାକର୍ଷଣ ରହିତ ପରିସ୍ଥିତିରେ କୃଷି ବିଜ୍ଞାନ, ଜୈବ ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ବିଶ୍ୱର ୩୧ ଦେଶର ବୈଜ୍ଞାନିକଙ୍କ ଦ୍ୱାରା ବିକଶିତ ସମୁଦାୟ ୬୦ଟି ଉଚ୍ଚକୋଟୀର ପରୀକ୍ଷା ନିରୀକ୍ଷା ସମ୍ପାଦନ କରିବେ। ଏହି ଅଭିଯାନରେ ଶୁଭାଂଶୁ ଅଭିଯାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଲଟ (ଚାଳକ)ର ଦାୟିତ୍ୱ ନିର୍ବାହ କରୁଛନ୍ତି।

ଶୁଭାଂଶୁ ୧୯୮୫ ମସିହା ଅକ୍ଟୋବର ୧୦ ତାରିଖରେ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଶମ୍ଭୁ ଦୟାଳ ଶୁକ୍ଲା ଯେ କି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଥିଲେ। ମାତା ଆଶା ଶୁକ୍ଲା ଜଣେ ଗୃହିଣୀ ଥିଲେ। ମାତାପିତାଙ୍କର ତିନି ସନ୍ତାନ ମଧ୍ୟରୁ ଶୁଭାଂଶୁ ସର୍ବକନିଷ୍ଠ। ପିଲା ଦିନରୁ ତାଙ୍କର ସାମରିକ କ୍ଷେତ୍ର ତଥା ସାହସିକତା ପ୍ରତି ଗଭୀର ଆଗ୍ରହ ଥିଲା। ସେ ୧୯୯୯ ମସିହାର କାରଗିଲ ଯୁଦ୍ଧରେ ଭାରତୀୟ ସୈନିକଙ୍କ ବୀରତ୍ୱ ତଥା ଭାରତର ବିଜୟଗାଥାରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ (ନ୍ୟାଶନାଲ ଡିଫେନ୍ସ ଏକାଡେମୀ-ଏନ୍‌ଡିଏ) ପ୍ରବେଶିକାରେ ଭାଗ ନେଇଥିଲେ ଓ ସେଥିରେ ଉତ୍ତୀର୍ଣ୍ଣ ହୋଇ ସେଠାରେ ଶିକ୍ଷାଲାଭ ନିମନ୍ତେ ଯୋଗଦାନ କରିଥିଲେ। ସେ ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀରେ ଅଧ୍ୟୟନ କରି ୨୦୦୫ ମସିହାରେ କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକ ଡିଗ୍ରୀ ଲାଭ କରିଥିଲେ। ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀରୁ ଶିକ୍ଷା ସମାପ୍ତି ପରେ ସେ ଉଡ଼ାଣ ବିଭାଗରେ ମନୋନୀତ ହୋଇ ଭାରତୀୟ ବାୟୁସେନା ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତି ପରେ ସେ ୨୦୦୬ ମସିହାରେ ଭାରତୀୟ ବାୟୁସେନାର ଲଢୁଆ ବିମାନର ଫ୍ଲାଇଙ୍ଗ ଅଫିସର ରୂପେ ନିଯୁକ୍ତି ପାଇଥିଲେ।

ସେ ବାୟୁସେନାରେ ଲଢୁଆ ବିମାନର ଟେଷ୍ଟ ପାଇଲଟ ଭାବରେ ବିଭିନ୍ନ ଲଢୁଆ ବିମାନ ଯଥା ସୁଖୋଇ-୩୦ MKI, ମିଗ୍-୨୧, ମିଗ୍-୨୯, ଜାଗୁଆର, ହକ, ଡ୍ରୋନିୟର, ଏ.ଏନ୍. ୩୯ ଇତ୍ୟାଦିରେ ୨୦୦୦ ଘଣ୍ଟା କାଳ ଉଡ଼ାଣର ଅଭିଜ୍ଞତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଦକ୍ଷତାରେ ସନ୍ତୁଷ୍ଟ ହୋଇ ଭାରତୀୟ ବାୟୁସେନା ତରଫରୁ ତାଙ୍କୁ ଭାରତୀୟ ମାନବଯୁକ୍ତ ଅନ୍ତରୀକ୍ଷ ଉଡ଼ାଣ ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସମୟକ୍ରମେ, ଇସ୍ରୋ ତରଫରୁ ତାଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ତିମ ଚାରିଜଣ ମହାକାଶଚାରୀ ରୂପେ ମଧ୍ୟ ମନୋନୀତ କରାଯାଇଥିଲା। ସେ ୨୦୨୦ ମସିହାରେ ରୁଷିଆ ଯାତ୍ରା କରି 'ୟୁରି ଗାଗାରିନ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ର'ରେ ଅନ୍ତରୀକ୍ଷ ଉଡ଼ାଣ ସମ୍ବନ୍ଧୀୟ ମୌଳିକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତି ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ବେଙ୍ଗାଲୁରୁସ୍ଥିତ ମହାକାଶଯାତ୍ରୀ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭାରତୀୟ ବାୟୁସେନାର ଉଇଙ୍ଗ କମାଣ୍ଡର ପଦବୀକୁ ଉନ୍ନୀତ ହୋଇଥିଲେ। ଏହି ସମୟ ମଧ୍ୟରେ ସେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ବେଙ୍ଗାଲୁରୁରେ ଏରୋସ୍ପେସ ଇଞ୍ଜିନିୟରିଂ ପାଠ୍ୟକ୍ରମ ଅଧ୍ୟୟନ କରି ସେଥିରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ଭାରତୀୟ ମାନବଯୁକ୍ତ ଗଗନଯାନ ଅଭିଯାନର ସଦସ୍ୟ ରୂପେ ତାଙ୍କର ନାମ ପ୍ରଥମ କରି ଫେବୃଆରୀ ୨୭ ରାରିଖ ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ।

ଶୁଭାଂଶୁ ଆକ୍ସିଅମ ଅଭିଯାନ ୪ର ପାଇଲଟ ରୂପେ ସ୍ପେସ ଏକ୍ସ କମ୍ପାନୀର ଫାଲକନ-୯ ଯାନରେ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ଯାତ୍ରା କରିବା ନିମନ୍ତେ ମନୋନୀତ ହୋଇଥିଲେ। ସେ ସେଥିନିମନ୍ତେ ନାସାର ଜନ୍‌ସନ୍ ଅନ୍ତରୀକ୍ଷ କେନ୍ଦ୍ରଠାରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଅଭିଯାନ ନାସା, ସ୍ପେସ ଏକ୍ସ ଏବଂ ଇସ୍ରୋର ଏକ ମିଳିତ ଉଦ୍ୟମ ଅଟେ। ଏହି ଅଭିଯାନରେ ଶୁଭାଂଶୁଙ୍କ ସମେତ ସମୁଦାୟ ଚାରି ଜଣ ମହାକାଶ ଯାତ୍ରୀ ଅନ୍ତର୍ଭୁକ୍ତ। ସେମାନେ ହେଲେ: କମାଣ୍ଡର ଭୂମିକାରେ ଆମେରିକୀୟ ମହାକାଶଯାତ୍ରୀ ପେଗି ହ୍ୱିଟସନ, ଅଭିଯାନ ବିଶେଷଜ୍ଞ ଭୂମିକାରେ ପୋଲାଣ୍ଡର ସ୍ଲାୱଜ ଉଜନାନସ୍କି ୱିସ୍ନିୱସ୍କି ଓ ହଙ୍ଗେରୀର ନାଗରିକ ଟିବର କପୁ।

ଏହି ଅଭିଯାନ ଭାରତର ମହତ୍ତ୍ୱାକାଂକ୍ଷୀ ଗଗନଯାନ କାର୍ଯ୍ୟକ୍ରମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ରୂପେ ସାବ୍ୟସ୍ତ ହେବ। ଏହି ଅଭିଯାନ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ର ପରିବେଶ ମଧ୍ୟରେ କାର୍ଯ୍ୟ କରିବାର ଅନୁଭୂତି, ମାଧାକର୍ଷଣ ରହିତ ପରିସ୍ଥିତି ସହିତ ଖାପ ଖୁଆଇ ଜୀବନ ବଞ୍ଚିବାର ଶୈଳୀ, ମାଧାକର୍ଷଣ ରହିତ ପରିସ୍ଥିତିରେ ଜଟିଳ ବୈଜ୍ଞାନିକ ପରୀକ୍ଷଣ ସମ୍ପାଦନ ନିମନ୍ତେ ଦକ୍ଷତା ହାସଲ ଏବଂ ଅନ୍ତର୍ଜାତୀୟ ମହାକାଶ ନୀତିନିୟମ ମଧ୍ୟରେ କାର୍ଯ୍ୟ କରିବାରେ ବହୁମୂଲ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ପ୍ରାପ୍ତ ଜ୍ଞାନ ଆଗାମୀ ୨୦୩୦ ଦଶକ ସୁଦ୍ଧା ଭାରତର ନିଜସ୍ୱ ମହାକାଶଚାରୀଙ୍କୁ କକ୍ଷପଥରେ ଅବସ୍ଥାପିତ କରିବା ତଥା ସ୍ୱଦେଶୀ ଜ୍ଞାନକୌଶଳରେ ମହାକାଶ ଷ୍ଟେଶନ ନିର୍ମାଣ କରିବା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ।


-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଦୃଢ଼ ରହିବ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି ଏକ ସରଳ ତଥା ସହଜ ଉପାୟ ରହିଛି ଯାହା ଦ୍ୱାରା ଆମେ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିପାରିବା। ଏଭଳି ବିଷୟରେ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ପ୍ରଦୂଷଣମୁକ୍ତ ପରିବେଶରେ ରହନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ରହିବ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ପ୍ରଦୂଷଣମୁକ୍ତ ପରିବେଶରେ ରଖି ସେମାନେ ଏକଥା ଜାଣିପାରିଛନ୍ତି।

## କିପରି ହୁଏ କିଡ୍‌ନୀ ଡାଏଲିସିସ୍



ଡାଏଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାଏଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍ ଅଣୁ ଇତ୍ୟାଦିକୁ ରକ୍ତରୁ ବାହାର କରି ନ ଦେଇ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ରକ୍ତରୁ ନିଷ୍କାସନ କରିଦିଏ। ଡାଏଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିଘର୍‌ମିଏବଲ୍ ପରଦା। ଏହି ପରଦାଟି ସେଲ୍ୟୁଲୋଜ୍ ଏସିଟେଟ୍ କିମ୍ବା ପଲି ୟୁରେଥେନ୍ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍ ନାମକ ଉପାଦାନରେ ତିଆରି। ପରଦାଟିରେ ରହିଥାଏ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ। ସେହି ଛିଦ୍ରଗୁଡ଼ିକ ମଧ୍ୟ ଦେଇ ରକ୍ତରେ ଜମିଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନଗୁଡ଼ିକୁ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାଏଲିସିସ୍ ଦ୍ରବଣ ବା ଡାଏଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ। ଫଳରେ ରକ୍ତରେ ହ୍ରାସ ପାଏ ସେହି ସବୁ ବର୍ଜ୍ୟର ପରିମାଣ। ରକ୍ତ କୋଷିକା ଓ ପ୍ରୋଟିନ୍ ଅଣୁ ଭଳି ବଡ଼ ଆକାରର ଉପାଦାନଗୁଡ଼ିକ ଉକ୍ତ ସେମିପର୍‌ମିଏବଲ୍ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି। ଆକ୍ୟୁଟ୍ ରେନାଲ୍ ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ସମ୍ଭବ ହୋଇ ପାରୁ ନ ଥିବା ରୋଗୀମାନଙ୍କ ପାଇଁ ଡାଏଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।

## ମନ ପସନ୍ଦର ଗୀତ ବଢ଼ାଏ କାର୍ଯ୍ୟଦକ୍ଷତା



ମନ ପସନ୍ଦର ଗୀତ ଶୁଣିବାକୁ କିଏ ବା ଭଲ ନ ପାଏ। ଏହାଦ୍ୱାରା ଭାରାକ୍ରାନ୍ତ ମନ ହାଲୁକା ହୋଇଥାଏ। ମନ ପ୍ରଫୁଲ୍ଲ ରହିଥାଏ। ଏହି ତାଲିକାରେ ଆଉ ଏକ କଥା ନିକଟରେ ଯୋଡ଼ାଯାଇଛି। ଯଦି ଜଣେ ବ୍ୟକ୍ତି ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣନ୍ତି, ତେବେ ତାଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ଏଭଳି ସର୍ଭେ କରାଯାଇଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ସମୟ ମନ ପସନ୍ଦର ଗୀତ ଶୁଣୁଥିଲେ ସେମାନଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ତେବେ ଗୀତ ଶୁଣିବାର ସମୟସୀମା ଯେପରି ଅନ୍ୟ କାମକୁ ପ୍ରଭାବିତ ନ କରେ ସେଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣିରଖନ୍ତୁ

- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଆମ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ଦୃଢ଼ ରଖିବା ଲାଗି ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହିଲେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଉଠି କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଶରୀର ହାଲୁକା ଲାଗିଥାଏ ଏବଂ କାମ କରିବାକୁ ଅଧିକ ଆଗ୍ରହ ସୃଷ୍ଟି ହୁଏ।
- ରାତିରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହାର ଖରାପ ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିବ ନାହିଁ। ରାତ୍ରଭୋଜନରେ ଭାତ ଏବଂ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ମୁଣ୍ଡ ବିନ୍ଧା ସମସ୍ୟା ଯଦି ଦୀର୍ଘ ଦିନ ଧରି ଲାଗିରହିଲା ତେବେ ଡାକ୍ତରଙ୍କ ପରାମର୍ଶ ବିନା କିଛି ଔଷଧ ଖାଆନ୍ତୁ ନାହିଁ। କାରଣ ଦୀର୍ଘକାଳୀନ ମୁଣ୍ଡ ବିନ୍ଧାର ପ୍ରକୃତ କାରଣ ଡାକ୍ତର ଜାଣିବା ପରେ ହିଁ ତାହାର ଠିକ୍ ଚିକିତ୍ସା କରିଥାଆନ୍ତି।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।
- କଞ୍ଚା ଗାଜର ଖାଇବା ବେଶ୍ ଉପକାରୀ। ଏହାଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।



## ସ୍କିଜୋଫ୍ରେନିୟାରେ ପୁରୁଷମାନେ ଅଧିକ ଆକ୍ରାନ୍ତ ହୁଅନ୍ତି



ସ୍କିଜୋଫ୍ରେନିୟା ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରି ଏକଥା ଜାଣିପାରିଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସ୍କିଜୋଫ୍ରେନିୟା ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଲେ ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ସେ ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ। ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। ରୋଗୀମାନେ ବେଳେବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ ନିଜର କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଡାକ୍ତରଙ୍କ ସହ ବିଷଦ ଭାବରେ ଆଲୋଚନା କରନ୍ତୁ। ଯଦି ଏଥିରେ ଶଙ୍କୋଚ ପ୍ରକାଶ କଲେ, ତେବେ ହୁଏତ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି।

➤ ସବୁବେଳେ ନିଜର ନମୁନା (ରକ୍ତ, ମଳ, ମୂତ୍ର ଆଦି) ପରୀକ୍ଷା ଭଲ ପ୍ୟାଥୋଲ୍ୟାବ୍‌ରେ ହିଁ କରାନ୍ତୁ। ଏ କ୍ଷେତ୍ରରେ ଶସ୍ତାରେ ପଡ଼ି ହୀନସ୍ତା ହୁଅନ୍ତୁ ନାହିଁ। କାରଣ ଏହା ଠିକ୍ ଭାବରେ ପରୀକ୍ଷା ହୋଇଥିଲେ ତାହାକୁ ଆଧାର କରି ଡାକ୍ତର ରୋଗ ନିର୍ଣ୍ଣୟ କରିଥାଆନ୍ତି।



➤ ବର୍ତ୍ତମାନ ବର୍ଷାଦିନ ଆସିଗଲାଣି। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରନ୍ତୁ। ପାଣିକୁ ଭଲ ଭାବରେ ଉଷୁମ କରି ପିଅନ୍ତୁ। ଖାଦ୍ୟପଦାର୍ଥ ଏବଂ ପିଇବା ପାଣି ସବୁବେଳେ ଘୋଡ଼ାଇ ରଖନ୍ତୁ।

➤ ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ ଆପଣଙ୍କର ସବୁବେଳେ ବାହାର ଖାଦ୍ୟ ଖାଇବାର ଅଭ୍ୟାସ ଅଛି କି? ଯଦି ହଁ, ତେବେ ଏହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ପେଟଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

## ସନ୍ତୁଳିତ ଖାଦ୍ୟ ଖାଉଥିଲେ...

କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ଆମେ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତେଣୁ ଶରୀରକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ଆମକୁ ନିଜର ଦୈନନ୍ଦିନ ଖାଦ୍ୟପଦାର୍ଥ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। କାରଣ ଏଭଳି ଖାଦ୍ୟରେ ଥିବା ଉପକାରୀ ତତ୍ତ୍ୱ ଆମ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଶକ୍ତି ଯୋଗାଇଥାଏ। ତା' ସହ ଆମର ପାଚନକ୍ରିୟା ମଧ୍ୟ ଠିକ୍ ରହିଥାଏ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମେ ଠିକ୍ ସମୟରେ ଖାଇବା ଦରକାର। ଏକାଥରେ ପୁରାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଇଲେ ଭଲ। ସେହି ମୁତାବକ ପାଣି ମଧ୍ୟ ପିଇବା ଦରକାର। ସନ୍ତୁଳିତ ଖାଦ୍ୟ ବ୍ୟତୀତ ନିୟମିତ ବ୍ୟାୟାମ କରନ୍ତୁ। ତା' ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୩୦/୨୦୨୫ Bhubaneswar, Monday, June 30/ 2025


# ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଜୋକୋଭିଚ୍

## ଆଜିଠାରୁ ଉିମ୍ବଲଡନ ଚାମ୍ପିୟନଶିପ୍

ଲଣ୍ଡନ,୨୯।୬(ଏପି)


ନୋଭାକ ଜୋକୋଭିଚ୍

ସୋମବାରଠାରୁ ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଉିମ୍ବଲଡନ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। ଗ୍ରାସକୋର୍ଟରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟରେ କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ କ୍ୟାରିୟରର ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ଏପର୍ଯ୍ୟନ୍ତ ପୁରୁଷ କିମ୍ବା ମହିଳା ସିଙ୍ଗଲ୍ସରେ ବିଶ୍ୱର କୌଣସି ଖେଳାଳି ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ନାହାନ୍ତି। ପୁରୁଷଙ୍କ ମଧ୍ୟରେ ଜୋକୋଭିଚ୍ ସର୍ବାଧିକ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ବେଳେ ମହିଳାଙ୍କ ମଧ୍ୟରେ ମାର୍ଗେରେଟା କୋର୍ଟଙ୍କ ନାମରେ ସମାନ ସଂଖ୍ୟକ ଟାଇଟଲ ରହିଛି। ଜୋକୋଭିଚ୍ ପୂର୍ବରୁ ୭ ଥର ଉିମ୍ବଲଡନ ଜିତିଛନ୍ତି, ଯାହାକି ଟୁର୍ନାମେଣ୍ଟ ଇତିହାସରେ ଦ୍ୱିତୀୟ ସର୍ବାଧିକ। ସୁଇଜରଲାଣ୍ଡର କିମ୍ବଦନ୍ତୀ ରୋଜର ଫେଡେରର ସର୍ବାଧିକ ୮ଟି ଟାଇଟଲ ଜିତିଥିଲେ। ତେବେ ଗତ ବର୍ଷଠାରୁ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ନ ଥିବା ଜୋକୋଭିଚ୍ଙ୍କ ଲାଗି ଏହି ଟୁର୍ନାମେଣ୍ଟ ସହଜ ହେବ ନାହିଁ। ଏହା ତାଙ୍କର ଅନ୍ତିମ ଉିମ୍ବଲଡନ ଟୁର୍ନାମେଣ୍ଟ ହୋଇପାରେ। କାରଣ ଫ୍ରେଞ୍ଚ ଓପନ ସେମିଫାଇନାଲରେ ପରାଜୟ ପରେ ସେ ତାହା ତାଙ୍କର ଅନ୍ତିମ ଫ୍ରେଞ୍ଚ ଓପନ ହୋଇପାରେ ବୋଲି କହିଥିଲେ। ଜୋକୋଭିଚ୍ଙ୍କୁ ୱାର୍ଲ୍ଡ ନଂ-୨ କାର୍ଲୋସ ଆଲ୍କାରାଜ ଓ ୱାର୍ଲ୍ଡ ନଂ-୧ ଜାନିକ ସିନରଙ୍କଠାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମିଳିବ। ୩୭ ବର୍ଷୀୟ ସର୍ବିଆ କିମ୍ବଦନ୍ତୀ ସେମିଫାଇନାଲରେ ସିନରଙ୍କୁ ଓ ଫାଇନାଲରେ ଆଲ୍କାରାଜଙ୍କୁ ଭେଟିପାରନ୍ତି। ସ୍ପେନର ୨୨ ବର୍ଷୀୟ ଆଲ୍କାରାଜ ୩ ସପ୍ତାହ ତଳେ ଫ୍ରେଞ୍ଚ ଓପନ ଜିତିଥିଲେ। ସେ ଏପର୍ଯ୍ୟନ୍ତ ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିବା ବେଳେ ପ୍ରତ୍ୟେକ ଥର ବିଜୟୀ ହୋଇଛନ୍ତି। ଏଥିସହିତ ସେ ଗତ ଦୁଇ ସଂସ୍କରଣରେ ଚାମ୍ପିୟନ ହୋଇଛନ୍ତି। ହ୍ୟାଟ୍ରିକ ଲକ୍ଷ୍ୟରେ ଥିବା ଆଲ୍କାରାଜ ପ୍ରଥମ ରାଉଣ୍ଡରେ ଫାବିଓ ଫଗନିନିଙ୍କୁ ଭେଟିବେ। ସେ ୧୮ ମ୍ୟାଚ୍ ବିଜୟ ଧାରା ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଛନ୍ତି। ଇଟାଲିର ସିନର ମଧ୍ୟ ଟାଇଟଲ ଦାବିଦାର ରହିବେ। ପୂର୍ବରୁ ସେ କଦାପି ଉିମ୍ବଲଡନ ଫାଇନାଲ ଖେଳି ନାହାନ୍ତି। ୨୦୨୩ ସଂସ୍କରଣରେ ସେମିଫାଇନାଲ ଖେଳିଥିଲେ, ଯାହାକି ଏହି ଗ୍ରାସ୍କୋର୍ଟ ଟୁର୍ନାମେଣ୍ଟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ, ଜେସିକା ପେଗୁଲା, ଆରିନା ସାବାଲେଙ୍କା ଓ କୋକୋ ଗଫଙ୍କ ଉପରେ ନଜର ରହିବ। ଏମାନେ କଦାପି ଉିମ୍ବଲଡନ ଜିତି ନାହାନ୍ତି। ଏହି ଟପ୍-୪ ର୍ୟାଙ୍କପ୍ରାପ୍ତ ଖେଳାଳିଙ୍କ ବ୍ୟତୀତ ଏଲିନା ରିବାକିନା ମଧ୍ୟ ଟାଇଟଲ ଲାଗି ଦାବିଦାର ରହିବେ। ସେ ୨୦୨୨ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଗତ ୭ ବର୍ଷରେ ଉିମ୍ବଲଡନ ମହିଳା ସିଙ୍ଗଲ୍ସରେ ୭ ଭିନ୍ନ ଭିନ୍ନ ଖେଳାଳି ଚାମ୍ପିୟନ ହୋଇଛନ୍ତି। ଏଣୁ ମହିଳା ସିଙ୍ଗଲ୍ସ ଟାଇଟଲ ଲାଗି ମୁକାବିଲା ଜୋରଦାର ହେବ।


ଇଂଲଣ୍ଡର ଇଷ୍ଟବୋର୍ନସ୍ଥିତ ଡେଭନ ଶାୟାର ପାର୍କ ଲନ୍ ଟେନିସ କ୍ଲବରେ ଫିଲିପାଇନ୍ସର ଆଲେଜାଣ୍ଡ୍ରା ଇଆଲା ବିପକ୍ଷ ମହିଳା ସିଙ୍ଗଲ୍ସ ଫାଇନାଲ ଜିତିବା ପରେ ଟ୍ରଫି ସହ ଅଷ୍ଟ୍ରେଲିଆର ମାୟା ଜଏଣ୍ଟ।

## ସେପ୍ଟେମ୍ବରରେ ଏସିଆ କପ୍ ହୋଇପାରେ

**ନୂଆଦିଲ୍ଲୀ,୨୯।୬:** ଦୁଇ ମାସ ତଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ଚଳିତ ବର୍ଷ ଏସିଆ କପ୍ ଓ ଆଗାମୀ ଆଇସିସି ଇଭେଣ୍ଟରେ ପରସ୍ପର ସହ ଖେଳିବେ



ନାହିଁ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ବର୍ତ୍ତମାନ ଏକ ରିପୋର୍ଟ ମୁତାବକ, ଏସିଆନ କ୍ରିକେଟ୍ କାଉନସିଲ (ଏସିସି) ଆସନ୍ତା ସେପ୍ଟେମ୍ବରରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ୟୁଏଇ ଆଦି ୬ ଦଳକୁ ନେଇ ଏସିଆ କପ୍ ଆୟୋଜନ କରିବାକୁ ଯାଉଛି। ଏପରିକି ଆସନ୍ତା ସପ୍ତାହରେ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିବାକୁ ଯୋଜନା କରୁଛି। ଚଳିତ ବର୍ଷ ଟି୨୦ ଫର୍ମାଟ୍ରେ ଟୁର୍ନାମେଣ୍ଟ ଖେଳାଯିବ ଏବଂ ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ କରିବାକୁ ଆୟୋଜକ ଲକ୍ଷ୍ୟ ରଖିଛନ୍ତି। ତେବେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ନାହିଁ। ଆସନ୍ତା ସପ୍ତାହରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ।

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ପ୍ରଥମ ଟେଷ୍ଟ


ବୁଲାୱାୟୋ,୨୯।୬

ଜିମ୍ବାୱେ ବିପକ୍ଷରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ରହିଛି। ଦକ୍ଷିଣ ଆଫ୍ରିକା ତା'ର ପୂର୍ବଦିନର ପ୍ରଥମ ଇନିଂସ ସ୍କୋର ୪୧୮/୯ରେ ପାଳି ସମାପ୍ତି ଘୋଷଣା କରିଥିଲା। ଜବାବରେ ସିନ ୱିଲିଅମ୍ସଙ୍କ ଶତକ ସତ୍ତ୍ୱେ ଜିମ୍ବାୱେ ୨୫୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ୱିଲିଅମ୍ସ ସର୍ବାଧିକ ୧୩୭ ରନର ଇନିଂସ ଖେଳିଥିଲେ। ଏହା ତାଙ୍କର ଷଷ୍ଠ ଟେଷ୍ଟ ଶତକ ଥିଲା। ତାଙ୍କ ବ୍ୟତୀତ ଅଧିନାୟକ କ୍ରେଗ ଏର୍ଭିନ ୩୬ ରନ କରିଥିଲେ। ଦ. ଆଫ୍ରିକା ପକ୍ଷରୁ ୱିଆନ ମୁଲ୍ଡର ୪ଟି ଉଇକେଟ ନେଇଥିବା ବେଳେ କୋଡି ୟୁସୁଫ ଓ କେଶବ ମହାରାଜ ୩ ଲେଖାଏ ଉଇକେଟ ନେଇଥିଲେ। ଏଥିସହିତ ମହାରାଜ ଦକ୍ଷିଣ ଆଫ୍ରିକାର ପ୍ରଥମ ସ୍ପିନର ଭାବେ ଟେଷ୍ଟ କ୍ରିକେଟରେ ୨୦୦ ଉଇକେଟ ପୂରଣ କରିଛନ୍ତି। ପ୍ରଥମ ଇନିଂସ ଭିତ୍ତିରେ ୧୬୭ ରନ୍ର ଅଗ୍ରଣୀ ହାସଲ କରିଥିବା ଦ. ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ୧୩ ଓଭରରେ ୧ ଉଇକେଟ କ୍ଷତିରେ ୪୯ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟୋନି ଡି ଜର୍ଜି ୨୨ ଓ ମୁଲ୍ଡର ୨୫ ରନରେ ବ୍ୟାଟିଂ କରୁଛନ୍ତି। ଦକ୍ଷିଣ ଆଫ୍ରିକା ହାତରେ ୯ ଉଇକେଟ ସୁରକ୍ଷିତ ରଖି ୨୧୬ ରନରେ ଆଗରେ ରହିଛି।

### ବେନେଟ କନ୍କଶନର ସମ୍ମୁଖୀନ

ଜିମ୍ବାୱେ ଓପନର ବ୍ରିଆନ ବେନେଟ କନ୍କଶନ କାରଣରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ପ୍ରିନ୍ସ ମାସଭରେ ମ୍ୟାଚ୍ର ଅବଶିଷ୍ଟାଂଶରେ ଖେଳିବେ। ଜିମ୍ବାୱେ ଇନିଂସର ଷଷ୍ଠ ଓଭରରେ ଦକ୍ଷିଣ ଆଫ୍ରିକୀୟ ପେସର କ୍ୱେନା ମାଫାକାଙ୍କ ବାଉନ୍ସରକୁ ପୁଲ ସଟ୍ ଖେଳିବାକୁ ଉଦ୍ୟମ କରିଥିବା ବେନେଟଙ୍କ ହେଲମେଟରେ ବଲ ବାଜିଥିଲା। ଫିଜିଓଙ୍କ ଦ୍ୱାରା କନ୍କଶନ ଟେଷ୍ଟ ପରେ ସେ ୩ ବଲ ଖେଳିବା ପରେ ଫିଲ୍ଡ ଛାଡ଼ି ଚାଲିଯାଇଥିଲେ।

### ସିନ୍ ୱିଲିଅମ୍ସଙ୍କ ଶତକ



**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୧୮/୯(ପାଳି ଘୋଷଣା)। ଜିମ୍ବାୱେ ପ୍ରଥମ ଇନିଂସ: ୨୫୧/ଅଲଆଉଟ୍ (ସିନ ୱିଲିଅମ୍ସ-୧୩୭, କ୍ରେଗ ଏର୍ଭିନ-୩୬, ୱିଆନ ମୁଲ୍ଡର-୪/୫୦, କୋଡି ୟୁସୁଫ-୩/୪୨, କେଶବ ମହାରାଜ-୩/୭୦)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୩ ଓଭରରେ ୪୯/୧ (ୱିଆନ ମୁଲ୍ଡର-୨୫, ଟୋନି ଡି ଜର୍ଜି-୨୨, ତାନାକା ଚିଭାଙ୍ଗା-୧/୧୮)।

## ଲାଣ୍ଡୋ ନୋରିସ ଜିତିଲେ ଅଷ୍ଟ୍ରିଆନ ଗ୍ରାଁ ପ୍ରି

**ସ୍ପିଲ୍ବର୍ଗ, ୨୯।୬ (ଏପି):** ଲାଣ୍ଡୋ ନୋରିସ ଅଷ୍ଟ୍ରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ରେସ୍ରେ ସେ ତାଙ୍କ ମ୍ୟାକଲରେନ ଟିମ୍ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କଠାରୁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିଥିଲା। ଚଳିତ ସିଜନରେ ନୋରିସଙ୍କର ଏହା ହେଉଛି ତୃତୀୟ ବିଜୟ। ଏହାଦ୍ୱାରା ସେ ତାଙ୍କର ଫର୍ମୁଲା ୱାନ ଟାଇଟଲ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଫେରାରିର ଚାର୍ଲ୍ସ ଲେକ୍ଲେର୍କ୍ ୧୭ ସେକେଣ୍ଡ ପଛରେ ରହି ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଟିମ୍ମେଟ ଲୁଇସ୍ ହାମିଲଟନ ଚତୁର୍ଥ ହୋଇଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ୫ମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେସ୍ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲିଆମ ଲସନ (ଆର୍ବି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଗାବ୍ରିଏଲ୍ ମୋର୍ଟୋଲେଟୋ (ସୌବେର), ନିକୋ ହକେନବର୍ଗ (ସୌବେର) ଓ ଏଷ୍ଟିବାନ ଓକନ (ହାସ୍)। ୱିୟରସ୍ରେ ସମସ୍ୟା ଦେଖା ଦେବାରୁ କାର୍ଲୋସ ସେଞ୍ଜ ରେସ୍ ଆରମ୍ଭ କରିପାରି ନ ଥିଲେ। ଅଷ୍ଟ୍ରିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ କ୍ୟାଲେଣ୍ଡରରେ ୨୦୪୧ ପର୍ଯ୍ୟନ୍ତ ସ୍ଥାନ ପାଇବ। ରବିବାର ରେଡ୍ବୁଲ୍ ରିଙ୍ଗ୍ରେ ଏହା ଘୋଷଣା କରାଯାଇଛି। ଅଷ୍ଟ୍ରିଆ ସହିତ ୨୦୩୦ ପର୍ଯ୍ୟନ୍ତ ଚୁକ୍ତି ହୋଇଥିଲା। ଏହାର ମିଆଦକୁ ସମ୍ପ୍ରସାରିତ କରାଯାଇଛି।

## କୋଚ୍ଙ୍କ ଲାଗି ଜୁଲାଇ ୩୧ ସୁଦ୍ଧା ପଞ୍ଜୀକରଣ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୯।୬(ପି.ଟି.)

ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ସମସ୍ତ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ କୋଚ୍ଙ୍କ ଲାଗି ବାଧ୍ୟତାମୂଳକ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଏଥିଲାଗି ଜୁଲାଇ ୩୧ ତାରିଖକୁ ଡେଡ୍ ଲାଇନ୍ ଧାର୍ଯ୍ୟ କରାଯାଇଛି। ନିର୍ଦ୍ଦେଶର ପାଳନ କଲେ କୋଚ୍ଙ୍କୁ ବ୍ଲାକଲିଷ୍ଟ କରାଯିବ।

ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ସର୍କ୍ୟୁଲାରରେ କୁହାଯାଇଛି ଯେ, ଏଏଫ୍ଆଇ ସମସ୍ତ କୋଚ୍ଙ୍କର ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନେଇଛି। ପୂରା ଦେଶରେ ବିଭିନ୍ନ ଭେନ୍ୟୁରେ ଆଥଲେଟ୍ଙ୍କ ଟ୍ରେନିଂରେ ସମ୍ପୃକ୍ତ ରହୁଥିବା ସ୍ୱୀକୃତି କିମ୍ବା ଅଣସ୍ୱୀକୃତିପ୍ରାପ୍ତ କୋଚ୍ଙ୍କୁ ଏଥିରେ ସାମିଲ କରାଯିବ। ଏଏଫ୍ଆଇ ସହିତ ପଞ୍ଜୀକରଣ କରିବା ସମସ୍ତ କୋଚ୍ଙ୍କ ଲାଗି ବାଧ୍ୟତାମୂଳକ। ପଞ୍ଜୀକରଣ କରାଇ ନ ଥିବା କୋଚ୍ଙ୍କୁ ଆଥ୍ଲେଟ୍ଙ୍କ ଟ୍ରେନିଂ ଓ ଏଏଫ୍ଆଇ ଅଧୀନରେ କୌଣସି କାର୍ଯ୍ୟରେ କୌଣସି ପରିସ୍ଥିତିରେ ସାମିଲ କରାଯିବ ନାହିଁ। ସଫଳ ପଞ୍ଜୀକରଣ ପରେ ପ୍ରତ୍ୟେକ କୋଚ୍ଙ୍କୁ ସ୍ୱତନ୍ତ୍ର ରେଜିଷ୍ଟ୍ରେଶନ ନମ୍ବର ଦିଆଯିବ ଓ ଏକ ଆଇଡି କାର୍ଡ ଇସ୍ୟୁ କରାଯିବ। ଭାରତୀୟ ଟ୍ରାକ ଓ ଫିଲ୍ଡ ଆଥଲେଟ୍ସଙ୍କ ମଧ୍ୟରେ ଡୋପିଂ ମାମଲା ବୃଦ୍ଧି ପାଇବାରୁ ଗତ ଜାନୁଆରୀରେ ଚଣ୍ଡିଗଡ଼ଠାରେ ବସିଥିବା ଏଜିଏମ୍ରେ ସମସ୍ତ କୋଚ୍ଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ କରାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଗତ ବର୍ଷ ମଧ୍ୟ ଏଏଫ୍ଆଇ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିଲା। ହେଲେ ବଡ଼ ସଂଖ୍ୟାରେ କୋଚ୍ମାନେ ଏଥିଲାଗି ପଛଘୁଞ୍ଚା ଦେଇଥିଲେ। ୭ରୁ ୮ ହଜାର କୋଚ୍ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଥିଲା। ହେଲେ ଏହି ସଂଖ୍ୟା ୭ରୁ ୮ଶହରେ ସୀମିତ ରହିଥିଲା। ଏଥିଯୋଗୁ ଏଏଫ୍ଆଇ ଚଳିତ ବର୍ଷଠାରୁ କୋଚ୍ଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ କରିଛି।

# ତିମୋର ଲେସ୍ତେ ବିପକ୍ଷରେ ଭାରତ ବିଜୟୀ

ଚିଆଙ୍ଗ ମାଇ, ୨୯।୬ (ପି.ଟି.)

### ଏଏଫ୍ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ

ଭାରତର ସିନିୟର ମହିଳା ଫୁଟ୍ବଲ ଦଳ ଏଏଫ୍ସି ମହିଳା ଏସିଆନ୍ କପ୍ ୨୦୨୬ କ୍ୱାଲିଫାୟର୍ସରେ ଏହାର ଭଲ ପ୍ରଦର୍ଶନ ଜାରି ରଖିଛି। ଦଳ ରବିବାର ତିମୋର ଲେସ୍ତେକୁ ୪-୦ ଗୋଲ୍ରେ ପରାସ୍ତ କରିଛି। ଭାରତ ମ୍ୟାଚ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏକତରଫା ଭାବେ ଶେଷ ହୋଇଥିବା ଏହି ମ୍ୟାଚରେ ଓିଙ୍ଗର ମନିଷା କଲ୍ୟାଣ (୧୨ତମ, ୮୦ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରିଥିବାବେଳେ ଅଞ୍ଜୁ ତମାଙ୍ଗ (୫୮ତମ) ଓ ଲିଣ୍ଡା ସେର୍ଟୋ (୮୬ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ରବିବାର ଏହି ବିଜୟ ଦ୍ୱାରା ଭାରତ ଦୁଇଟି ଗେମ୍ରୁ ୬ ପଏଣ୍ଟ ଅର୍ଜନ କରି ଇରାକ୍ ଓ ଥାଇଲାଣ୍ଡ ଆଗରେ ଗ୍ରୁପ୍ 'ବି'ର ପ୍ରଥମ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୧୩-୦ ଗୋଲ୍ରେ ପରାସ୍ତ କରିବା ପରେ ଭାରତ ଏହି ମ୍ୟାଚରେ ଦୃଢ ଆତ୍ମବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ରେ ଆଗୁଆ ରହିଥିଲା।


ବିଜୟ ପରେ ଉଲ୍ଲସିତ ଭାରତୀୟ ଦଳର ସଦସ୍ୟା।

# ଆୟୁଷ, ତନ୍ଭୀ ଫାଇନାଲରେ

ଲୋୱା, ୨୯।୬ (ପି.ଟି.)

ଭାରତର ପ୍ରତିଭାସମ୍ପନ୍ନ ବ୍ୟାଡ୍ମିଣ୍ଟନ ଖେଳାଳି ତନ୍ଭୀ ଶର୍ମା ଓ ଆୟୁଷ ଶେଟ୍ଟି ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ୟୁଏସ୍ ଓପନ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ୧୬ବର୍ଷୀୟା ତଥା ଅଣ ସିଡ୍ ତନ୍ଭୀ ଏହି ସୁପର ୩୦୦ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୭ମ ସିଡ୍ ୟୁକ୍ରେନ୍ର ପୋଲିନା ବୁହ୍ରୋଭାଙ୍କୁ ୨୧-୧୪, ୨୧-୧୬ରେ ହରାଇ ଦେଇଛନ୍ତି। ମ୍ୟାଚ ଜିତିବା ଲାଗି ସେ ମାତ୍ର ୩୪ମିନିଟ ସମୟ ନେଇଥିଲେ। ୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଏହି ସ୍ୱଳ୍ପ ବୟସ୍କାଙ୍କର ଏହା ହେଉଛି କ୍ୟାରିୟରର ଦ୍ୱିତୀୟ ବିଜୟ। ତନ୍ଭୀ ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର ତଥା ଟପ୍ ସିଡ ବିୱେନ ଝାଙ୍ଗ୍ଙ୍କୁ ଭେଟିବେ। ଏଠାରେ ଚତୁର୍ଥ ସିଡ୍ ମାନ୍ୟତାପ୍ରାପ୍ତ ଆୟୁଷ ଏକ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଟପ୍ ସିଡ୍ ତଥା ବିଶ୍ୱର ୬ ନମ୍ବର ଖେଳାଳି ଚାଇନିଜ ତାଇପେଇର ଚୋଉ ତିନ୍ ଚେନ୍ଙ୍କୁ ୨୧-୧୩, ୨୧-୧୫, ୨୧-୧୪ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏହି ମ୍ୟାଚ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଆୟୁଷ ଫାଇନାଲରେ ଅନ୍ୟ ଜଣେ କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀ ତୃତୀୟ ସିଡ୍ କାନାଡାର ବ୍ରାଏନ୍ ୟାଙ୍ଗଙ୍କ ସହିତ ମୁକାବିଲା କରିବେ। ୟାଙ୍ଗ୍ ସେମିଫାଇନାଲରେ ଚାଇନିଜ ତାଇପେଇର ଲିଆଓ ଜୁଓ-ଫୁଙ୍କୁ ୨୧-୧୦, ୨୧-୧୨ରେ ପରାସ୍ତ କରିଛନ୍ତି। ସୂଚନାଯୋଗ୍ୟ, ତନ୍ଭୀ କ୍ୱାର୍ଟରଫାଇନାଲରେ ତାଙ୍କଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ମାଲେସିଆର କାରୁପା ଥେଭାନ ଲେଟ୍ଶାନାଙ୍କୁ ୨୧-୧୩, ୨୧-୧୬ରେ ହରାଇ ଦେଇଛନ୍ତି। ସେହିପରି ଆୟୁଷ କ୍ୱାର୍ଟରଫାଇନାଲରେ ତାଙ୍କଠାରୁ ଜଣେ ଉନ୍ନତ ଖେଳାଳି ବିଶ୍ୱ ଜୁନିୟର ଚାମ୍ପିୟନ ଚାଇନିଜ ତାଇପେଇର କୁଓ କୁଆନ୍ ଲିନ୍ଙ୍କୁ ୨୨-୨୦, ୨୧-୯ରେ ପରାଜିତ କରିଥିଲେ।


ଆୟୁଷ ଶେଟ୍ଟି


ତନ୍ଭୀ ଶର୍ମା

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ